

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୨୮ ଅଗଷ୍ଟ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 28 August 2026
Vol.No. 36 ■ No.226 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


# ନେପାଳ ବନ୍ୟାରେ ମୃତ୍ୟୁ ସଂଖ୍ୟା ୩୩୨କୁ ବୃଦ୍ଧି: ୨୮୮ ଭାରତୀୟ ନିଖୋଜ



ନୂଆଦିଲ୍ଲୀ,୨୭/୮ : ନେପାଳର ରସୁଓ୍ୱା ଅଞ୍ଚଳରେ ଗତକାଲି ଆସିଥିବା ପ୍ରଳୟକାରୀ ବନ୍ୟାରେ ଏପର୍ଯ୍ୟନ୍ତ ମୃତ୍ୟୁ ସଂଖ୍ୟା ୩୩୨ରେ ପହଞ୍ଚିଛି। ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିପାରେ। ଏହ ବିପର୍ଯ୍ୟରେ ଏପର୍ଯ୍ୟନ୍ତ ୧୫୦୦ରୁ ଅଧିକ ଲୋକ ନିଖୋଜ ଥିବା କୁହାଯାଉଛି। ବନ୍ୟା ଯୋଗୁଁ ଅନେକ ଅଞ୍ଚଳରେ ପରିବହନ ଏବଂ ଯୋଗାଯୋଗ ଭିତ୍ତିଭୂମି ବ୍ୟାପକ ଭାବେ ପ୍ରଭାବିତ ହୋଇଛି। ସରକାରୀ ତଥ୍ୟ ଅନୁସାରେ ୩୫ଟି ପୋଲ ଧୋଇଯାଇଛି। ଫଳରେ ଯୋଗାଯୋଗ ପାଇଁ ବଡ଼ ଅସୁବିଧା ହୋଇଛି। ଏହି ଘଟଣାରେ ୧୩ଟି ଜଳବିଦ୍ୟୁତ ପ୍ରକଳ୍ପକୁ କ୍ଷତି ପହଞ୍ଚାଇଛି। ଅନେକ ଯାନବାହନ ମଧ ଭସାଇ ନେଇଛି। ନେପାଳ ସେନା ପ୍ରଭାବିତ ଅଞ୍ଚଳରୁ ୨୫୦ରୁ ଅଧିକ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରିଛି। ଏଥିରେ କିଛି ଭାରତୀୟ ମଧ ଅଛନ୍ତି। ଏହାରି ମଧରେ ଭାରତ ସରକାର ସତର୍କ ଅଛନ୍ତି। ଉତ୍ତରପ୍ରଦେଶ ଏବଂ ବିହାରରେ ମଧ ପ୍ରଶାସନ ସତର୍କ ଅଛନ୍ତି। ଗଣ୍ଡକ, ନାରାୟଣୀ ଏବଂ କୋଶୀ ନଦୀର ଜଳସ୍ତର ଉପରେ ନଜର ରଖାଯାଇଛି। ଉତ୍ତରପ୍ରଦେଶର ମହାରାଜଗଂଜ ଏବଂ କୁଶୀନଗର ସମତେ ବିହାରର ସମ୍ବେଦନଶୀଳ ଅଞ୍ଚଳରେ ପ୍ରଶାସନକୁ ଆଲର୍ଟ ରହିବା ପାଇଁ ପରାମର୍ଶ ଜାରି କରାଯାଇଛି। ଗୃହ ମନ୍ତ୍ରାଳୟ ସମତେ ଅନେକ କେନ୍ଦ୍ରୀୟ ମନ୍ତ୍ରାଳୟ ଲଗାତାର ସ୍ଥିତି ଉପରେ ନଜର ରଖୁଛନ୍ତି। ବିହାରର ୬ଟି ଜିଲ୍ଲାରେ ସତର୍କ ରହିବାକୁ ପରାମର୍ଶ ଜାରି କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନେପାଳର ପ୍ରଧାନମନ୍ତ୍ରୀ ବାଲେନ ଶାହଙ୍କ ସହିତ ଫୋନ୍‌ରେ କଥାବାର୍ତ୍ତା ହୋଇଛନ୍ତି। ନେପାଳକୁ ସହାୟତା ଯୋଗାଇବା ପାଇଁ ଭରସା ମଧ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ବିପଦ ସମୟରେ ଭାରତୀୟ ଲୋକେ ନେପାଳର ଭାଇ-ଭଉଣୀଙ୍କ ସହିତ ଅଛନ୍ତି। ନେପାଳ ସରକାର ବନ୍ୟା ପୀଡ଼ିତଙ୍କ ପାଇଁ ସହଯୋଗ କରିବାକୁ ଅନ୍ତର୍ଜାତୀୟ ଦାତାଙ୍କ ପାଇଁ ଅନ୍‌ଲାଇନ୍ ପୋର୍ଟାଲ ଜାରି କରିଛନ୍ତି। ଏହି ପ୍ରଣାଳୀ ମାଧ୍ୟମରେ ବିଦେଶୀ ଦାତା ନିଜର ଡେବିଟ୍ ଅଥବା କ୍ରେଡିଟ୍ କାର୍ଡ ଜରିଆରେ କ୍ୟୁଆର କୋଡ ଜରିଆରେ ସିଧାସଳଖ ଆର୍ଥିକ ସହାୟତା ଦେଇପାରିବେ।

## ପୂର୍ବତନ ଡିଜିପି ୱାଇବି ଖୁରାନିଆଙ୍କୁ ହାଇକୋର୍ଟ ନୋଟିସ୍: ୭ ଦିନ ଭିତରେ ରଖିବେ ଜବାବ



ଭୁବନେଶ୍ୱର, ୨୭/୮ (ନି.ପ୍ର): ରାଜ୍ୟର ପୂର୍ବତନ ଡିଜିପି ଯୋଗେଶ ବାହାଦୂର ଖୁରାନିଆଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ହାଇକୋର୍ଟ। ବାରମ୍ୱାର ସୁଯୋଗ ଦିଆଯିବା ସତ୍ତ୍ୱେ କୋର୍ଟଙ୍କ ଆଦେଶ କାର୍ଯ୍ୟକାରୀ ନ ହେବା ଓ ମାମଲାରେ ବିଭ୍ରାନ୍ତିମୂଳକ ସତ୍ୟପାଠ ଦାଖଲ କରିବା ଅଭିଯୋଗକୁ ହାଇକୋର୍ଟ ଗୁରୁତ୍ୱର ସହ ନେଇ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆବଦେନକାରୀ ସାଗରିକା ପରିଡ଼ାଙ୍କ ପକ୍ଷରୁ ଅଦାଲତ ଅବମାନନା ମାମଲାର ଶୁଣାଣି କରି କୋର୍ଟ ଏହି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ୨୦୨୫, ସେପ୍ଟେମ୍ବର ୨୫ ଆଦେଶକୁ ଜାଣିଶୁଣି ଉଲ୍ଲଂଘନ ପାଇଁ କାହିଁକି ତାଙ୍କ ବିରୋଧରେ ଅଦାଲତ ଅବମାନନା ଆଇନର ଧାରା ୧୨ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ, ସେ ନେଇ କାରଣ ଦର୍ଶାଇବାକୁ ଶ୍ରୀ ଖୁରାନିଆଙ୍କୁ ନୋଟିସ୍ ଜାରି କରିଛନ୍ତି ହାଇକୋର୍ଟ। ଯୋଗେଶ ବାହାଦୂର ଖୁରାନିଆ ଅବସର ନେଇ ସାରିଥିବାରୁ ପୁଲିସ ଆଇଜି (ପର୍ସୋନେଲ) ତାଙ୍କୁ କାରଣ ଦର୍ଶାଅ ନୋଟିସ ପ୍ରଦାନ କରିବେ। କାରଣ ଦର୍ଶାଅ ନୋଟିସ ପାଇବାର ୭ ଦିନ ଭିତରେ ପୂର୍ବତନ ଡିଜିପି ଜବାବ ରଖିବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଯୋଗେଶ ବାହାଦୂର ଖୁରାନିଆ ଅଗଷ୍ଟ ୧୬ ତାରିଖରେ ଅବସର ନେଇ ସାରିଥିଲେ ମଧ ତାଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଚାଲିବ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏହା ସହିତ ୪ସପ୍ତାହ ମଧ୍ୟରେ ଆବେଦନକାରୀଙ୍କୁ ଚାକିରିରେ ପୁନଃସ୍ଥାପିତ ସଂପର୍କିତ ପୂର୍ବ ନିର୍ଦ୍ଦେଶ କାର୍ଯ୍ୟକାରୀ ସୁନିଶ୍ଚିତ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଯଦି ଏଥିରେ ଅବହେଳା ହୁଏ, ତା'ହେଲେ ଭାରପ୍ରାପ୍ତ ଡିଜିପି ଓ ଆଇଜି (ପର୍ସୋନେଲ) ସେପ୍ଟେମ୍ବର ୨୮ତାରିଖରେ ବ୍ୟକ୍ତିଗତ ଭାବେ ହାଜର ହେବେ ବୋଲି ହାଇକୋର୍ଟ କହିଛନ୍ତି।

## ଆଜି ରାଜ୍ୟ ପୁଲିସର ରାଜ୍ୟସ୍ତରୀୟ ସମୀକ୍ଷା ବୈଠକ: ମୁଖ୍ୟମନ୍ତ୍ରୀ ଓ ମୁଖ୍ୟ ସଚିବଙ୍କ ସାମ୍ନାରେ ବ୍ଲୁ ପ୍ରିଣ୍ଟ ରଖିବେ ବରିଷ୍ଠ ଆଇପିଏସ୍ ଓ ରେଞ୍ଜ ଆଇଜି





ଭୁବନେଶ୍ୱର, ୨୭/୮ (ନି.ପ୍ର): ରାଜ୍ୟରେ ଆଇନଶୃଙ୍ଖଳା ରକ୍ଷା ଓ ଅପରାଧ ନିୟନ୍ତ୍ରଣ ସମେତ ପୁଲିସ ଡିଜି-ଆଇଜି ସମ୍ମିଳନୀ-୨୦୨୫ରେ ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକର ଅଗ୍ରଗତିର ସମୀକ୍ଷା ପାଇଁ ଆସନ୍ତା ଶନିବାର(୨୯ତାରିଖ) ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ସମେତ ଅନ୍ତରୀଣ ପୁଲିସ ଡିଜି ବିନୟତୋଷ ମିଶ୍ର ଓ ଅନ୍ୟ ବରିଷ୍ଠ ଆଇପିଏସ୍ ଅଫିସରମାନେ ଯୋଗ ଦେବେ ବୋଲି ଜଣାପଡ଼ିଛି। ରାଜ୍ୟ ପୁଲିସ ମୁଖ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, ପୁଲିସ ଡିଜି-ଆଇଜି ସମ୍ମିଳନୀରେ ନିଆଯାଇଥିବା ନିଷ୍ପତ୍ତିରୁ ଏପର୍ଯ୍ୟନ୍ତ ଓଡ଼ିଶା କେତେ ପାଳନ କରିଛି ତା'ର ସମୀକ୍ଷା ହେବ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ଉପସ୍ଥିତିରେ ରାଜ୍ୟ ପୁଲିସର ବରିଷ୍ଠ ଅଫିସରମାନେ ପାୱାର ପଏଣ୍ଟ ପ୍ରେଜେଣ୍ଟେସନ୍ ଦେବେ। ଭୁବନେଶ୍ୱରସ୍ଥିତ ପୁଲିସ ଭବନରେ ୨୯ତାରିଖ ଦିନ ୧୧ଟାରୁ ପ୍ରାୟ ୩ଘଣ୍ଟା ଧରି ଏହି ସମୀକ୍ଷା ବୈଠକ ବସିବ ବୋଲି ସୂଚନା ମିଳିଛି। ଏହି ବୈଠକରେ ପୁଲିସ ଡିଜି ଶ୍ରୀ ମିଶ୍ର ସମ୍ମିଳନୀର ଆଭିମୁଖ୍ୟ ଉପରେ ସୂଚନା ଦେବା ପରେ ଦିନ ୧୧ଟା ୧୫ରୁ ପ୍ରାୟ ୧ଟା ପର୍ଯ୍ୟନ୍ତ କ୍ରାଇମବ୍ରାଂଚ, ◆◆ପୃଷ୍ଠା ୭

## ଗଞ୍ଜାମରେ ୪ ଦଶନ୍ଧିର ବିସ୍ଥାପିତ ସମସ୍ୟାର ସ୍ଥାୟୀ ସମାଧାନ: ୭୫.୬୦ କୋଟିର ପ୍ୟାକେଜ୍ ଓ ପଟ୍ଟା ବାଣ୍ଟିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ



ଭୁବନେଶ୍ୱର, ୨୭/୮ (ନି.ପ୍ର): ଗଞ୍ଜାମ ଗସ୍ତ ଅବସରରେ ବିସ୍ଥାପିତଙ୍କ ପାଇଁ ଏକ ବଡ଼ ଆର୍ଥିକ ସହାୟତା ପ୍ୟାକେଜ୍? ଏବଂ ଘରବାରି ପଟ୍ଟା ବଣ୍ଟନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନୂଆ ଗୋଳାବନ୍ଧଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ସେ ଦୀର୍ଘ ୪ ଦଶନ୍ଧି ଧରି ଲାଗି ରହିଥିବା ଜଟିଳ ବିସ୍ଥାପିତ ସମସ୍ୟାର ସ୍ଥାୟୀ ସମାଧାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୧,୩୭୧ଟି ବିସ୍ଥାପିତ ପରିବାର ପାଇଁ ପରିବାର ପିଛା ୫ ଲକ୍ଷ ଟଙ୍କା ଲେଖାଏଁ ମୋଟ ୭୫.୬୦ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ୟାକେଜ୍ ଘୋଷଣା କରିବା ସହ ୧,୦୦୮ଟି ନୂତନ ବାସଗୃହ ପ୍ରଦାନ କରିଛନ୍ତି। ଏହାବ୍ୟତୀତ ଛେଳିଗଡ଼ ଜଳସେଚନ ପ୍ରକଳ୍ପର ୧୧୨ଟି ବିସ୍ଥାପିତ ପରିବାରକୁ ଘରବାରି ଏବଂ ଚାଷଜମିର ପଟ୍ଟା ପ୍ରଦାନ କରାଯାଇଛି। ସମାବେଶକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ପୂର୍ବ ସରକାରଙ୍କ ଉପରେ ତୀବ୍ର ବର୍ଷିଥିଲେ। ସେ କହିଥିଲେ ଯେ, ବିଗତ ୨୪ ବର୍ଷ ଧରି ପୂର୍ବ ସରକାର ଗଞ୍ଜାମକୁ ନିଜର ଅଭେଦ୍ୟ ଦୁର୍ଗ ଭାବି ଲୋକଙ୍କ ମୌଳିକ ସମସ୍ୟା ଓ ଭବିଷ୍ୟତକୁ ସରକାରୀ ଫାଇଲ ତଳେ ଚାପି ରଖିଥିଲେ। କିନ୍ତୁ ବର୍ତ୍ତମାନର ବିଜେପି ଡବଲ ଇଞ୍ଜିନ୍ ସରକାର ଲୋକଙ୍କ ◆◆ପୃଷ୍ଠା ୭

## ନେପାଳରେ ଫସିଥିବା ଫୁଟବଲ ଖେଳାଳିଙ୍କୁ ଓଡିଶା ଫେରାଇ ଅଣାଯିବ- ମନ୍ତ୍ରୀ

ଭୁବନେଶ୍ୱର, ୨୭/୮ (ନି.ପ୍ର): ନେପାଳରେ ଫସିଥିବା ଫୁଟବଲ ଖେଳାଳିଙ୍କୁ ଓଡିଶା ଫେରାଇ ଅଣାଯିବ ବୋଲି କ୍ରୀଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ନେପାଳରେ ଦୁର୍ଭାଗ୍ୟଜନକ ଭାବେ ଭୁସ୍ଖଳନ ହେଲା। ଆମ ଖେଳାଳି ସେ ରିଜିଅନରେ ନାହାନ୍ତି। ସେମାନେ ସୁରକ୍ଷିତ ଅଛନ୍ତି। ସେଠାରୁ ସେମାନଙ୍କୁ ଆଣିବା ପାଇଁ ବିଭାଗ ପକ୍ଷରୁ ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ସେମାନଙ୍କ ସହ ଯୋଗାଯୋଗରେ ଅଛନ୍ତି। ନେପାଳ ସରକାରଙ୍କ ସହ ଯୋଗାଯୋଗରର ଅଛନ୍ତି। ଗୃହ ମନ୍ତ୍ରଣାଳୟକୁ ଏବାବଦରେ ଅବଗତ କରାଯାଇଛି।

## ଟ୍ରେନିଂ ବେଳେ ହଠାତ୍ ଖସିପଡ଼ିଲା ବିମାନ: କାନପୁରରେ ପାଇଲଟ୍-କୋପାଇଲଟ୍ ମୃତ

ନୂଆଦିଲ୍ଲୀ,୨୭/୮ : କାନପୁରରେ ବଡ଼ ଅଘଟଣ। ଟ୍ରେନିଂ ସମୟରେ ଦୁର୍ଘଟଣାଗ୍ରସ୍ତ ହେଲା ଏକ ପ୍ରଶିକ୍ଷଣ ବିମାନ। ଏହି ଭୟଙ୍କର ବିମାନ ଦୁର୍ଘଟଣାରେ ପାଇଲଟ୍ ଓ କୋ-ପାଇଲଟ୍‌ଙ୍କ ମୃତ୍ୟୁ ହୋଇଛି। ଆଜି କାନପୁରର ଗଙ୍ଗା ନଦୀ କୂଳ ନିକଟ ଏକ ଚାଷ ଜମିରେ ଏହି ଟ୍ରେନିଂ ଏୟାରକ୍ରାଫ୍ଟଟି ହଠାତ୍ ଖସିପଡ଼ିଥିଲା। ବିମାନଟି କାନପୁରର ଗାର୍ଗ ଏଭିଏସନ୍ ନାମକ ଏକ ଫ୍ଲାଇଟ୍ ଟ୍ରେନିଂ ଇନଷ୍ଟିଚ୍ୟୁଟ୍‌ର ବୋଲି ଜଣାପଡ଼ିଛି। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପାଇଲଟ୍ ଓ କୋ-ପାଇଲଟ୍‌ଙ୍କୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲ୍‌କୁ ନେଇଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଉଭୟଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ପରିଚୟ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ପୁଲିସର ସୂଚନା ଅନୁସାରେ, ପାଇଲଟ୍‌ଙ୍କର ୩ ହଜାରରୁ ଅଧିକ ଘଣ୍ଟାର ଉଡ଼ାଣ ଅଭିଜ୍ଞତା ଥିଲା ଏବଂ ସେ ଗୁଜରାଟର ବାସିନ୍ଦା ଥିଲେ। ସେହିପରି କୋ-ପାଇଲଟ୍ କର୍ଣ୍ଣାଟକର ବୋଲି ଜଣାପଡ଼ିଛି। ଦୁର୍ଘଟଣା ପରେ ପୁଲିସ ଘଟଣାସ୍ଥଳକୁ ଘେରାଉ କରି ତଦନ୍ତ ଆରମ୍ଭ କରିଛି। ଏନେଇ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ, ଅର୍ଥାତ୍ ଡିଜିସିଏକୁ ସୂଚନା ଦିଆଯାଇଛି। ଡିଜିସିଏର ଏକ ଟିମ୍ ଘଟଣାସ୍ଥଳକୁ ଯାଇ ଦୁର୍ଘଟଣାର କାରଣ ଖୋଜିବ। ତେବେ ବିମାନଟି କାହିଁକି ଦୁର୍ଘଟଣାଗ୍ରସ୍ତ ହେଲା, ତାହାର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ◆◆ପୃଷ୍ଠା ୭

## ଛଅ ମାସରେ ପହଞ୍ଚିଲା ଟ୍ରମ୍ପ-ଇରାନ ଯୁଦ୍ଧ: ବଦଳିଲା ଲକ୍ଷ୍ୟ, ଖୋଲିଲାନି ହର୍ମୁଜ୍




ନୂଆଦିଲ୍ଲୀ,୨୭/୮ : ଇରାନ ବିରୋଧରେ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆରମ୍ଭ କରିଥିବା ଯୁଦ୍ଧକୁ ଛଅ ମାସ ପୂରିଥିଲେ ମଧ ଏହାର ଶେଷ କେବେ ହେବ, ତାହାର କୌଣସି ସ୍ପଷ୍ଟ ସଙ୍କେତ ମିଳୁନାହିଁ। ଗତ ଫେବ୍ରୁଆରି ଶେଷଭାଗରେ ଆରମ୍ଭ ହୋଇଥିବା ଏହି ଯୁଦ୍ଧ କେବଳ ୪ରୁ ୫ ସପ୍ତାହ ମଧରେ ଶେଷ ହେବ ବୋଲି ଟ୍ରମ୍ପ ପ୍ରାରମ୍ଭରେ ଆଶା କରିଥିଲେ। କିନ୍ତୁ ଛଅ ମାସ ପରେ ଯୁଦ୍ଧର ଲକ୍ଷ୍ୟ ମଧ ବଦଳି ଯାଇଥିବାବେଳେ ଉଭୟ ପକ୍ଷ ମଧରେ ସ୍ଥାୟୀ ସମାଧାନର କୌଣସି ରାସ୍ତା ବାହାରିପାରି ନାହିଁ। ଜୁନ୍‌ରେ ଯୁଦ୍ଧ ଶେଷ କରିବା ଲକ୍ଷ୍ୟରେ ହୋଇଥିବା ଏକ ବୁଝାମଣା ମଧ ପରବର୍ତ୍ତୀ ସମୟରେ ବିଫଳ ହୋଇଯାଇଛି। ଟ୍ରମ୍ପ ବାରମ୍ୱାର ଯୁଦ୍ଧରେ ବିଜୟ କିମ୍ବା ଏକ ସମ୍ଭାବ୍ୟ ଚୁକ୍ତି ନିକଟବର୍ତ୍ତୀ ବୋଲି କହିଥିଲେ ମଧ ଯୁଦ୍ଧରୁ ବାହାରିବା ପାଇଁ ଆମେରିକା ନିକଟରେ ସ୍ପଷ୍ଟ କୌଶଳ ନଥିବା ଏହି ଦୀର୍ଘ ସଂଘର୍ଷରୁ ସ୍ପଷ୍ଟ ହୋଇଛି। ଯୁଦ୍ଧ ଆରମ୍ଭ ସମୟରେ ଇରାନର ସାମରିକ ଓ ପରମାଣୁ କ୍ଷମତାକୁ ଦୁର୍ବଳ କରିବା ପ୍ରମୁଖ ଲକ୍ଷ୍ୟ ଥିଲା। ଛଅ ମାସ ପରେ ଆମେରିକା ଇରାନର ସାମରିକ କ୍ଷମତାକୁ ଗୁରୁତର ଭାବେ କ୍ଷତି ପହଞ୍ଚାଇଥିବା ଦାବି କରୁଛି। କିନ୍ତୁ ପ୍ରାରମ୍ଭରେ ଧାର୍ଯ୍ୟ ଅନେକ ଲକ୍ଷ୍ୟ ଏପର୍ଯ୍ୟନ୍ତ ପୂରଣ ହୋଇନାହିଁ। ଅନ୍ୟପକ୍ଷରେ ଯୁଦ୍ଧର କିଛି ପ୍ରାଥମିକତା ସମୟ ସହ ବଦଳିଯାଇଛି। ବର୍ତ୍ତମାନ ହର୍ମୁଜ୍ ପ୍ରଣାଳୀକୁ ପୁଣି ଖୋଲିବା ଆମେରିକାର ପ୍ରମୁଖ ଲକ୍ଷ୍ୟ ପାଲଟିଛି। ଏହି ଦୀର୍ଘ ଯୁଦ୍ଧରେ ଆମେରିକାର ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ରଭଣ୍ଡାର ମଧ ହ୍ରାସ ପାଉଥିବାରୁ ୱାସିଂଟନ ନୂଆ ସାମରିକ ଆକ୍ରମଣ ଅପେକ୍ଷା ଇରାନ ଉପରେ ଅର୍ଥନୈତିକ ଚାପ ବଢ଼ାଇବାକୁ ଅଧିକ ଗୁରୁତ୍ୱ ଦେଉଛି। ତେବେ ହର୍ମୁଜ୍ ପ୍ରଣାଳୀ ଖୋଲିବା, ଇରାନର ପରମାଣୁ କ୍ଷମତା ସମ୍ପର୍କରେ ସ୍ଥାୟୀ ସମାଧାନ ଏବଂ ଯୁଦ୍ଧ ଶେଷ ପାଇଁ ଗ୍ରହଣୀୟ ଚୁକ୍ତି ନହେବା ପର୍ଯ୍ୟନ୍ତ ଏହି ସଂଘର୍ଷ କେତେ ଦିନ ଚାଲିବ, ସେନେଇ ଅନିଶ୍ଚିତତା ରହିଛି।

## ସଡକ ସୁରକ୍ଷା ବାର୍ତ୍ତା ଦେଲା ପରିବହନ ବିଭାଗ

ଭୁବନେଶ୍ୱର, ୨୭/୮ (ନି.ପ୍ର): ରାକ୍ଷୀ ପୂର୍ଣ୍ଣିମାରେ ପରିବହନ ବିଭାଗ ପକ୍ଷରୁ ସଡକ ସୁରକ୍ଷା ବାର୍ତ୍ତା। ହେଲମେଟ ପିନ୍ଧିଥିବା ଲୋକଙ୍କୁ ଗିଫ୍ଟ, ହେଲମେଟ ବ୍ୟବହାର ନ କରୁଥିବା ଲୋକଙ୍କୁ ସୁରକ୍ଷା ବାର୍ତ୍ତା ରାଖୀ ବାନ୍ଧିଲେ ପରିବହନ କମିଶନର ଅମିତାଭ ଠାକୁର। ସେପଟେ ଏକମାତ୍ର ପୁଅକୁ ହରାଇଥିବା ମା ଲୋକଙ୍କୁ ଦେଲେ ସଡକ ସୁରକ୍ଷା ବାର୍ତ୍ତା। ଭୁବନେଶ୍ୱର ଏସପ୍ଲାନେଡ ମଲ୍‌ରେ ବିଭାଗ ପକ୍ଷରୁ ଆୟୋଜିତ ହୋଇଛି ଏହି ରକ୍ଷା ବନ୍ଧନ କାର୍ଯ୍ୟକ୍ରମ। ପରିବହନ କମିଶନର ଅମିତାଭ ଠାକୁର କହିଛନ୍ତି ଯେ, ବିଭାଗ ସର୍ବଦା ଲୋକଙ୍କୁ ସଚେତନ କରୁଅଛି।

## ଯୁବକମାନଙ୍କ ଭିତରେ ନୂତନ ଚିନ୍ତାଧାରା ଆସିବା ଜରୁରୀ : ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୨୭/୮ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଜେନ୍-ଜିଙ୍କ ସହିତ ସିଧାସଳଖ ଆଲୋଚନା କରିଛନ୍ତି। ଖେଲୋ ଇଣ୍ଡିଆ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ପ୍ରଧାନମନ୍ତ୍ରୀ ଭର୍ଚୁଆଲ୍ ଭାବରେ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଛନ୍ତି ଯେ, ଯୁବପିଢ଼ିଙ୍କ ମନରେ ନୂତନ ଚିନ୍ତାଧାରା ଆସିବା ଉଚିତ୍। କ୍ରୀଡା ଆମକୁ ଜୀବନର ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ଶିଖାଏ।ପ୍ରଧାନମନ୍ତ୍ରୀ କହିଛନ୍ତି, ଅଗଷ୍ଟ ୧୫ ତାରିଖରେ, ମୁଁ ଲାଲକିଲ୍ଲାରୁ ଭାରତର କ୍ରୀଡା ଭିଜନ୍‌କୁ ଦେଶ ସମ୍ମୁଖରେ ଉପସ୍ଥାପନ କରିଥିଲି। କ୍ରୀଡା କେବଳ ପଦକ ଜିତିବା ପାଇଁ ନୁହେଁ। ଏହା ଏକ ବିକଶିତ ଭାରତ ଗଠନରେ ଭାରତର କ୍ରୀଡା ସମ୍ଭାବନା ଏବଂ ଯୁବଶକ୍ତିଙ୍କୁ ଏକତ୍ର କରିବାର ଏକ ଅଭିଯାନ। ଯେଉଁମାନେ ଖେଳନ୍ତି, ସେମାନେ ପ୍ରସ୍ଫୁଟିତ ହୁଅନ୍ତି। କ୍ରୀଡ଼ାରେ 'ପ୍ରସ୍ଫୁଟିତ'ର ଅର୍ଥ କେବଳ ପଡ଼ିଆରେ ଜିତିବା ନୁହେଁ। ଏହାର ଅର୍ଥ ବ୍ୟକ୍ତି ଏବଂ ପରିବାରର ବିକାଶ। ଏହାର ଅର୍ଥ ଦେଶର ସମ୍ମାନ ବୃଦ୍ଧି କରିବା। ଯେତେବେଳେ ଜଣେ ଖେଳାଳି ସଫଳ ହୁଅନ୍ତି, ସେହି ସଫଳତା କେବଳ ତାଙ୍କର ନୁହେଁ। ◆◆ପୃଷ୍ଠା ୭

# ସ୍କୁଲ ପଛ ପଟ ନାଳରୁ ଛାତ୍ରର ମୃତଦେହ ଉଦ୍ଧାର

ଜୟପୁର,୨୭/୦୮ (ନି.ପ୍ର): ଅନୁସୂଚିତ ଜାତି ଏବଂ ଜନ ଜାତି ବିଭାଗ ଦ୍ୱାରା ପରିଚାଳିତ ଛାତ୍ରାବାସ ରୁ ୩ ଦିନ ଧରି ନିଖୋଜ ଥିବା ଜଣେ ଛାତ୍ର ଙ୍କ ମୃତଦେହ ସ୍କୁଲ ପଛ ପଟ ନାଳରୁ ରକ୍ତାତ ଅବସ୍ଥାରେ ଉଦ୍ଧାର ହୋଇଛି। ଏଭଳି ଦୃଶ୍ୟ ସାମନା କୁ ଆସିଛି ବୋରିଗୁମ୍ମା ବ୍ଲକ ଗୁମୁଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର ରୁ । ବିଦ୍ୟାଳୟର ଅଷ୍ଟମ ଶ୍ରେଣୀର ଛାତ୍ର ଗୁରୁନାଥଙ୍କର ମୃତ ଦେହ ସ୍କୁଲ ପଛ ନାଳ ରୁ ଉଦ୍ଧାର ହୋଇଛି । ମୃତ ଛାତ୍ର ଜଣକ ହରଡାଗୁଡ଼ା ପଞ୍ଚାୟତ ମାରାଡ ମାଲିଗୁଡ଼ାର ବୋଲି ଜଣା ପଡିଛି ସେ ବିଦ୍ୟାଳୟରେ ହଷ୍ଟେଲ ରେ ରହି ଅଧ୍ୟୟନ କରୁଥିଲେ । ଗତ ସୋମବାର ଦିନ ଠାରୁ ସମ୍ପୃକ୍ତ ଛାତ୍ର ଜଣକ ବିଦ୍ୟାଳୟ ପରିସରରୁ ନିଖୋଜ ଥିଲେ । ଆଜି ତାଙ୍କ ଶବ ପରିତ୍ୟକ୍ତ ଅବସ୍ଥାରେ ଉଦ୍ଧାର ହୋଇଛି । ବିଦ୍ୟାଳୟ କର୍ତ୍ତୃପକ୍ଷ ପକ୍ଷରୁ ଛାତ୍ର ନିଖୋଜ ନେଇ ଥାନା କିମ୍ୱା ଉପରିସ୍ଥ ଅଧିକାରୀଙ୍କୁ ଅବଗତି ନ କରିବା ସୂଚନା ମିଳିଛି। ଏମିତିକି ମୃତ ଛାତ୍ର ଙ୍କ ପରିବାର କୁ ମଧ ବିଦ୍ୟାଳୟ ପକ୍ଷରୁ କୌଣସି ସୂଚନା ଦିଆ ଯାଇ ନଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ । ସେପଟେ ଘଟଣା କୁ ନେଇ କ୍ଷୋଭ ପ୍ରକାଶ କରିବା ସହ ଏଭଳି ଘଟଣା ଦୁର୍ଭାଗ୍ୟ ଜଣକ ଏବଂ ଏହି ଘଟଣା ପାଇଁ ଯେଉଁ ମାନେ ସବୁ ଦାୟୀ ସେମାନଙ୍କ ବିରୁଦ୍ଧ ରେ ଜିଲ୍ଲା ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ଦାବି କରିଛନ୍ତି ସ୍ଥାନୀୟ ଜିଲ୍ଲା ପରିଷଦ ନୃସିଂହ ନାଥ ଶତପଥୀ । ଘଟଣା ସମ୍ପର୍କରେ ସ୍କୁଲ କିମ୍ୱା ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ହସ୍ତଗତ ହୋଇନଥିବା ବେଳେ ବି ସିଂହପୁର ପୋଲିସ ପହଞ୍ଚି ଶବ ଉଦ୍ଧାର କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି ।

## କୋମନା ଅଞ୍ଚଳରେ ସାପ ଆତଙ୍କ

ନୂଆପଡ଼ା,୨୭/୦୮ (ନି.ପ୍ର): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅଞ୍ଚଳରେ ଏବେ ସାପ ଆତଙ୍କ । ଘରେ, ବାହାରେ ବୁଲୁଛି ବିଷଧର ସାପ । କୋମନା ବ୍ଲକ ଅଞ୍ଚଳର ତିନି ପଟେ ଘଞ୍ଚ ଜଙ୍ଗଲ, ଗୋଟିଏ ପଟେ ଲୋୟର ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ କ୍ଷ ଆଉ ଏହା ସାପଙ୍କ ବଂଶ ବୃଦ୍ଧି ପାଇଁ ଉପଯୁକ୍ତ ପରିବେଶ । ବର୍ଷା ଦିନ ହୋଇ ଥିବାରୁ ସାପ ବହୁ ସଂଖ୍ୟାରେ ଦେଖିବାକୁ ମିଳୁଛି । ବନ ବିଭାଗର ତାଲିମ ପ୍ରାପ୍ତ ସାପ ଧରାଳିମାନେ ପ୍ରାୟ ସାତ ହଜାରରୁ ଉର୍ଦ୍ଧ ସାପ ଉଦ୍ଧାର କରି ଜଙ୍ଗଲରେ ଛାଡି ଦେଇଛନ୍ତି । ଦୈନିକ ଏହି ସାପ ଧରାଳିମାନେ ୭ରୁ ୧୦ ଗୋଟି ସାପ ଉଦ୍ଧାର କରୁଛନ୍ତି ବୋଲି ତାଲିମ ପ୍ରାପ୍ତ ସାପ ଧରାଳି କମଲ ପାଣ୍ଡେ , ସୁରେଶ କୁମାର ମଲ୍ଲିକ, ତୋଫାନ ମଲ୍ଲିକ କହୁଛନ୍ତି। ଜୁନ୍ ମାସରୁ ଏଯାଏ ବର୍ଷା ହେଉଛି । ବର୍ଷାରେ ସାପଙ୍କ ବସା ପାଣିରେ ବୁଡ଼ି ଯାଉ ଥିବାରୁ ସେମାନେ ଖାଦ୍ୟ ଅନ୍ୱେଷଣରେ ଘରକୁ ପଶି ଆସୁଛନ୍ତି । ବିଶେଷ କରି ଚିତି, ନାଗ, ରଣା, ଅଜଗର ସାପ ଘରେ ବାହାରେ ବୁଲୁଛି । ଲୋକଙ୍କ ପାଖରୁ ସୂଚନା ପାଇ ତାଲିମ ପ୍ରାପ୍ତ ସାପ ଧରାଳିମାନେ ଦିନରାତି ଏକ କରି ସାପକୁ ଉଦ୍ଧାର କରିବା ସହ ଲୋକଙ୍କ ଜୀବନକୁ ମଧ ସୁରକ୍ଷା କରୁଛନ୍ତି । ଏବେ ବର୍ଷା ଦିନ ଥିବାରୁ ଘରର ଝରକା, କବାଟ ବନ୍ଦ ରଖିବାକୁ ଭରତ ବନ୍ଧୁ ଶବର( ରେଞ୍ଜର, କୋମନା ରେଞ୍ଜ) ଲୋକଙ୍କୁ ଅନୁରୋଧ କରିଛନ୍ତି ।

# ବେଦାନ୍ତ ବେଦକ୍ଷତା ସ୍କିଲ୍ ଡେଭଲପମେଣ୍ଟ ପଦକ୍ଷେପ ମାଧ୍ୟମରେ ୩୦ ଯୁବକ-ଯୁବତୀଙ୍କୁ ତାଲିମ

ଝାରସୁଗୁଡ଼ା,୨୭/୦୮ (ନି.ପ୍ର): ବେଦାନ୍ତ ଆଲୁମିନିଅମ ଝାରସୁଗୁଡ଼ା ପକ୍ଷରୁ ବେଦକ୍ଷତା ସ୍କିଲ୍ ଡେଭଲପମେଣ୍ଟ ପକ୍ଷରୁ ୩୦ ଯୁବକ ଯୁବତୀଙ୍କୁ ଶିଳ୍ପ ଆବଶ୍ୟକତା ଅନୁକୂଳ ଖାଦ୍ୟ ଓ ପାନୀୟ କ୍ଷେତ୍ରରେ ତାଲିମ ଦିଆଯାଇଛି। ବେଦାନ୍ତ ଆଲୁମିନିୟମ ପକ୍ଷରୁ ଝାରସୁଗୁଡ଼ାସ୍ଥିତ କମ୍ପାନିର ବେଦକ୍ଷତା ସ୍କିଲ୍ ଡେଭଲପମେଣ୍ଟ ସେଣ୍ଟରରେ ପ୍ରଶିକ୍ଷାର୍ଥୀମାନଙ୍କ ନୂତନ ବ୍ୟାଚ୍ର ସମାପନୀ ସମାରୋହ ଆୟୋଜିତ ହୋଇଛି। ଓଡ଼ିଶା ସ୍କିଲ୍ ଡେଭଲପମେଣ୍ଟ ଅଥରିଟି (ଓଏସ୍ଡିଏ), ଝାରସୁଗୁଡ଼ାର ଅମିତ କୁମାର ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷତାରେ କରିଥିଲେ। ପ୍ରଶିକ୍ଷାର୍ଥୀମାନଙ୍କୁ ସମ୍ବୋଧିତ କରି ସେ କାର୍ଯ୍ୟକ୍ରମ ସଫଳତାର ସହ ସମାପ୍ତ କରିଥିବାରୁ ସେମାନଙ୍କୁ ଅଭିନନ୍ଦନ ଜଣାଇବା ସହ ନୂତନ ଭାବେ ଅର୍ଜନ କରିଥିବା ଦକ୍ଷତାକୁ ଉପଯୋଗ କରି ସଫଳ ଭବିଷ୍ୟତ ଗଢ଼ିବାକୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବେଦାନ୍ତ ଆଲୁମିନିୟମ ଝାରସୁଗୁଡ଼ାର ସିଇଓ ସି. ଚନ୍ଦ୍ରୁ କହିଛନ୍ତି, ବେଦକ୍ଷତା ମାଧ୍ୟମରେ ସ୍ଥାନୀୟ ଯୁବପିଢ଼ିଙ୍କୁ ଶିଳ୍ପ ଆବଶ୍ୟକତା ଅନୁକୂଳ ଦକ୍ଷତା, ବ୍ୟବହାରିକ ଅଭିଜ୍ଞତା ଏବଂ ନିଜର ଆକାଂକ୍ଷାକୁ ସାର୍ଥକ କ୍ୟାରିୟରରେ ପରିଣତ କରିବା ପାଇଁ ଆବଶ୍ୟକ ଆତ୍ମବିଶ୍ୱାସ ପ୍ରଦାନ କରିବା ଆମର ଉଦ୍ୟମ ଓଡ଼ିଶାରେ ଦକ୍ଷତା ବିକାଶ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ଅଧିକ ସୁଯୋଗ ସୃଷ୍ଟି କରିବାକୁ ଆମେ ପ୍ରତିବଦ୍ଧ ଏବଂ ଆତ୍ମନିର୍ଭରଶୀଳତା ପାଇଁ ଏହି କାର୍ଯ୍ୟକ୍ରମରେ ନିଜ ଅଭିଜ୍ଞତା ବାଣ୍ଟି ପ୍ରଶିକ୍ଷାର୍ଥୀ କିର୍ମିରା ବ୍ଲକ୍ ଅନ୍ତର୍ଗତ ପୁଢ଼େଇଧି ଗ୍ରାମର ଯଶୋଦା ବୁଡୁଲା କହିଛନ୍ତି, ଏହି ପ୍ରଶିକ୍ଷଣ ଦ୍ୱାରା ଖାଦ୍ୟ ଓ ପାନୀୟ କ୍ଷେତ୍ରକୁ ଉତ୍ତମ ଭାବେ ବୁଝିବାରେ ତାଙ୍କୁ ସହାୟତା ମିଳିଛି। ଏହା ତାଙ୍କ ବୃତ୍ତିଗତ ଦକ୍ଷତା ସହ ଆତ୍ମବିଶ୍ୱାସକୁ ମଧ ବୃଦ୍ଧି କରିଛି।

# ସେପ୍ଟେମ୍ବର ୩ରୁ ମାଲକାନଗିରି-ଭୁବନେଶ୍ୱର ବିମାନ ସେବା ଆରମ୍ଭ

ମାଲକାନଗିରି ,୨୭/୦୮ (ନି.ପ୍ର): ମାଲକାନଗିରି ଜିଲ୍ଲାବାସୀଙ୍କ ପାଇଁ ଏକ ବଡ଼ ଖୁସି ଖବର ସୀମାନ୍ତ ଜିଲ୍ଲା ମାଲକାନଗିରିରୁ ରାଜଧାନୀ ଭୁବନେଶ୍ୱରକୁ ସିଧାସଳଖ ବିମାନ ସେବା ଆରମ୍ଭ ହେବାକୁ ଯାଉଛି। ଆଗାମୀ ସେପ୍ଟେମ୍ବର ୩ ତାରିଖରୁ ଏହି ବାଣିଜ୍ୟିକ ଉଡ଼ାଣ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହେବ। ଏହାଦ୍ୱାରା ଦୀର୍ଘ ଦିନ ଧରି ଅପେକ୍ଷା କରିଥିବା ଜିଲ୍ଲାବାସୀଙ୍କ ସ୍ୱପ୍ନ ସାକାର ହେବାକୁ ଯାଉଛି।ଏହି ବିମାନ ସେବା ପ୍ରାରମ୍ଭିକ ପର୍ଯ୍ୟାୟରେ ୯ ସିଟ୍ ବିଶିଷ୍ଟ ବିମାନ ମାଧ୍ୟମରେ ପରିଚାଳିତ ହେବ। ଏଥିପାଇଁ ଟିକେଟ୍ ବୁକିଂ ପ୍ରକ୍ରିୟାକୁ ସହଜ କରିବା ପାଇଁ ଏକ ସ୍ୱତନ୍ତ୍ର ଅନଲାଇନ୍ ପୋର୍ଟାଲ୍ ଖୁବ୍ ଶୀଘ୍ର ଉପଲବ୍ଧ ହେବ। ସାଧାରଣ ଜନତା ଏବଂ ଯାତ୍ରୀମାନେ ଘରେ ବସି ନିଜର ସିଟ୍ ବୁକ୍ କରିପାରିବେ। ଏହା ସହିତ ଯାତ୍ରୀମାନଙ୍କୁ ସହାୟତା ଯୋଗାଇଦେବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଆନୁଷଙ୍ଗିକ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବିମାନବନ୍ଦରର ରନୱେ ଏବଂ ସୁରକ୍ଷା ବ୍ୟବସ୍ଥାର ଟ୍ରାଏଲ୍ ରନ୍ ମଧ ସଫଳତାର ସହ ଶେଷ ହୋଇଛି। ଏହି ଅବସରରେ ଜିଲ୍ଲାପାଳ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ମାଲକାନଗିରିରୁ ଭୁବନେଶ୍ୱର ବିମାନ ସେବା ଆରମ୍ଭ ହେବା ଯାହା ଜିଲ୍ଲା ପାଇଁ ଏକ ଐତିହାସିକ ସଫଳତା। ଏହା କେବଳ ଯାତ୍ରୀମାନଙ୍କ ସମୟ ବଞ୍ଚାଇବ ନାହିଁ, ବରଂ ସ୍ଥାନୀୟ ଅଞ୍ଚଳରେ ସାମାଜିକ ସଂଯୋଗ, ପର୍ଯ୍ୟଟନର ବିକାଶ ଏବଂ ଆର୍ଥିକ ପ୍ରଗତିର ଏକ ନୂତନ ଦିଗ ଉନ୍ମୋଚନ କରିବ। ଯାତ୍ରୀମାନେ ସହଜରେ ଅନଲାଇନ୍ ମାଧ୍ୟମରେ ନିଜର ଟିକେଟ୍ ବୁକ୍ କରି ଏହି ସେବାର ଲାଭ ଉଠାଇବାକୁ ଅନୁରୋଧ କରିଛନ୍ତି ଜିଲ୍ଲାପାଳ। ଏହି ନୂତନ ବିମାନ ସେବା ଦ୍ୱାରା ଜିଲ୍ଲାରେ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ବ୍ୟବସାୟିକ କ୍ଷେତ୍ରରେ ବ୍ୟାପକ ସୁଧାର ଆସିବ ବୋଲି ଆଶା କରାଯାଉଛି।

# ବୁଡ଼ିଯାଇଥିବା ଓସେନ୍ ୱିନର ଜାହାଜର ଦୁଇ ଜଣ କ୍ରୁ ସଦସ୍ୟଙ୍କୁ ପାରାଦୀପ ଅଣାଗଲା

ପାରାଦୀପ,୨୭/୦୮ (ନି.ପ୍ର): ପାରାଦୀପରୁ ପ୍ରାୟ ୨୩୦ ନଟିକାଲ୍ ମାଇଲ୍ ଦକ୍ଷିଣ-ପୂର୍ବରେ, ଅଗଷ୍ଟ ୨୨, ୨୦୨୬ରେ ବଙ୍ଗୋପସାଗରରେ ପାନାମା-ପତାକାଯୁକ୍ତ ବଲ୍କ କ୍ୟାରିଅର୍ ଏମଭି ଓସେନ୍ ୱିନର ସହିତ ଯୋଗାଯୋଗ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇଯାଇଥିବା ରିପୋର୍ଟ କୁ ଆଧାର କରି ଭାରତୀୟ ତଟରକ୍ଷୀ ବାହିନୀ ର ଜାହାଜ ଘଟଣା ସ୍ଥଳରେ ପହଞ୍ଚି ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲା । ୨୨୫ ମିଟର ଲମ୍ବା ଏବଂ ୩୨ ମିଟର ଚଉଡା ଜାହାଜଟି ୭୧,୦୦୦ ମେଟ୍ରିକ୍ ଟନ୍ ଲୁହା ପଥର ନେଇ ପାରାଦୀପରୁ ସିଙ୍ଗାପୁର ଅଭିମୁଖେ ଯାତ୍ରା କରୁଥିଲା। ଜାହାଜରେ ୨୪ ଜଣ କର୍ମଚାରୀ ଥିଲେ । ସେଥିମଧ୍ୟରୁ ୨୦ ଜଣ ଚୀନ୍, ୩ ଜଣ ମିଆଁମାର ଏବଂ ଜଣେ ବାଂଲାଦେଶୀ କର୍ମଚାରୀ ରହିଥିଲେ।ଜାତୀୟ ସାମୁଦ୍ରିକ ଏସଏଆର ସେବା ପ୍ରଦାନକାରୀ ଭାରତୀୟ ତଟ ରକ୍ଷୀ ବାହିନୀ ଓ ଭାରତୀୟ ନୌସେନା ଏବଂ ଅନ୍ୟାନ୍ୟ ସାମୁଦ୍ରିକ ଏଜେନ୍ସିଗୁଡ଼ିକ ସହିତ ଘନିଷ୍ଠ ସମନ୍ୱୟରେ ଏକ ବ୍ୟାପକ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ ଏବଂ ଏକ ଭାରତୀୟ ନୌସେନା ପି-୮ୀ ବିମାନକୁ ଆକାଶ ନିରୀକ୍ଷଣ ପାଇଁ ନିୟୋଜିତ କରାଯାଇଥିଲା । ତେବେ ଅଗଷ୍ଟ ୨୨ ରେ ଗୋଟିଏ ଲାଇଫ ରାଫ୍ଟରୁ ଦୁଇଜଣ ବଞ୍ଚିଥିବା କର୍ମଚାରୀଙ୍କୁ ଉଦ୍ଧାର କରାଯାଇଥିଲା। ଉଦ୍ଧାର ହୋଇଥିବା ଚାଇନାର ଦୁଇଜଣ କର୍ମଚାରୀ ହେଲେ ପାନ୍ ଟୋଙ୍ଗଲାଇ ଏବଂ ଚେନ୍ ଜିଆନହେ। ୨୭ ଅଗଷ୍ଟ ୨୦୨୬ରେ, ଉଦ୍ଧାର ହୋଇଥିବା ଦୁଇ ଜଣଙ୍କୁ ଭାରତୀୟ ତଟରକ୍ଷୀ ବାହିନୀ ଜାହାଜ ଭରଦରେ ସୁରକ୍ଷିତ ଭାବରେ ପାରାଦୀପକୁ ଅଣାଯାଇଥିଲା। ଉଦ୍ଧାର ହୋଇଥିବା ଜାହାଜ କର୍ମଚାରୀ ଙ୍କୁ ବାଟରେ ଚିକିତ୍ସା କରାଯାଇଥିଲା ଏବଂ ଇମିଗ୍ରେସନ ବ୍ୟୁରୋ ଏବଂ ସ୍ଥାନୀୟ ପୋଲିସ ଅଧିକାରୀଙ୍କ ଉପସ୍ଥିତିରେ ଅଧିକାରପ୍ରାପ୍ତ କମ୍ପାନୀ ଏଜେଣ୍ଟମାନଙ୍କୁ ହସ୍ତାନ୍ତର କରାଯାଇଥିଲା। ଭାରତୀୟ ତଟରକ୍ଷୀ ବାହିନୀ ସମୁଦ୍ର-ବାୟୁ ସମନ୍ୱିତ ପୃଷ୍ଠ ଏବଂ ଆକାଶ ସନ୍ଧାନ ପାଇଁ ଅତିରିକ୍ତ ଜାହାଜ ଏବଂ ବିମାନ ନିୟୋଜିତ କରିଛି।

# ବି.ପି. ମଣ୍ଡଳଙ୍କ ୧୦୮ତମ ଜୟନ୍ତୀ ପାଳିତ: ଜାତିଭିତ୍ତିକ ଜନଗଣନା ଦାବି

ନୂଆପଡ଼ା,୨୭/୦୮ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଭୋଜପୁର ସ୍ଥିତ ଯାଦବ ଭବନ ଠାରେ ଓବିସି ବର୍ଗର ନେତା, ପୂର୍ବତନ ବିହାର ମୁଖ୍ୟମନ୍ତ୍ରୀ ତଥା ମଣ୍ଡଳ କମିଶନର ଅଧ୍ୟକ୍ଷ ସ୍ୱର୍ଗତ ବିନ୍ଦେଶ୍ୱରୀ ପ୍ରସାଦ ମଣ୍ଡଳଙ୍କ ୧୦୮ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ରାଜ୍ୟ ଓବିସି ମଞ୍ଚ ଯୁବ ଶାଖା, ଓଡ଼ିଶା ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଶତାଧିକ ବୁଦ୍ଧିଜୀବୀ, ଯୁବକ ଓ ସାମାଜିକ କର୍ମୀ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ରାଜ୍ୟ ଓବିସି ମଞ୍ଚ, ଓଡ଼ିଶାର ସଭାପତି ଶଙ୍କର ପାତ୍ର ଯୋଗଦେଇ ବି.ପି. ମଣ୍ଡଳଙ୍କ ଜୀବନୀ ଓ ଓବିସି ସମାଜ ପାଇଁ ତାଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଶ୍ରୀ ପାତ୍ର କହିଥିଲେ, ବି.ପି. ମଣ୍ଡଳ କେବଳ ଜଣେ ବ୍ୟକ୍ତି ନୁହଁନ୍ତି, ସେ ଏକ ବିଚାରଧାରା। ସେ ୩୭୪୩ଟି ପଛୁଆ ଜାତିକୁ ଚିହ୍ନଟ କରି ଓବିସି ସମାଜକୁ ଅଧିକାର ଓ ପରିଚୟ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ମଣ୍ଡଳ କମିଶନର ସୁପାରିସ ଫଳରେ ଓବିସି ସମାଜର ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ସୁଯୋଗ ବୃଦ୍ଧି ପାଇଥିବା ସେ କହିଥିଲେ। ଏଥିସହ ୨୦୨୭ ଜନଗଣନାରେ ଜାତିଭିତ୍ତିକ ଗଣନା କରାନଗଲେ ଓବିସି ସମାଜ ପୁଣି ପଛକୁ ଚାଲିଯିବ ବୋଲି ସେ ମତ ପ୍ରକାଶ କରିଥିଲେ। ରାଜ୍ୟ ଯୁବ ସଂଯୋଜକ କପିଳେନ୍ଦ୍ର ଭୋଇଙ୍କ ସଂଯୋଜନାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଓବିସି ମଞ୍ଚର କୋଷାଧ୍ୟକ୍ଷ ପ୍ରଦେଶୀ ବିଶ୍ୱାଳ, ଜିଲ୍ଲା ସଂଯୋଜକ ଭରତ ରାଉତ, ପୂର୍ବତନ ବିଧାୟକ ହିତେଶ କୁମାର ବଗର୍ତ୍ତୀ, ବରିଷ୍ଠ ଯାଦବ ନେତା ଲମ୍ବୋଦର ନିଆଲ, ରାମଲାଲ ହଂସ, ହିରାଧର ମେହେର, ପ୍ରିୟରଞ୍ଜନ ମେହେର, ଗୋଦାବରୀଶ ନାଏକ, ଦସମୁ ବେହେରା, ରାଧେ ରଣା, ମିହିର ନାୟକ, ଭୁବନେଶ୍ୱର ରାଉତ ପ୍ରମୁଖ ଯୋଗଦେଇ ନିଜ ନିଜର ମତ ରଖିଥିଲେ। ପଶ୍ଚିମ ଓଡ଼ିଶା ଓବିସି ମଞ୍ଚର ସଂଯୋଜକ ସରୋଜ କୁମାର ମେଶ୍ରାଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀମାନେ ମଣ୍ଡଳ କମିଶନ ଲାଗୁ ହେବା ପରେ ଓବିସି ସମାଜରେ ଆସିଥିବା ପରିବର୍ତ୍ତନ ଏବଂ ବର୍ତ୍ତମାନ ମଧ ରହିଥିବା ବୈଷମ୍ୟ ଉପରେ ଆଲୋଚନା କରିଥିଲେ। ସଭାରେ ସର୍ବସମ୍ମତିକ୍ରମେ ୩ ଦଫା ପ୍ରସ୍ତାବ ପାରିତ ହୋଇଥିଲା। ଏଥିରେ ୨୦୨୭ ଜନଗଣନାରେ ଓବିସିଙ୍କ ଜାତିଭିତ୍ତିକ ଗଣନା ପାଇଁ ମାନକୀକୃତ କୋଡ୍ ବ୍ୟବସ୍ଥା ଲାଗୁ, ଓଡ଼ିଶାରେ ଓବିସିଙ୍କ ଜନସଂଖ୍ୟା ଅନୁପାତରେ ସଂରକ୍ଷଣ ଓ ବଜେଟ୍ ବ୍ୟବସ୍ଥା ଏବଂ ପ୍ରତି ଜିଲ୍ଲାରେ ମହାପୁରୁଷ ଜ୍ୟୋତିବା ଫୁଲେ, ସାହୁଜୀ ମହାରାଜ ଓ ବି.ପି. ମଣ୍ଡଳଙ୍କ ନାମରେ ଛାତ୍ରାବାସ ପ୍ରତିଷ୍ଠା କରିବାକୁ ଦାବି କରାଯାଇଥିଲା।

## ବ୍ଲକର ଉନ୍ନୟନ ମୂଳକ କାର୍ଯ୍ୟ ସମୀକ୍ଷା

କେନ୍ଦ୍ରାପଡ଼ା,୨୭/୦୮ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାରେ ଥିବା ୯ଟି ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା ବୈଠକ ଜିଲ୍ଲା ସଦ୍ଭାବନା ଗୃହରେ ଜିଲ୍ଲାପାଳ ରଘୁରାମ୍ ଆର୍. ଆୟାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ସମୀକ୍ଷା ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତିଙ୍କ ତତ୍ୱାବଧାନରେ ୯ଟି ବ୍ଲକର ବିଡିଓ, ଏବିଡିଓ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ବିକଶିତ ଗାଁ ବିକଶିତ ଓଡ଼ିଶା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ), ଅନ୍ତୋଦୟ, ଗୃହ ଯୋଜନା, ଭିବିଜି ରାମଜୀ, ଅଙ୍ଗନୱାଡ଼ୀ ଗୃହ ନିର୍ମାଣ ଆଦି ଯୋଜନାର ସମୀକ୍ଷା କରିଥିଲେ। ଜିଲ୍ଲାର ବିଭିନ୍ନ ବ୍ଲକ ଅଧିନରେ ଅଙ୍ଗନୱାଡ଼ୀ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବାବେଳେ ଏହା ହସ୍ତାନ୍ତର କରାଯାଉନଥିବାରୁ ଅଙ୍ଗନୱାଡ଼ୀ ଗୃହଗୁଡ଼ିକୁ ହସ୍ତାନ୍ତର କରିବା ସହିତ ବ୍ୟବହାର ଉପଯୋଗୀ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ଓ ବିଭିନ୍ନ ବ୍ଲକରେ ଚାଲୁ ରହିଥିବା ଯୋଜନାଗୁଡ଼ିକ ସମୟସୀମା ଭିତରେ ସାରିବା ପାଇଁ ଗୁରୁତ୍ୱ ଆରୋପ କରାଯାଇଥିଲା। ଯୋଜନା ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତ ପାଇଁ ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ମହାନ୍ତି ପରାମର୍ଶ ଦେଇଥିଲେ। ଚାଲୁ ରହିଥିବା ବିଭିନ୍ନ ଯୋଜନାଗୁଡ଼ିକୁ ସମୟସୀମା ଭିତରେ ସମାପ୍ତ କରି ଜନହିତରେ ଲଗାଇବା ପାଇଁ ଜିଲ୍ଲାପାଳ ଉପସ୍ଥିତ ଥିବା ସମସ୍ତ ବିଡିଓମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ମାଡ଼ ଓ ଦାଦାବଟି ମାମଲାରେ ଯୁବକ ଗିରଫ

ଗଂଜାମ,୨୭/୦୮ (ନି.ପ୍ର): ଗୋସାଇଁ ନୂଆଗାଁ ଥାନା ପୋଲିସ ଜଣେ ୧୯ ବର୍ଷୀୟ ଯୁବକକୁ ଗିରଫ କରିଛି। ଶାସ୍ତ୍ରୀ ନଗରର ସନ୍ତୋଷ କୁମାର ପଣ୍ଡାଙ୍କ ଅଭିଯୋଗ ଯେ ଅଭିଯୁକ୍ତ ମଦ ପିଇ ଗାଳି ଓ ଧମକ ଦେଇ ଖଣ୍ଡା ଓ ବାଉଁଶ ବାଡ଼ି ଦେଖାଇଥିଲା। ବାର ଜୁଲାଇ ଦିନ ପାଞ୍ଚଟା ତିରିଶରେ ନୀଳକଣ୍ଠ ନଗର ଛକ ପାଖରେ ତାଙ୍କୁ ଅଟକାଇ ଖଣ୍ଡାରେ ମାଡ଼ ମାରିବା ସହ ବାଇକ ଚଢ଼ାଇ ଦେବାକୁ ଚେଷ୍ଟା କରିଥିଲା। ତିରିଶ ହଜାର ଓ ପଚାଶ ହଜାର ଟଙ୍କା ମାଗି ମାରି ଦେବାକୁ ଧମକ ଦେଇଥିଲା। ଅଭିଯୁକ୍ତ ରୋହନ ପାଣିଗ୍ରାହୀ, ବୟସ ୧୯ ପିତା ସ୍ୱର୍ଗତ ଟୁଟୁ ପାଣିଗ୍ରାହୀ, ଶାସ୍ତ୍ରୀ ନଗର, ଗୋସାଇଁ ନୂଆଗାଁର ବାସିନ୍ଦ । ତାକୁ ଗତକାଲି ଗିରଫ କରାଯାଇଛି। ଏହି ଯୁବକ ନାଁରେ ପୂର୍ବରୁ ମଧ ଥାନାରେ ମାମଲା ରହିଛି ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ 'ଖେଲୋ ଇଣ୍ଡିଆ ସମ୍ବାଦ'—'ଖେଲ୍ କି ବାତ୍ ପ୍ରଧାନମନ୍ତ୍ରୀ କେ ସାଥ୍' କାର୍ଯ୍ୟକ୍ରମ




ବାରିପଦା ୨୭/୮: ଜାତୀୟ କ୍ରୀଡ଼ା ଦିବସ-୨୦୨୬ ଅବସରରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ପକ୍ଷରୁ 'ମାଇଁ ଭାରତ' ସହଯୋଗରେ 'ଖେଲୋ ଇଣ୍ଡିଆ ସମ୍ବାଦ'—'ଖେଲ୍ କି ବାତ୍ ପ୍ରଧାନମନ୍ତ୍ରୀ କେ ସାଥ୍' କାର୍ଯ୍ୟକ୍ରମ ଆଜି ବିଶ୍ୱବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ତଥା ସାର୍ବଜନୀନ ଉଦ୍ୟୋଗ ବିଭାଗର କ୍ୟାବିନେଟ୍ ମନ୍ତ୍ରୀ ମାନ୍ୟବର ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର, ମୟୂରଭଞ୍ଜ ସାଂସଦ ଶ୍ରୀଯୁକ୍ତ ନବଚରଣ ମାଝୀ, ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତି ଯୋଗଦେଇଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ମାଇଁ ଭାରତ ସ୍ୱେଚ୍ଛାସେବୀଙ୍କ ଦ୍ୱାରା କାର୍ଯ୍ୟକ୍ରମର ପରିଚୟ ଓ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରାଯାଇଥିଲା । ପୂର୍ବାହ୍ନ ୧୧ଟାରେ ମାନ୍ୟବର ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଭର୍ଚୁଆଲ୍ ଉପସ୍ଥିତି ପରେ ମାଇଁ ଭାରତ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା । ଏହାପରେ କେନ୍ଦ୍ର ଯୁବ କାର୍ଯ୍ୟ ଓ କ୍ରୀଡ଼ା ମନ୍ତ୍ରୀ ଡ. ମନସୁଖ ମାଣ୍ଡଭିୟଙ୍କ ସ୍ୱାଗତ ଅଭିଭାଷଣ ଏବଂ ଜାତୀୟ କ୍ରୀଡ଼ା ଦିବସ ସମ୍ପର୍କିତ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା । ପରବର୍ତ୍ତୀ ସମୟରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ୨୦୨୬ ସ୍ୱାଧୀନତା ଦିବସ ଅଭିଭାଷଣରେ କ୍ରୀଡ଼ା କ୍ଷେତ୍ର ସମ୍ପର୍କିତ ମୁଖ୍ୟ ବିଷୟବସ୍ତୁକୁ ନେଇ ପ୍ରସ୍ତୁତ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନ କରାଯାଇଥିଲା । ଏହାପରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କ୍ରୀଡ଼ା ଓ ଯୁବପିଢ଼ି ସମ୍ପର୍କିତ ବିଷୟରେ ଦେଶବାସୀଙ୍କୁ ସମ୍ବୋଧିତ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ପରେ ସ୍ଥାନୀୟ ଆୟୋଜିତ 'ଯୁବ ସମ୍ବାଦ' ପର୍ଯ୍ୟାୟରେ ସ୍ଥାନୀୟ କ୍ରୀଡ଼ାବିତ୍ ଓ ଯୁବ ପ୍ରତିନିଧିମାନଙ୍କୁ ନେଇ କ୍ରୀଡ଼ା ଭିତ୍ତିଭୂମିର ବିଗତ ବାର ବର୍ଷର ବିକାଶ, ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟିକୋଣ ଅନୁଯାୟୀ ଦେଶରେ କ୍ରୀଡ଼ାର ଅଭିବୃଦ୍ଧି ଏବଂ ଆଗାମୀ ଅଲିମ୍ପିକ୍ ଓ କମନୱେଲ୍‌ଥ କ୍ରୀଡ଼ା ପାଇଁ ଭାରତର ପ୍ରସ୍ତୁତି ସମ୍ପର୍କରେ ମତବିନିମୟ କରାଯାଇଥିଲା । ଏହାପରେ 'ଯୁବ ସମ୍ବାଦ'ରେ ଯୁବପିଢ଼ିଙ୍କ ଚିନ୍ତାଧାରା, ମତାମତ ଓ ଆକାଂକ୍ଷାକୁ ନେଇ ଖୋଲା ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମର ପରବର୍ତ୍ତୀ ପର୍ଯ୍ୟାୟରେ କ୍ରୀଡ଼ା ବ୍ୟକ୍ତିତ୍ୱଗଣ ଯଥା ସାଇ କଟକର ରଶ୍ମିତା ସାହୁ, ସୁରେଶ ସାହୁ, ଦିବ୍ୟରଞ୍ଜନ ଦାସ ଓ ମୟୂରଭଞ୍ଜର ସୋସିଆଲ ମିଡ଼ିଆ ପ୍ରଭାବକାରୀ ବ୍ୟକ୍ତି ତ୍ରିଲୋଚନ ବିନ୍ଧାଣୀ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା ଏବଂ 'ବିକଶିତ ଭାରତ ନଶାମୁକ୍ତ ଶପଥ' ଗ୍ରହଣ କରାଯାଇଥିଲା । ଶେଷରେ ମାଇଁ ଭାରତ ପୋର୍ଟାଲରେ ପଞ୍ଜୀକରଣ ପାଇଁ ଯୁବପିଢ଼ିଙ୍କୁ ଆହ୍ୱାନ ଦିଆଯାଇବା ସହ ଧନ୍ୟବାଦ ଅର୍ପଣ ଓ ଜାତୀୟ ସଙ୍ଗୀତ ପରିବେଷଣରେ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା । ମାଇଁ ଭାରତର ସ୍ୱେଚ୍ଛାସେବୀ ଶ୍ରୀ ସାଇ ରଞ୍ଜନ ଲେଙ୍କା ମଞ୍ଚ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ମାଇଁ ଭାରତ ମୟୂରଭଞ୍ଜର ଉପ ନିର୍ଦ୍ଦେଶକ ସାଥୀ ରାୟ, ଏନ୍‌ଆଇସି ମୟୂରଭଞ୍ଜର ବୈଜ୍ଞାନିକ ଅଜୟ କୁମାର ମହାପାତ୍ର, ଏନ୍.ଏସ୍.ଏସ୍. ବ୍ୟୁରୋର ସଂଯୋଜକ ଡ଼. ପ୍ରିୟ ରଞ୍ଜନ ଦେବତା, ପି.ଜି. ପୁରୁଷ ୟୁନିଟ୍‌ର କାର୍ଯ୍ୟକ୍ରମ ଅଧିକାରୀ ଡ଼. ଯତୀନ୍ଦ୍ରନାଥ ବେଶ୍ରା, ଜିଲ୍ଲା ନୋଡାଲ ଅଧିକାରୀ ଡ. ଅନାମ ଚରଣ ରାଉଳ, ଏନ୍.ଏସ୍.ଏସ୍. ବ୍ୟୁରୋର କର୍ମଚାରୀ ଅଜୟ କୁମାର ବଳ, ସୁସ୍ମିତା ପାତ୍ର ଓ ସୁନେଲିକା ପ୍ରହରାଜ ପ୍ରମୁଖ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀମାନଙ୍କ ସମେତ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଅଧ୍ୟାପକ, ଛାତ୍ରଛାତ୍ରୀ ଓ କର୍ମଚାରୀ ଯୋଗଦାନ କରିଥିଲେ ।

# ପିଗ୍ ଫାର୍ମରେ ଡକାୟତି ଘଟଣାର ପର୍ଦ୍ଦାଫାସ୍: ୨ ଅଭିଯୁକ୍ତ ଗିରଫ

ଝାରସୁଗୁଡ଼ା,୨୭/୦୮ (ନି.ପ୍ର): ବ୍ରଜରାଜନଗର ଥାନା ଅଞ୍ଚଳରେ ପିଗ୍ ଫାର୍ମରେ ଡକାୟତି ଘଟଣାର ପର୍ଦ୍ଦାଫାସ୍ କରିଛି ପୁଲିସ। ଏହି ଘଟଣାରେ ସମ୍ପୃକ୍ତ ଦୁଇ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିବା ସହ ୧୦ଟି ବଡ଼ ଘୁଷୁରି, ଗୋଟିଏ ଭୁଜାଲି, ଗୋଟିଏ ଛୁରୀ, ଅଭିଯୋଗକାରୀଙ୍କ ମୋବାଇଲ୍ ଫୋନ୍ ଏବଂ ଗୋଟିଏ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ପୁଲିସ ସୂଚନା ଅନୁସାରେ, ବରାଖଣ୍ଡିଆ ଗ୍ରାମର ଅଯୋଧ୍ୟା ରୋହିଦାସ (୫୨) ଗତ ପ୍ରାୟ ୫ ମାସ ଧରି ଏକ ପିଗ୍ ଫାର୍ମ ଚଳାଇ ଆସୁଥିଲେ। ଅଗଷ୍ଟ ୨୪ ତାରିଖ ରାତିରୁ ୨୫ ତାରିଖ ଭୋର ମଧ୍ୟରେ, ପ୍ରାୟ ରାତି ୧୨ଟାରୁ ୧ଟା ମଧ୍ୟରେ ୩ରୁ ୪ ଜଣ ଦୁର୍ବୃତ୍ତ ଫାର୍ମରେ ପଶିଥିଲେ। ସେମାନେ ଭୁଜାଲି ଓ ଖଣ୍ଡା ଦେଖାଇ ଅଯୋଧ୍ୟାଙ୍କୁ ଧମକ ଦେବା ସହ ମାଡ଼ ମାରି ତାଙ୍କ ନିଜ ପୋଷାକରେ ତାଙ୍କୁ ବାନ୍ଧି ଦେଇଥିଲେ। ପରେ ଦୁର୍ବୃତ୍ତମାନେ ଫାର୍ମରୁ ୩୦ଟି ଘୁଷୁରିକୁ ଏକ ପିକ୍‌ଅପ୍ ଭ୍ୟାନ୍‌ରେ ଲଦି ନେଇ ଫେରାର ହୋଇଯାଇଥିଲେ। ଘଟଣା ସମୟରେ ଅଯୋଧ୍ୟାଙ୍କ ବୁଢ଼ା ଆଙ୍ଗୁଠିରେ ଆଘାତ ଲାଗିଥିଲା। ଏଥିସହ ଅଭିଯୁକ୍ତମାନେ ତାଙ୍କ ମୋବାଇଲ୍ ଫୋନ୍ ଛଡ଼ାଇ ନେଇ ସିମ୍ କାର୍ଡ କାଢ଼ି ଦେଇଥିଲେ ଏବଂ ମୋବାଇଲ୍ ହ୍ୟାଣ୍ଡସେଟ୍କୁ ଫିଙ୍ଗି ଦେଇଥିଲେ। ଘଟଣା ସମ୍ପର୍କରେ କାହାକୁ କହିଲେ ଗୁରୁତର ପରିଣାମ ଭୋଗିବାକୁ ପଡ଼ିବ ବୋଲି ମଧ ଧମକ ଦେଇଥିଲେ।କୌଣସି ପ୍ରକାରେ ଅଯୋଧ୍ୟା ଘରେ ପହଞ୍ଚି ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ଜଣାଇବା ପରେ ବ୍ରଜରାଜନଗର ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଆଧାର କରି ବ୍ରଜରାଜନଗର ଥାନା କେସ୍ ନଂ-୧୮୩, ତାରିଖ ୨୫.୦୮.୨୦୨୬ ରୁଜୁ କରାଯାଇଥିଲା। ମାମଲାର ତଦନ୍ତ ବେଳେ ପୁଲିସ ବିଭିନ୍ନ ଦିଗରୁ ତଦନ୍ତ କରି ଅଭିଯୁକ୍ତଙ୍କ ସମ୍ପର୍କରେ ସୁରାକ୍ ପାଇଥିଲା। ଏହାପରେ ଦୁଇ ଅଭିଯୁକ୍ତଙ୍କୁ ଧରାଯାଇଛି। ସେମାନେ ହେଲେ ଝୁପୁଡ଼ିପଡ଼ା, ଶାସ୍ତ୍ରୀନଗର ଅଞ୍ଚଳର ସାହିଲ ଓରାମ (୧୯) ଏବଂ କାଳିନଗର ଅଞ୍ଚଳର ସୁନୀଲ ଓରଫ କାଲି କାଲେଟ୍ (୨୮)। ପୁଲିସ ସେମାନଙ୍କ ନିକଟରୁ ୧୦ଟି ବଡ଼ ଘୁଷୁରି, ଗୋଟିଏ ଭୁଜାଲି, ଗୋଟିଏ ଛୁରୀ, ଅଭିଯୋଗକାରୀଙ୍କ କିପ୍ୟାଡ୍ ମୋବାଇଲ୍ ଫୋନ୍ ଏବଂ ଓଡ଼ି ୨୩ କିୟୁ ୨୫୮୬ ନମ୍ବର ବିଶିଷ୍ଟ ମହିନ୍ଦ୍ରା ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ତଦନ୍ତରୁ ଗିରଫ ଦୁଇ ଅଭିଯୁକ୍ତଙ୍କର ଏହି ଅପରାଧରେ ସମ୍ପୃକ୍ତି ଥିବା ଜଣାପଡ଼ିଛି। ମାମଲାଟି ପ୍ରଥମେ ବି ଏନ୍ ଏସ ଧାରା ୩୦୯(୬)/୩(୫) ଅନୁଯାୟୀ ରୁଜୁ ହୋଇଥିବା ବେଳେ ତଦନ୍ତରେ ମିଳିଥିବା ତଥ୍ୟ ଓ ପ୍ରମାଣ ଆଧାରରେ ଏହାକୁ ବି ଏନ୍ ଏସ ଧାରା ୩୧୦(୨)/୧୧୧(୪)କୁ ପରିବର୍ତ୍ତନ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ ଆଇନଗତ ପଦକ୍ଷେପ ପାଇଁ ଅଦାଲତରେ ହାଜର କରାଯାଇଛି। ଏହି ଘଟଣାରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ଏବଂ ଘଟଣାର ସମ୍ପୂର୍ଣ୍ଣ ତଥ୍ୟ ଜାଣିବା ପାଇଁ ପୁଲିସର ତଦନ୍ତ ଜାରି ରହିଛି।

# ମହିଳାଙ୍କୁ ଡିଜିଟାଲ ହଇରାଣ ମାମଲାରେ ୩ ଘଂଟାରେ ଅଭିଯୁକ୍ତ ଗିରଫ

ଝାରସୁଗୁଡ଼ା,୨୭/୦୮ (ନି.ପ୍ର): ମହିଳାଙ୍କୁ ହଇରାଣ, ଧମକ ଏବଂ ଡିଜିଟାଲ ପ୍ଲାଟଫର୍ମର ଅପବ୍ୟବହାର ଅଭିଯୋଗ ମାମଲାରେ ଝାରସୁଗୁଡ଼ା ସାଇବର କ୍ରାଇମ୍ ଓ ଇକୋନୋମିକ୍ ଅଫେନ୍ସ ଥାନା ପୁଲିସ ତ୍ୱରିତ ପଦକ୍ଷେପ ନେଇ ମାତ୍ର ୩ ଘଂଟା ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ସମ୍ପର୍କରେ ସିସି ଆଣ୍ଡ ଇଓ ପି.ଏସ୍. କେସ୍ ନଂ-୩୦/ ୨୦୨୬ ରୁଜୁ ହୋଇଥିଲା। ଅଭିଯୋଗ ମିଳିବା ପରେ ପୁଲିସ ତୁରନ୍ତ ତଦନ୍ତ ଆରମ୍ଭ କରିଥିଲା। ମାମଲାରେ ଡିଜିଟାଲ ଓ ସୋସିଆଲ ମିଡିଆ ପ୍ଲାଟଫର୍ମର ଅପବ୍ୟବହାର ସହ ମହିଳାଙ୍କୁ ହଇରାଣ ଏବଂ ଅପରାଧିକ ଧମକ ଦିଆଯାଇଥିବା ଅଭିଯୋଗ ରହିଛି। ଗିରଫ ଅଭିଯୁକ୍ତ ହେଲେ କ୍ଷୀରସାଗର ବେହେରା (୩୦) ଝାରସୁଗୁଡ଼ା ଜିଲ୍ଲା ରେଙ୍ଗାଲି ଥାନା ଅନ୍ତର୍ଗତ ପିଥିଣ୍ଡା ଗ୍ରାମର ବାସିନ୍ଦା।




ସୂର୍ଯ୍ୟଭେଦ ପ୍ରାଣାୟମ୍ ଦ୍ୱାରା ଶରୀରର ଉତ୍ତାପ ବଢ଼ିଯାଏ, ବାତ ଦୋଷରୁ ହେଉଥିବା ଅସମତା ଦୂର ହୁଏ। ପିଙ୍ଗଳା ନାଡ଼ୀକୁ କ୍ରିୟାଶୀଳ କରି ପ୍ରାଣିକ ଶକ୍ତି ଉତ୍ତେଜିତ ହୁଏ ଏବଂ ଜାଗ୍ରତ ହୁଏ। ମନକୁ ବର୍ହିମୁଖୀ ଓ ଗତିଶୀଳ କରି ଦୈହିକ କ୍ରିୟାଗୁଡ଼ିକ ନିଖୁଣ ଭାବରେ କାର୍ଯ୍ୟକାରୀ ହୁଏ ଏବଂ ଅବସାଦ ଦୂର କରେ। ମନ ଅତ୍ୟଧିକ ସଜାଗ ହୁଏ ଏବଂ ଅନୁଭବ ଶକ୍ତି ବଢ଼ିଯାଏ। ଧ୍ୟାନର ପ୍ରସ୍ତୁତି ପାଇଁ ଏହା ଏକ ଉତ୍ତମ ପ୍ରାଣାୟମ। ନିମ୍ନ ରକ୍ତଚାପ, ବନ୍ଧ୍ୟାତ୍ୱ ଏବଂ କୃମି ଚିକିତ୍ସାରେ ସାହାଯ୍ୟ କରେ ବୋଲି କହନ୍ତି ଯୋଗଗୁରୁ ଗଣେଶ୍ୱର ଗୋଛିକାର।

## ଏହି ପ୍ରାଣାୟମ୍ କରିବା ପାଇଁ ପ୍ରଥମେ :

ଏକ ଆରାମଦାୟକ ଧ୍ୟାନସନରେ ବସନ୍ତୁ, ମୁଣ୍ଡ ଓ ମେରୁଦଣ୍ଡ ସିଧା ରହିବ। ହାତ ଆଣ୍ଠୁ ଉପରେ ଚିନ୍ ବା ଜ୍ଞାନ ମୁଦ୍ରାରେ ରଖନ୍ତୁ।
ଆଖି ବନ୍ଦ କରନ୍ତୁ ଏବଂ ପୂରା ଦେହ ଢ଼ିଲା କରନ୍ତୁ।
ଏକ ଆରାମଦାୟକ ସ୍ଥିତିରେ ସ୍ଥିର ଏବଂ ଶିଥିଳ ହୋଇଗଲେ ନିଶ୍ୱାସକୁ କିଛି ସମୟ ଲକ୍ଷ୍ୟ କରନ୍ତୁ।
ଡାହାଣ ହାତର ଅନାମିକା ଆଙ୍ଗୁଳିରେ ବାମ ନାସାରନ୍ଧ୍ରକୁ ବନ୍ଦ କରନ୍ତୁ ଏବଂ ଡାହାଣ ନାସାରନ୍ଧ୍ରରେ ଧୀର ଗଭୀର ନିଶ୍ୱାସ ନିଅନ୍ତୁ।
ନିଶ୍ୱାସ ନେବା ସରିଲେ ଦୁଇ ନାସା ରନ୍ଧ୍ର ବନ୍ଦ କରନ୍ତୁ, ନିଶ୍ୱାସ ଧରି ରଖନ୍ତୁ ଏବଂ ଜଳନ୍ଧର ଓ ମୂଳବନ୍ଧ କରନ୍ତୁ।
ପ୍ରଥମେ ଅଭ୍ୟାସ ଆରମ୍ଭ କରୁଥିଲେ କିଛି ସେକେଣ୍ଡ ପାଇଁ ଏହି ସ୍ଥିତିରେ ରୁହନ୍ତୁ
ମୂଳବନ୍ଧ ଛାଡ଼ିଦିଅନ୍ତୁ, ତାପରେ ଜଳନ୍ଧର ବନ୍ଧ ଛାଡ଼ିବେ
ମୁଣ୍ଡ ସିଧା କରନ୍ତୁ, ଧୀରେ ଡାହାଣ ନାସାରନ୍ଧ୍ରରେ ନିଶ୍ୱାସ ଛାଡ଼ନ୍ତୁ


## ଅବଧି

ସୂର୍ଯ୍ୟଭେଦ ପ୍ରାଣାୟମ ପ୍ରଥମେ ଅଭ୍ୟାସ କରୁଥିଲେ ୧୦ ଚକ୍ର ଅଭ୍ୟାସ ଯଥେଷ୍ଟ। ଅଭ୍ୟାସ ସହଜ ଓ ଆରାମଦାୟକ ହୋଇଗଲେ ୧୦ରୁ ୧୫ ମିନିଟ୍ ବଢ଼ାଇ ପାରିବେ।

## ସାବଧାନତା

ଖାଇବା ପରେ ଏହି ଅଭ୍ୟାସ କରିବେ ନାହିଁ କାରଣ ପାଚନ କ୍ରିୟାରୁ ସୃଷ୍ଟି ହେଉଥିବା ଶକ୍ତିର ପ୍ରବାହ ବାଧା ପାଇବ
୩୦ ମିନିଟ୍‌ରୁ ବେଶୀ ସମୟ ଏହି ପ୍ରାଣାୟମ୍ କଲେ ଶ୍ୱସନ ଚକ୍ରରେ ଥିବା ସନ୍ତୁଳନ ଭାଙ୍ଗିଯାଏ
ହୃଦ୍‌ରୋଗ, ରକ୍ତଚାପ ଓ ଅପସ୍ମାର ଥିବା ବ୍ୟକ୍ତି ଏହି ଅଭ୍ୟାସ କରିବେ ନାହିଁ।

# ରାତିକ ନିଦରୁ ରୋଗ ନିରୂପଣ କରିବ ଏଆଇ ମଡେଲ୍



ରୋଗ ଯୋଗୁଁ ରୋଗୀ କି ପ୍ରକାର ବିପଦରେ ପଡ଼ିପାରନ୍ତି ତାହା ଆକଳନ କରିବା ଲାଗି ଦୀର୍ଘବର୍ଷ ଧରି ଡାକ୍ତରମାନେ ଲକ୍ଷଣ, ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଅତୀତ ଅସୁସ୍ଥତା ଓ ଚିକିତ୍ସାର ତଥ୍ୟ ଉପରେ ନିର୍ଭର କରିଆସୁଛନ୍ତି। ଏତେ କଥା ଯଦି ରାତିକ ନିଦ୍ରାରୁ ଜାଣିହୁଏ, କ୍ଷତି କ'ଣ ? ଯୁକ୍ତରାଷ୍ଟ୍ର ଆମେରିକାସ୍ଥିତ ଷ୍ଟାନ୍‌ଫୋର୍ଡ ମେଡିସିନ୍‌ରେ ଥିବା ଗବେଷକମାନେ ନିଦ୍ରା ସଙ୍କେତ ବାରିବା ଲାଗି ଗୋଟାଏ ନୂତନ ଏଆଇ ମଡେଲ୍ ପ୍ରସ୍ତୁତ କରିଛନ୍ତି। ଉକ୍ତ ମଡେଲ୍ କେବଳ ଗୋଟିଏ ରାତ୍ରିର ନିଦ୍ରାରୁ ନିଃସୃତ ମାନସିକ ସଙ୍କେତ ରେକର୍ଡ କରି ଶତାଧିକ ଶାରୀରିକ ଅସୁସ୍ଥତା ସମ୍ବନ୍ଧୀୟ ପୂର୍ବାଭାସ ଦେବାକୁ ସମର୍ଥ। 'ସ୍ଲିପ୍ ଏଫ୍‌ଏମ୍' ନାମରେ ପରିଚିତ 'ଦି ଫାଉଣ୍ଡେସ୍‌ନାଲ୍ ଏଆଇ ମଡେଲ୍'କୁ ୬୫ ହଜାର ଲୋକଙ୍କଠାରୁ ସଂଗୃହୀତ ପ୍ରାୟ ୬ ଲକ୍ଷ ଘଣ୍ଟା ଶୟନ ତଥ୍ୟାବଳି ଦ୍ୱାରା ତାଲିମ ଦିଆଯାଇଛି। ଏଥିରେ ରହିଛି ମସ୍ତିଷ୍କ କାର୍ଯ୍ୟକଳାପ, ହୃତ୍‌ପିଣ୍ଡ କାର୍ଯ୍ୟକଳାପ, ଶ୍ୱାସକ୍ରିୟା ସଙ୍କେତ, ଗୋଡ଼ ଚଳାଚଳ, ଚକ୍ଷୁ ଚଳାଚଳ ଓ ଅନ୍ୟାନ୍ୟ ମାନସିକ ତଥ୍ୟାବଳି। ବିଭିନ୍ନ ପ୍ରକାର ସେନ୍‌ସର ଦ୍ୱାରା ଏସବୁ ତଥ୍ୟ ସଂଗ୍ରହ କରାଯାଇଥିଲା। ଏ ଗବେଷଣା ପତ୍ରର ଅନ୍ୟତମ ସହ-ଲେଖକ ଡାକ୍ତର ଜେମ୍‌ସ ଜେ କହିଛନ୍ତି, ''ଏଆଇ ଟୁଲ୍ ଦୃଷ୍ଟିରୁ ବିଚାର କଲେ, ନିଦ୍ରା ଉପରେ ବିଶେଷ ଗବେଷଣା ହୋଇ ନ ଥିଲା। ପାଥୋଲୋଜି ଅଥବା କାର୍ଡିଓଲୋଜି ସଂକ୍ରାନ୍ତ ରୋଗ ନିଦାନ ନିମନ୍ତେ ଅନେକ ଏଆଇ କାର୍ଯ୍ୟ କରୁଛନ୍ତି, କିନ୍ତୁ ନିଦ୍ରା ଜୀବନର ଗୁରୁତ୍ୱପୂର୍ଣ୍ଣ ଅଂଶ ହୋଇଥିଲେ ବି ତା' ଉପରେ ସେମାନେ ଆଦୌ ଦୃଷ୍ଟି ଦେଉନାହାନ୍ତି।'' ଉକ୍ତ ଏଆଇ ମଡେଲ୍‌କୁ ତାଲିମ ଦେବା ଲାଗି ଷ୍ଟାନ୍‌ଫୋର୍ଡ ମେଡିସିନ୍ ଗବେଷକମାନେ ୨ରୁ ନେଇ ୯୬ ବର୍ଷ ବୟସ ପର୍ଯ୍ୟନ୍ତ ୩୫,୦୦୦ ନିଦ୍ରିତ ରୋଗୀଙ୍କଠାରୁ ତଥ୍ୟ ସଂଗ୍ରହ କରିଥିଲେ। ୧୯୯୯ରୁ ୨୦୨୪ ମଧ୍ୟରେ ଷ୍ଟାନ୍‌ଫୋର୍ଡର ସ୍ଲିପ୍ କ୍ଲିନିକ୍‌ରେ ସେମାନେ ରୋଗୀମାନଙ୍କର ପଲିସମ୍‌ନୋଗ୍ରାଫି ଡେଟା ରେକର୍ଡ କରାଇଥିଲେ। ତା'ପରେ ଉକ୍ତ ଡେଟାକୁ କ୍ଷୁଦ୍ର କ୍ଷୁଦ୍ର ଭାଗକରି ତାହା ଦ୍ୱାରା ଏଆଇ ମଡେଲ୍‌କୁ ତାଲିମ ଦିଆଯାଇଥିଲା। ଏଥର ସେମାନେ 'ସ୍ଲିପ୍ ଏଫ୍‌ଏମ୍'କୁ ରୋଗ ନିରୂପଣ କ୍ଷେତ୍ରରେ ପରୀକ୍ଷାମୂଳକ ଭାବେ ପ୍ରୟୋଗ କଲେ। ଫଳାଫଳରୁ ଜଣାପଡ଼ିଲା, ଭବିଷ୍ୟତରେ ସମ୍ପୃକ୍ତ ରୋଗୀମାନଙ୍କୁ ଆକ୍ରାନ୍ତ କରିବାର ସମ୍ଭାବନା ଥିବା ପ୍ରାୟ ୧୩୦ ପ୍ରକାର ରୋଗ ସମ୍ବନ୍ଧରେ ଏହା ଅପେକ୍ଷାକୃତ ସଠିକ୍ ସୂଚନା ପ୍ରଦାନ କରିଛି। ବିଭିନ୍ନ ପ୍ରକାର କର୍କଟରୋଗ, ଗର୍ଭଧାରଣ ଜଟିଳତା, ରକ୍ତ ସଞ୍ଚାଳନ ଅବସ୍ଥା ଓ ମସ୍ତିଷ୍କ ବିକୃତି ଆଦି ରୋଗ ସଂକ୍ରାନ୍ତୀୟ ଭବିଷ୍ୟବାଣୀ କରିବା ଲାଗି ଭାଷା ପରିବର୍ତ୍ତେ ଏବେ 'ସ୍ଲିପ୍ ଏଫ୍‌ଏମ୍' 'କନ୍‌କର୍ଡାନ୍‌ସ ଇଣ୍ଡେକ୍ସ' ବା ସଂକ୍ଷେପରେ 'ସି-ଇଣ୍ଡେକ୍ସ' ଯୋଗେ ସୂଚନା ଦେଉଛି। ଏହା ଗୋଟାଏ ଗାଣିତକ ପଦ୍ଧତି। ଉଦାହରଣ ସ୍ୱରୂପ ହୃଦ୍‌ଘାତ ଆଶଙ୍କା ସଙ୍କେତ ୦.୮୧, ପ୍ରୋଷ୍ଟେଟ୍ କ୍ୟାନ୍‌ର ସଙ୍କେତ ୦.୮୯, ସ୍ତନ କର୍କଟରୋଗ ୦.୮୭ ଓ ମୃତ୍ୟୁ ୦.୮୪ ଇତ୍ୟାଦି। କିନ୍ତୁ, ଏଥିରୁ ସଠିକ୍ ଅର୍ଥ ବାହାର କରିବା ସମସ୍ତଙ୍କ ପକ୍ଷେ ସହଜ ନୁହେଁ। 'ସ୍ଲିପ୍ ଏଫ୍‌ଏମ୍' କିପରି ଭାଷା, ବିଶେଷକରି ଇଂରେଜୀ ଭାଷାରେ ରୋଗ ସଂକ୍ରାନ୍ତ ପୂର୍ବାଭାସ ସୂଚାଇବ ତା'ଉପରେ ଗବେଷଣା ଚାଲିଛି ବୋଲି ଡାକ୍ତର ଜେ କହିଛନ୍ତି।

# ଏହି ଦେଶକୁ ଯାଆନ୍ତୁ: ସାମାନ୍ୟ କାମ କରି ୫ ବର୍ଷରେ ହୋଇଯିବେ କୋଟିପତି



ଭାରତରେ ବହୁ ସଂଖ୍ୟକ ଲୋକ ବିଦେଶ ଯିବାର ସ୍ୱପ୍ନ ଦେଖନ୍ତି। ଅଧିକାଂଶ ଲୋକ ଆମେରିକା, କାନାଡା କିମ୍ବା ଉପସାଗରୀୟ ଦେଶଗୁଡ଼ିକୁ ଯିବାକୁ ସ୍ୱପ୍ନ ଦେଖୁଥିବା ବେଳେ, ୟୁରୋପ ନିକଟରେ ଏକ ଛୋଟ ଦେଶ ରହିଛି ଯାହାକି ଭାରତୀୟମାନଙ୍କ ପାଇଁ ଏକ ନୂତନ ଏବଂ ଆଶ୍ଚର୍ଯ୍ୟଜନକ ବିକଳ୍ପ ହେବାକୁ ଯାଉଛି।ଏହି ଦେଶ ହେଉଛି ଜିବ୍ରାଲ୍ଟର । ଯାହା ୟୁରୋପର ଦକ୍ଷିଣ ପାର୍ଶ୍ୱରେ ସ୍ପେନ ସୀମାକୁ ଲାଗିକି ରହିଛି। ଆକାରରେ ଛୋଟ ହେଲେ ମଧ, ଏହାର ଅର୍ଥନୀତି ବହୁତ ଶକ୍ତିଶାଳୀ ବୋଲି ବିବେଚନା କରାଯାଏ। ଏହାର ଆୟର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପର୍ଯ୍ୟଟନ, ବ୍ୟାଙ୍କିଂ, ପରିବହନ ଏବଂ ଅନଲାଇନ୍ ଗେମିଂ ଭଳି କ୍ଷେତ୍ରରୁ ଆସିଥାଏ।

ଜିବ୍ରାଲ୍ଟରରେ ଜିବ୍ରାଲ୍ଟର ପାଉଣ୍ଡ ବ୍ୟବହାର କରାଯାଏ, ଯାହାକୁ ଏଓଚ ବୋଲି କୁହାଯାଏ। ଏହାର ମୂଲ୍ୟ ଭାରତୀୟ ଟଙ୍କା ତୁଳନାରେ ଯଥେଷ୍ଟ ଅଧିକ। ଏକ ରିପୋର୍ଟ ଅନୁଯାୟୀ, ଗୋଟିଏ ଜିବ୍ରାଲ୍ଟର ପାଉଣ୍ଡର ମୂଲ୍ୟ ପ୍ରାୟ ୧୨୦ ଟଙ୍କା। ଏହାର ଅର୍ଥ ହେଉଛି ଏଠାରେ ଟଙ୍କା ଭାରତ ତୁଳନାରେ ବହୁତ ଅଧିକ ମୂଲ୍ୟ ରଖେ। ଯଦି ଆପଣଙ୍କର ୨୦୦୦ ଜିବ୍ରାଲ୍ଟର ପାଉଣ୍ଡ ଅଛି, ତେବେ ଏହି ପରିମାଣ ୨୪୧୦୦୦ ଭାରତୀୟ ଟଙ୍କାରୁ ଅଧିକ ହେବ। ବର୍ତ୍ତମାନ, ଯଦି ଏହି ଦରମାକୁ ଦୀର୍ଘ ସମୟ ଧରି ବିଚାର କରାଯାଏ, ତେବେ ସଂଖ୍ୟାଗୁଡ଼ିକ ଆହୁରି ଆଶ୍ଚର୍ଯ୍ୟଜନକ। ୨୦୦୦ ପାଉଣ୍ଡର ମାସିକ ଆୟ ପ୍ରତି ବର୍ଷ ୨୪୦୦୦ ପାଉଣ୍ଡରେ ପହଞ୍ଚିଯାଏ । ଏହି ପରିମାଣ ୫ ବର୍ଷରେ ୨୪୦୦୦୦ ପାଉଣ୍ଡରେ ପହଞ୍ଚିଯାଏ। ଭାରତୀୟ ଟଙ୍କାରେ ପରିଣତ ହେଲେ, ମୋଟ ରୋଜଗାର ପ୍ରାୟ ୧୪.୪ ନିୟୁତ ଟଙ୍କା (୧ କୋଟି ୪୪ ଲକ୍ଷ ୯୨ ହଜାର ଟଙ୍କା) ରେ ପହଞ୍ଚିଥାଏ। ଏହି ହିସାବ କେବଳ ଦରମାକୁ ବିଚାର କରେ; ଯଦି ସଠିକ୍ ଭାବରେ ନିବେଶ କରାଯାଏ, ତେବେ ମୋଟ ସମ୍ପତ୍ତି ବହୁତ ଅଧିକ ହୋଇପାରେ। ଜିବ୍ରାଲ୍ଟରର ଅର୍ଥନୀତି ସେବା କ୍ଷେତ୍ର ଉପରେ ଆଧାରିତ, ତେଣୁ ବୃତ୍ତିଗତ ଦକ୍ଷତାର ଚାହିଦା ଅଧିକ। ବ୍ୟାଙ୍କିଂ, ଆର୍ଥିକ, ବୀମା, ଆଇଟି, ପ୍ରଯୁକ୍ତିବିଦ୍ୟା, ଅନଲାଇନ୍ କାସିନୋ, ହୋଟେଲ ଏବଂ ପର୍ଯ୍ୟଟନ ଭଳି କ୍ଷେତ୍ର ଭାରତୀୟମାନଙ୍କ ପାଇଁ ଉତ୍କୃଷ୍ଟ ସୁଯୋଗ ପ୍ରଦାନ କରେ। କାରଣ ଏଠାରେ ଇଂରାଜୀ ବହୁଳ ଭାବରେ ବ୍ୟବହୃତ ହୁଏ, ତେଣୁ ଭାରତୀୟମାନଙ୍କ ପାଇଁ କାମ ଖୋଜିବା ଅପେକ୍ଷାକୃତ ସହଜ ବୋଲି ବିବେଚନା କରାଯାଏ।

# ଚା'ରେ ଚିନି କମାଇବାର ଲାଭ

ଦୈନନ୍ଦିନ ଚା'ରେ ଚିନିର ପରିମାଣ ହ୍ରାସ କରିବା ଏକ ବଡ଼ କଥା ନ ଲାଗିପାରେ, କିନ୍ତୁ ଏହାଦ୍ୱାରା ଆମ ଶରୀରକୁ ଆଶାତୀତ ଲାଭ ମିଳିଥାଏ। ଚିନି ଛାଡ଼ିବାର ପ୍ରାରମ୍ଭିକ ଦିନଗୁଡ଼ିକ ଆହ୍ୱାନପୂର୍ଣ୍ଣ ହୋଇପାରେ, କାରଣ ଆମର ଜିହ୍ୱା ଓ ମସ୍ତିଷ୍କ ଚିନି ଦ୍ୱାରା ଶୀଘ୍ର ସନ୍ତୋଷରେ ଅଭ୍ୟସ୍ତ। ଚିନି ଛାଡ଼ିବା ପରେ ଆମେ ଚିନି ପାଇଁ ବ୍ୟାକୁଳ ହୋଇପାରନ୍ତି, ଶକ୍ତି ହ୍ରାସ ଅନୁଭବ କରିପାରନ୍ତି, କିମ୍ବା ସାମାନ୍ୟ ମୁଣ୍ଡବିନ୍ଧା ମଧ ଅନୁଭବ କରିପାରନ୍ତି। କାରଣ ଆମ ଶରୀର ପୂର୍ବରୁ ଅଭ୍ୟସ୍ତ ହୋଇପଡ଼ିଥିବା ଦ୍ରୁତ ଗ୍ଲୁକୋଜ୍ ବୃଦ୍ଧିର ଅନୁପସ୍ଥିତି ସହ ଖାପ ଖୁଆଇବା ଆରମ୍ଭ କରିଥାଏ। ବିଶିଷ୍ଟ ଏଣ୍ଡୋକ୍ରାଇନୋଲୋଜିଷ୍ଟମାନଙ୍କ କହିବାନୁସାରେ, ବିନା ଚିନିରେ ଚା' ଅଭ୍ୟାସ କରିବାର ପ୍ରଥମ ସପ୍ତାହ ପରେ ଶରୀରର ରକ୍ତ ଶର୍କରା ସ୍ତର ସ୍ଥିର ହେବା ଆରମ୍ଭ କରେ। ବାରମ୍ବାର ଚିନି ମାତ୍ରାରେ ତୀବ୍ର ବୃଦ୍ଧି ବିହୁନେ ଆମର ଇନସୁଲିନ୍ ସମ୍ବେଦନଶୀଳତା ଉନ୍ନତ ହୋଇଥାଏ, ଯାହା ଶରୀରକୁ ଅଧିକ ଦକ୍ଷତାର ସହ ଶକ୍ତି ବ୍ୟବହାର କରିବାକୁ ଅନୁମତି ଦିଏ। ଖାଇବା ପରେ କମ୍ ଆବେଗିକ ପରିବର୍ତ୍ତନ ଏବଂ କମ୍ ଥକାପଣ ଲକ୍ଷ୍ୟ କରାଯାଇପାରେ। ପ୍ରାୟ ଦୁଇ ସପ୍ତାହ ପରେ ସ୍ୱାଦର ଭାବନା ପୁନଃସ୍ଥାପିତ ହେବା ଆରମ୍ଭ କରେ। ଚା', କ୍ଷୀର କିମ୍ବା ଫଳର ପ୍ରାକୃତିକ ମିଠା ଯଥେଷ୍ଟ ଶକ୍ତିଶାଳୀ ଅନୁଭବ ହେବା ଆରମ୍ଭ ହୁଏ। ମାସର ଶେଷ ସୁଦ୍ଧା ତଜ୍ଜନିତ ଲାଭଗୁଡ଼ିକ ଅଧିକ ଦୃଶ୍ୟମାନ ହୁଏ। ଚିନି ବିନା କ୍ୟାଲୋରି ଗ୍ରହଣ କମିଯିବାରୁ ବିଶେଷ କରି ଅଣ୍ଟା ପାଖରେ ଟିକିଏ ଓଜନ ହ୍ରାସ ମନେହେବ।

# ବ୍ରାଇଡାଲ୍ ସ୍କିନ୍ କେୟାର



ବିବାହ ସମୟରେ ସମସ୍ତେ ସୁନ୍ଦର ଲାଗିବାକୁ ଚେଷ୍ଟା କରିଥାଆନ୍ତି । ବିଶେଷ କରି ମହିଳାମାନେ ବ୍ରାଇଡାଲ୍ ଲୁକ୍ ପାଇଁ ଅଧିକ ଚିନ୍ତିତ ଥାଆନ୍ତି । ସମସ୍ତେ ସେମାନଙ୍କ ବିବାହ ଦିନ କ୍ୟାମେରା ଆଗରେ ସୁନ୍ଦର ଦେଖାଯିବାକୁ ଚାହାଁନ୍ତି।
ନିଜକୁ ସୁନ୍ଦର କରିବା ପାଇଁ ଯେତେବେଳେ ବିୟୁଟି ପାର୍ଲରକୁ ଯାଇଥାଉ ସେତେବେଳେ ଆମକୁ ଅନେକ ଟଙ୍କା ଖର୍ଚ୍ଚ କରିବାରୁ ପଡିଥାଏ। କିନ୍ତୁ ଆମେ ଆପଣଙ୍କ ପାଇଁ କିଛି ବ୍ରାଇଡାଲ୍ କିମ୍ବା ତ୍ୱଚା ଯତ୍ନ ଟିପ୍ସ ଆଣିଛୁ। ଯାହାକୁ ଆପଣ ଆପଣଙ୍କ ବିବାହ ପୂର୍ବରୁ ଅନୁସରଣ କଲେ ଏହା ଭଲ ଫଳ ଦେଇଥାଏ।

## ବିବାହ ପୂର୍ବରୁ କିପରି ନେବେ ନିଜ ତ୍ୱଚା ଯତ୍ନ:

### ସବୁଦିନ ମୁହଁ ଧୁଅନ୍ତୁ

ପ୍ରତିଦିନ ତ୍ୱଚାକୁ ଧୁଅନ୍ତୁ । ତ୍ୱଚାକୁ ଧୋଇବା ପାଇଁ କୌଣସି ଭଲ କମ୍ପାନିର ଫେସ୍ ୱାଶ୍ ବ୍ୟବହାର କରନ୍ତୁ । ଦିନକୁ ଥରେ ଆପଣଙ୍କ ତ୍ୱଚାକୁ ହାଲୁକା ଭାବରେ ଧୁଅନ୍ତୁ। ଏହା ଆପଣଙ୍କ ଚର୍ମରୁ ମଇଳା ଏବଂ ତେଲ ବାହାର କରିବା ସହ ଆପଣଙ୍କ ଛିଦ୍ରଗୁଡ଼ିକୁ ସଫା କରିବ। ତା'ପରେ, ଉଷୁମ ପାଣିରେ ବାଷ୍ପ ନିଅନ୍ତୁ। ଆପଣଙ୍କ ଛିଦ୍ରଗୁଡ଼ିକୁ ଖୋଲିବା ଏବଂ ରକ୍ତ ସଞ୍ଚାଳନ ବୃଦ୍ଧି କରିବାରେ ସହାୟକ ହେବ। କିନ୍ତୁ ଏହି ବାଷ୍ପ କେବଳ ୫ ମିନିଟ୍ ପାଇଁ ନିଅନ୍ତୁ।

### ହାଲୁକା ସ୍କ୍ରବ କିମ୍ବା ଫେସ ପ୍ୟାକ୍ ଲଗାନ୍ତୁ

ତ୍ୱଚା ଭଲଭାବରେ ପରିଷ୍କାର ହେବା ହାଲୁକା ସ୍କ୍ରବ କିମ୍ବା ଫେସ୍ ପ୍ୟାକ୍ ଲଗାନ୍ତୁ। ମନେ ରଖିବେ ସ୍କ୍ରବକୁ ବେଶୀ ମୁହଁରେ ଘଷିବେ ନାହିଁ। ଏହାପରେ ମୁହଁକୁ ଭଲଭାବରେ ଧୋଇଦେଲା ପରେ ଫେସିଆଲ ମାସ୍କ ଲଗାନ୍ତୁ। ଫେସିଆଲ ମାସ୍କ ଭାବରେ ଆପଣ ଦହି ,ମହୁ କିମ୍ବା ଆଲୋଭେରାକୁ ବ୍ୟବହାର କରିପାରିବେ । ଏହାକୁ ପନ୍ଦର ମିନିଟ ଲଗାଇବା ପରେ ଥଣ୍ଡା ପାଣିରେ ମୁହଁକୁ ଧୋଇ ଦିଅନ୍ତୁ । ଏହା ଆପଣଙ୍କ ତ୍ୱଚାକୁ ନରମ ଏବଂ ହାଇଡ୍ରେଟେଡ୍ ରଖିବ।

### ଥଣ୍ଡା ଟୋନର ଏବଂ ମସାଜ

ଫେସ୍ ମାସ୍କକୁ ଧୋଇବା ପରେ ଏକ କୁଲିଂ ଟୋନର କିମ୍ବା ଗୋଲାପ ଜଳ କୁ ଆପଣଙ୍କ ତ୍ୱଚାରେ ଥାପନ୍ତୁ। ଏହା ଆପଣଙ୍କ ତ୍ୱଚାକୁ ନରମ କରିବା ସହ ରକ୍ତ ସଞ୍ଚାଳନ ବୃଦ୍ଧି କରିଥାଏ।

### ମଇଷ୍ଟରାଇଜିଂ କରନ୍ତୁ

ଆପଣଙ୍କ ତ୍ୱଚାକୁ ମଇଷ୍ଟରାଇଜ କରନ୍ତୁ। ଏହାକୁ ନରମ ଏବଂ ଉଜ୍ଜ୍ୱଳ ରଖିବା ପାଇଁ ଏକ ହାଲୁକା ଅଣ-ତୈଳଯୁକ୍ତ ମଇଷ୍ଟରାଇଜର ଲଗାନ୍ତୁ। ମାର୍କେଟରେ ଆପଣଙ୍କୁ ସହଜରେ ଭଲ କମ୍ପାନୀର ମଇଷ୍ଟରାଇଜ ମିଳିଯିବ। ଯଦି ଆପଣଙ୍କର ତ୍ୱଚାରେ ବ୍ରଣ ଅଛି, ତେବେ ସକାଳୁ ମୁହଁ ଧୋଇବା ପୁର୍ବରୁ ବାସି ଛେପ ବ୍ରଣ ହେଉଥିବା ସ୍ଥାନରେ ଲଗାନ୍ତୁ।

### ପ୍ରଚୁର ପାଣି ପିଅନ୍ତୁ

ବିବାହ ଦିନ ବା ଏହାର କିଛି ଦିନ ପୁର୍ବରୁ ଦିନସାରା ପ୍ରଚୁର ପାଣି ପିଅନ୍ତୁ। ଏହା ଆପଣଙ୍କ ତ୍ୱଚାକୁ ହାଇଡ୍ରେଟ ରଖିଥାଏ। ଏହା ସହିତ ଭଲ ନିଦ ବା ବିଶ୍ରାମ ଅତ୍ୟନ୍ତ ଜରୁରୀ। ଯଦି ଆପଣ ରାତିରେ ଭଲ ନିଦରେ ଶୋଇବେ ତେବେ ସକାଳେ ଆପଣଙ୍କୁ ସତେଜ ଏବଂ ଉଜ୍ଜ୍ୱଳ ଅନୁଭବ ହୋଇଥାଏ । ଏହି ସରଳ ପଦକ୍ଷେପଗୁଡ଼ିକୁ ଅନୁସରଣ କଲେ ଆପଣ ଆପଣଙ୍କ ବିବାହ ଦିନ ଉଜ୍ଜ୍ୱଳ ଏବଂ ସୁନ୍ଦର ଦେଖାଯାଇପାରିବେ। ଏହା କେବଳ ଆପଣଙ୍କୁ ଉଜ୍ଜ୍ୱଳ କରିବ ନାହିଁ , ଏହି ଛୋଟ ଛୋଟ ଟିପ୍ସର ଅନୁସରଣ ଫଳରେ ଆପଣଙ୍କ ଆତ୍ମବିଶ୍ୱାସ ମଧ ବଢିଥାଏ।




ସକାଳ ହେଉ ଅବା ସନ୍ଧ୍ୟା ଜଳଖିଆରେ କମ ସମୟରେ କିଛି ଗରମାଗରମ ଖାଦ୍ୟ ଖାଇବାକୁ ନଚେତ ଖୁଆଇବାକୁ ଚାହୁଁଥିଲେ ପ୍ରସ୍ତୁତ କରନ୍ତୁ ଆଳୁ ଉତ୍ତପମ। ଆଳୁ ଉତ୍ତପମ ତିଆରି କରିବା ପଦ୍ଧତି ଖୁବ ସହଜ ।

### *ଆଳୁ ଉତ୍ତପମ୍ ତିଆରି କରିବା ପାଇଁ ଆବଶ୍ୟକ ସାମଗ୍ରୀ*

ସିଝା ଆଳୁ - ୪-୫ଟି
ପିଆଜ - ୧
କୋରା ହୋଇଥିବା ପନିର – ୨ରୁ ୩ ଚାମଚ
ମଇଦା - ୧ ଚାମଚ
ଚୁଡ଼ା - ୧ ଚାମଚ
ଅଦା-ରସୁଣ ପେଷ୍ଟ - ୧ ଚାମଚ
ସୋରିଷ - ୧/୨ ଚାମଚ
ଲାଲ ଲଙ୍କା ଗୁଣ୍ଡ - ୧ ଚାମଚ
କଟା ଧନିଆ ପତ୍ର - ୨ ଚାମଚ
ତେଲ - ୨ ଚାମଚ
ଲୁଣ - ସ୍ୱାଦ ଅନୁସାରେ

### *ଆଳୁ ଉତ୍ତପମ୍ ତିଆରି କରିବାର ପଦ୍ଧତି*

ଆଳୁ ଉତ୍ତପମ୍ ତିଆରି କରିବା ପାଇଁ ପ୍ରଥମେ ଆଳୁକୁ ଭଲ ଭାବରେ ସିଝାଇ ଚକଟି ଦିଅନ୍ତୁ। ପୂର୍ବରୁ ପାଣିରେ ଭିଜାଇ ରଖିଥିବା ଚୁଡ଼ାକୁ ଚିପୁଡ଼ି ସେଥିରେ ମିଶାଇ ଦିଅନ୍ତୁ। କଟା ପିଆଜ, ଅଦା-ରସୁଣ ପେଷ୍ଟ, କଟା ଧନିଆ ପତ୍ର, ସୋରିଷ, କର୍ଣ୍ଣଫ୍ଲୋର ଏବଂ ଅନ୍ୟାନ୍ୟ ମସଲା ପକାଇ ଭଲ ଭାବରେ ମିଶାନ୍ତୁ। ତାୱା ଗରମ କରି ତେଲ ପକାଇ ସେଥିରେ ଉକ୍ତ ପୋଷ୍ଟକୁ ଛୋଟଛୋଟ ଚକୁଳି ଆକୃତିରେ କରନ୍ତୁ। ଗୋଟିଏ ପରେ ଏପରି କରି ଗରମାଗରମ ପ୍ରସ୍ତୁତ କରନ୍ତୁ ଆଳୁ ଉତ୍ତପମ୍।

# 'ସ୍ଥାନାନ୍ତରିତ' ଓ 'ଅନୁପସ୍ଥିତ' ଆଳରେ ଲକ୍ଷ ଲକ୍ଷ ଭୋଟର ବାଦ୍: କେତେ ସ୍ୱଚ୍ଛ ଏହି ପ୍ରକ୍ରିୟା ?

ସାମ୍ପ୍ରତିକ ସମୟରେ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଦେଶବ୍ୟାପୀ ଆରମ୍ଭ ହୋଇଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ବା ସ୍ପେଶାଲ୍ ଇଣ୍ଟେନ୍ସିଭ୍ ରିଭିଜନ୍ (ଏସଆଇଆର) ୨୦୨୬ ପ୍ରକ୍ରିୟା ଏବେ ଏକ ବଡ଼ ବିବାଦର ରୂପ ନେଇଛି । ବିଶେଷ କରି ତେଲେଙ୍ଗାନା ଏବଂ କର୍ଣ୍ଣାଟକରେ ଏହି ପ୍ରକ୍ରିୟା ଅଧୀନରେ ପ୍ରକାଶିତ ଡ୍ରାଫ୍ଟ ଭୋଟର ତାଲିକାରେ ଯେଉଁଭଳି ଭାବରେ ବ୍ୟାପକ ସ୍ତରରେ ଭୋଟରଙ୍କ ନାମ କାଟି ଦିଆଯାଇଛି, ତାହା ଗଣତନ୍ତ୍ର ପାଇଁ ଏକ ଚିନ୍ତାର କାରଣ ପାଲଟିଛି । କେବଳ ନାମ କାଟିବାର ମାତ୍ରା ଯେ ଅଧିକ ତାହା ନୁହେଁ, ବରଂ ନାମ ବାଦ୍ ଦେବା ପାଇଁ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲଓ)ମାନେ ଯେଉଁ ସବୁ କାରଣ ଦର୍ଶାଇଛନ୍ତି, ସେଥିରେ ବ୍ୟାପକ ଅସଙ୍ଗତି ଏବଂ ମନମୁଖୀ କାର୍ଯ୍ୟାନୁଷ୍ଠାନର ପ୍ରମାଣ ସ୍ପଷ୍ଟ ବାରି ହୋଇପଡୁଛି । ଦେଶର ପ୍ରମୁଖ ରାଜ୍ୟଗୁଡ଼ିକ ମଧ୍ୟରୁ ତେଲେଙ୍ଗାନା ଏବଂ କର୍ଣ୍ଣାଟକରେ ସର୍ବାଧିକ ଭୋଟରଙ୍କ ନାମ ବାଦ୍ ପଡ଼ିଥିବା ଦେଖିବାକୁ ମିଳିଛି । ଏସଆଇଆର ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ତେଲେଙ୍ଗାନାରେ ୩.୩୮ କୋଟି ଏବଂ କର୍ଣ୍ଣାଟକରେ ୫.୫୪ କୋଟି ଭୋଟର ଥିଲେ । କିନ୍ତୁ ଏହି ସଂଶୋଧନ ପ୍ରକ୍ରିୟା ପରେ ଉଭୟ ରାଜ୍ୟର ପ୍ରାୟ ଏକ ପଞ୍ଚମାଂଶ (୨୦ ପ୍ରତିଶତ) ଭୋଟରଙ୍କ ନାମ ତାଲିକାରୁ କାଟି ଦିଆଯାଇଛି । ସମ୍ପ୍ରତି ପ୍ରାପ୍ତ ତଥ୍ୟ ଅନୁଯାୟୀ, କର୍ଣ୍ଣାଟକରେ ପ୍ରାୟ ୧.୦୭ କୋଟି ଭୋଟରଙ୍କ ନାମ କାଟି ଦିଆଯାଇଥିବା ବେଳେ ୪୩.୮ ଲକ୍ଷ ଭୋଟରଙ୍କୁ ନୋଟିସ୍ ପଠାଯାଇଛି । ସେହିପରି ତେଲେଙ୍ଗାନାରେ ମଧ ପ୍ରାୟ ୭୩ ଲକ୍ଷରୁ ଅଧିକ ଫର୍ମ ସଂଗ୍ରହ ହୋଇପାରିନଥିବା ଦର୍ଶାଇ ସେମାନଙ୍କୁ ବାଦ୍ ଦେବାର ଆଶଙ୍କା ସୃଷ୍ଟି ହୋଇଛି, ଯାହାକୁ ନେଇ ରାଜ୍ୟର ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀ ମଧ ଉଦବେଗ ପ୍ରକାଶ କରିବା ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଛନ୍ତି । ଏହି ଆକଳନ ସ୍ପଷ୍ଟ କରୁଛି ଯେ ଏକ ନିୟମିତ ସଂଶୋଧନ ପ୍ରକ୍ରିୟା କିପରି ଏକ ବୃହତ୍ ଧରଣର ଭୋଟର ଛଟେଇ ଅଭିଯାନରେ ପରିଣତ ହୋଇଛି ।

ଏହି ବ୍ୟାପକ ଛଟେଇର କାରଣଗୁଡ଼ିକୁ ବିଶ୍ଳେଷଣ କଲେ ଚାରୋଟି ମୁଖ୍ୟ କାରଣ ସାମ୍ନାକୁ ଆସେ, ଯଥା- ସ୍ଥାନାନ୍ତରିତ, ଅନୁପସ୍ଥିତ, ମୃତ ଏବଂ ନକଲି । କିନ୍ତୁ ଏହି କାରଣଗୁଡ଼ିକର ପ୍ରୟୋଗ କ୍ଷେତ୍ରରେ ଯେଉଁଭଳି ମନମୁଖୀ ଆଭିମୁଖ୍ୟ ଗ୍ରହଣ କରାଯାଇଛି, ତାହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ । ଏହି ମନମୁଖୀ ପ୍ରୟୋଗ ଉପରେ ଆଲୋଚନା କରିବା ପୂର୍ବରୁ ଏହା ଉଲ୍ଲେଖ କରିବା ଜରୁରୀ ଯେ, ନିର୍ବାଚନ ଆୟୋଗ ନିଜର କୌଣସି ବିଜ୍ଞପ୍ତିରେ ଏକଥା ସ୍ପଷ୍ଟ କରିନାହାନ୍ତି ଯେ ଜଣେ ବିଏଲଓ କେଉଁ ପରିସ୍ଥିତିରେ ଜଣେ ଭୋଟରଙ୍କୁ 'ସ୍ଥାନାନ୍ତରିତ' ଏବଂ କେଉଁ ପରିସ୍ଥିତିରେ 'ଅନୁପସ୍ଥିତ' ଭାବରେ ଚିହ୍ନଟ କରିବେ । ନିର୍ବାଚନ ଆୟୋଗଙ୍କ ଭୋଟର ତାଲିକା ମାନୁଆଲ୍ (୨୦୨୩), ଯାହାକି ସମସ୍ତ ପ୍ରକାର ଭୋଟର ତାଲିକା ସଂଶୋଧନ ପାଇଁ ଏକ ମାର୍ଗଦର୍ଶିକା ଅଟେ, ସେଥିରେ ସ୍ପଷ୍ଟ ଭାବରେ ଉଲ୍ଲେଖ ରହିଛି ଯେ ଜଣେ ଅନୁପସ୍ଥିତ ଭୋଟର ହେଉଛନ୍ତି ସେହି ବ୍ୟକ୍ତି ଯିଏ ନିଜର ସାଧାରଣ ବାସସ୍ଥାନରୁ କିଛି ସୀମିତ ସମୟ ପାଇଁ ଅନୁପସ୍ଥିତ ଥାଆନ୍ତି । ଜଣେ ଅନୁପସ୍ଥିତ ବ୍ୟକ୍ତି ନିଜ ପରିବାର ସହିତ କିମ୍ବା ପରିବାର ବିନା ରହିପାରନ୍ତି । କିନ୍ତୁ ପ୍ରଚଳିତ ଆଇନ ଅନୁଯାୟୀ, ନିଜ ବାସସ୍ଥାନରୁ ଅସ୍ଥାୟୀ ଭାବରେ ଅନୁପସ୍ଥିତ ଥିବା କାରଣରୁ ତାଙ୍କର ନାମ କାଟି ଦିଆଯାଇପାରିବ ନାହିଁ । ଏହି ସଂଜ୍ଞା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି ଯେ, ଗଣନା ସମୟରେ କେବଳ 'ଅନୁପସ୍ଥିତ' ଥିବା ଜଣେ ଭୋଟରଙ୍କ ନାମ ପ୍ରଥମେ କାହିଁକି କାଟି ଦିଆଯିବ। ଆଶ୍ଚର୍ଯ୍ୟର ବିଷୟ ହେଉଛି, ନିର୍ବାଚନ ଆୟୋଗ କେବେହେଲେ 'ସ୍ଥାନାନ୍ତରିତ' ଏବଂ 'ଅନୁପସ୍ଥିତ' ବର୍ଗରେ କଟାଯାଇଥିବା ନାମଗୁଡ଼ିକର ପୃଥକ୍ ତଥ୍ୟ ସରକାରୀ ଭାବରେ ପ୍ରକାଶ କରିନାହାନ୍ତି । ଆୟୋଗ ଏହି ଦୁଇଟି ବର୍ଗକୁ ମିଶାଇ ଏକ ସାମଗ୍ରିକ ସଂଖ୍ୟା ପ୍ରଦାନ କରିଛନ୍ତି । ସାମ୍ବାଦିକ ଏବଂ ନାଗରିକ ସମାଜର ସଦସ୍ୟମାନେ ହଜାର ହଜାର କଟାଯାଇଥିବା ନାମର ତାଲିକାକୁ ବିଶ୍ଳେଷଣ କରି ଏହି ପୃଥକ୍ ତଥ୍ୟ ବାହାର କରିଛନ୍ତି । ଏହା ନିର୍ବାଚନ ଆୟୋଗଙ୍କ ସ୍ୱଚ୍ଛତା ଉପରେ ମଧ ପ୍ରଶ୍ନଚିହ୍ନ ଲଗାଉଛି ।

ତେଲେଙ୍ଗାନା ଏବଂ କର୍ଣ୍ଣାଟକର କିଛି ନିର୍ବାଚନ ମଣ୍ଡଳୀର ତଥ୍ୟକୁ ତର୍ଜମା କଲେ ଏହି ଅସ୍ୱାଭାବିକତା ଆହୁରି ସ୍ପଷ୍ଟ ହୋଇଯାଏ । ଉଦାହରଣ ସ୍ୱରୂପ, ତେଲେଙ୍ଗାନାର ଜୁବିଲି ହିଲ୍ସ ଏବଂ ନିଜାମାବାଦ (ସହରାଞ୍ଚଳ) ଉଭୟ ପ୍ରାୟ ସମାନ ଆକାରର ସହରାଞ୍ଚଳ ନିର୍ବାଚନ ମଣ୍ଡଳୀ। ଜୁବିଲି ହିଲ୍ସରେ ମୋଟ ୧,୭୯,୫୧୦ ଜଣଙ୍କ ନାମ କଟାଯାଇଥିବା ବେଳେ ସେଥିମଧ୍ୟରୁ ୧,୪୮,୮୫୯ (୮୩ ପ୍ରତିଶତ) ଜଣଙ୍କୁ 'ସ୍ଥାନାନ୍ତରିତ' ବୋଲି ଦର୍ଶାଯାଇଛି ଏବଂ କେବଳ ୧୫,୦୦୦ ଜଣଙ୍କୁ 'ଅନୁପସ୍ଥିତ' ଭାବରେ ଚିହ୍ନଟ କରାଯାଇଛି । କିନ୍ତୁ ଅନ୍ୟପକ୍ଷରେ, ନିଜାମାବାଦ (ସହରାଞ୍ଚଳ)ରେ କଟାଯାଇଥିବା ୮୩,୨୮୨ ନାମ ମଧ୍ୟରୁ ଅଧିକାରୀମାନେ ୫୦,୩୦୭ ଜଣଙ୍କୁ 'ଅନୁପସ୍ଥିତ' ବୋଲି ଦର୍ଶାଇଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟଜନକ ତଥ୍ୟ ଆସିଛି ନାକ୍ରେକାଲ (ଏସସି) ସଂରକ୍ଷିତ ନିର୍ବାଚନ ମଣ୍ଡଳୀରୁ, ଯେଉଁଠାରେ ୨୦,୧୬୯ ଜଣଙ୍କ ନାମ କଟାଯାଇଛି, କିନ୍ତୁ ଜଣେ ବି ବ୍ୟକ୍ତିଙ୍କୁ 'ଅନୁପସ୍ଥିତ' ଭାବରେ ଦର୍ଶାଯାଇ ନାହିଁ । ଏକା ପ୍ରକାରର ନିୟମ ଥିବା ସତ୍ତ୍ୱେ ବିଭିନ୍ନ ଅଞ୍ଚଳରେ ବିଏଲଓମାନେ କିପରି ଭିନ୍ନ ଭିନ୍ନ ମାନଦଣ୍ଡ ଆପଣାଇଛନ୍ତି, ତାହା ଏହି ତଥ୍ୟରୁ ପ୍ରମାଣିତ ହେଉଛି । ଯଦି ନିୟମ ସମସ୍ତଙ୍କ ପାଇଁ ସମାନ, ତେବେ ଗୋଟିଏ ସ୍ଥାନରେ ଲକ୍ଷାଧିକ ଲୋକ ସ୍ଥାନାନ୍ତରିତ ହେବା ଏବଂ ଅନ୍ୟ ଏକ ସ୍ଥାନରେ ହଜାର ହଜାର ଲୋକ ଅନୁପସ୍ଥିତ ରହିବା ପଛର ବାସ୍ତବିକତା କଣ ତାହା ବୁଝିବା କଷ୍ଟକର ।

କର୍ଣ୍ଣାଟକର ସ୍ଥିତି ମଧ ଏହାଠାରୁ କୌଣସି ଗୁଣରେ ଭିନ୍ନ ନୁହେଁ, ବରଂ ଅଧିକ ଉଦବେଗଜନକ। କର୍ଣ୍ଣାଟକର ହେବ୍ବାଲ ନିର୍ବାଚନ ମଣ୍ଡଳୀରେ ୧.୩ ଲକ୍ଷ ଭୋଟରଙ୍କ ନାମ କାଟି ଦିଆଯାଇଛି, ଯେଉଁଥିରୁ ଏକ ବିଶାଳ ସଂଖ୍ୟା ଅର୍ଥାତ୍ ୧.୧୪ ଲକ୍ଷ (୮୭ ପ୍ରତିଶତ) ଲୋକଙ୍କୁ 'ସ୍ଥାନାନ୍ତରିତ' ବୋଲି ଦର୍ଶାଯାଇଛି, କିନ୍ତୁ ମାତ୍ର ୨୮୭ ଜଣଙ୍କୁ 'ଅନୁପସ୍ଥିତ' ଭାବରେ ଚିହ୍ନଟ କରାଯାଇଛି । ଏହାର ବିପରୀତ ଚିତ୍ର ହୁବଲି-ଧାରୱାଡ଼-ପୂର୍ବ ନିର୍ବାଚନ ମଣ୍ଡଳୀରେ ଦେଖିବାକୁ ମିଳିଛି, ଯେଉଁଠାରେ କଟାଯାଇଥିବା ୪୭,୦୦୦ ନାମ ମଧ୍ୟରୁ ପ୍ରାୟ ୨୫,୦୦୦ ଜଣଙ୍କୁ 'ଅନୁପସ୍ଥିତ' ଦର୍ଶାଯାଇଛି । ସେହିପରି ବୋମ୍ମାନାହାଲ୍ଲୀ ନିର୍ବାଚନ ମଣ୍ଡଳୀରେ ୨.୬୫ ଲକ୍ଷ ଭୋଟରଙ୍କ ନାମ ବାଦ୍ ଦିଆଯାଇଛି, ଯାହାକି ସେହି ଅଞ୍ଚଳର ମୋଟ ଭୋଟରଙ୍କ ସଂଖ୍ୟାର ୫୪.୮ ପ୍ରତିଶତ ଅଟେ । ତେବେ ଏତେ ବଡ଼ ସଂଖ୍ୟକ ନାମ କଟାଯାଇଥିଲେ ମଧ ସେଥିମଧ୍ୟରୁ ମାତ୍ର ୯,୭୦୦ ଜଣଙ୍କୁ ମୃତ ବୋଲି ଦର୍ଶାଯାଇଛି । ବେଙ୍ଗାଲୁରୁ ସହରର ପ୍ରାୟ ଅଧା ଭୋଟରଙ୍କ ନାମ ହଠାତ୍ ଅନୁପସ୍ଥିତ, ସ୍ଥାନାନ୍ତରିତ, ନକଲି କିମ୍ବା ମୃତ ଦର୍ଶାଇ କାଟି ଦିଆଯିବା ଏକ ଗମ୍ଭୀର ସମସ୍ୟା ସୃଷ୍ଟି କରିଛି । ଏପରିକି ପ୍ରକାଶ ରାଜଙ୍କ ଭଳି ପ୍ରସିଦ୍ଧ ଅଭିନେତାଙ୍କ ନାମ ମଧ ବିନା କୌଣସି ସୂଚନାରେ ଭୋଟର ତାଲିକାରୁ ବାଦ୍ ଦିଆଯାଇଥିବା ଅଭିଯୋଗ ହୋଇଛି, ଯାହାକି ସାଧାରଣ ନାଗରିକଙ୍କ ସ୍ଥିତି କଣ ହୋଇଥିବ ତାହା ସୂଚାଉଛି । ଏହାକୁ ନେଇ କର୍ଣ୍ଣାଟକ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ) ମଧ ରୁଜୁ ହୋଇଛି, ଯେଉଁଥିରେ ଦର୍ଶାଯାଇଛି ଯେ ପ୍ରାୟ ୬୭ ଲକ୍ଷ ଭୋଟରଙ୍କୁ ବିନା କୌଣସି ନୋଟିସ୍ ବା ଶୁଣାଣିର ସୁଯୋଗ ନଦେଇ ଏଏସଡିଡିଓ (ଆବସେଣ୍ଟ, ସିଫଟେଡ୍, ଡେଡ୍, ଡୁପ୍ଲିକେଟ୍ ଆଣ୍ଡ ଅଦର୍ସ) ବର୍ଗରେ ରଖାଯାଇଛି, ଯାହାକି ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାବଳୀ ଏବଂ ପ୍ରାକୃତିକ ନ୍ୟାୟର ସମ୍ପୂର୍ଣ୍ଣ ବିରୁଦ୍ଧାଚରଣ କରୁଛି ।

ଏକ ସୁସଂଗଠିତ ଏବଂ ସମାନ ଭାବରେ ପରିଚାଳିତ ଗଣନା ପ୍ରକ୍ରିୟାରେ ଏଭଳି ଚରମ ଅସଙ୍ଗତି କେବେହେଲେ ଦେଖାଯିବା କଥା ନୁହେଁ । ଯଦି ନିର୍ବାଚନ ଆୟୋଗଙ୍କ ନିୟମ ସ୍ପଷ୍ଟ, ତେବେ ଗୋଟିଏ ନିର୍ବାଚନ ମଣ୍ଡଳୀରେ ଲକ୍ଷାଧିକ ଲୋକଙ୍କୁ ସ୍ଥାନାନ୍ତରିତ ଏବଂ ଅନ୍ୟ ଏକ ନିର୍ବାଚନ ମଣ୍ଡଳୀରେ ହଜାର ହଜାର ଲୋକଙ୍କୁ ଅନୁପସ୍ଥିତ ଦର୍ଶାଇବା ପଛରେ କେଉଁ ଯୁକ୍ତି ରହିଛି, ତାହା ବୁଝିବା କଷ୍ଟକର । ଏହା ସ୍ପଷ୍ଟ କରୁଛି ଯେ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ବିଏଲଓମାନଙ୍କୁ ସଠିକ୍ ପ୍ରଶିକ୍ଷଣ ଦିଆଯାଇ ନାହିଁ କିମ୍ବା ସେମାନେ ନିଜ ଇଚ୍ଛା ମୁତାବକ କାରଣ ଦର୍ଶାଇ ଲୋକଙ୍କ ନାମ କାଟୁଛନ୍ତି । ଏହାବ୍ୟତୀତ, ୨୦୨୬ ମସିହାର ଏହି ସ୍ୱତନ୍ତ୍ର ସଘନ ସଂଶୋଧନରେ ପରିବାରର ସଦସ୍ୟମାନଙ୍କୁ ଯୋଡ଼ିବା ବା ପ୍ରୋଜେନି ମ୍ୟାପିଂ ଭଳି ଯେଉଁ ନୂତନ ବୈଷୟିକ ବ୍ୟବସ୍ଥା ଲାଗୁ କରାଯାଇଛି, ସେଥିରେ ଥିବା ତ୍ରୁଟି ଯୋଗୁଁ ମଧ ଅନେକ ବୈଧ ଭୋଟରଙ୍କ ନାମ ଆପେ ଆପେ କଟିଯାଉଥିବା ବିଶେଷଜ୍ଞମାନେ ମତ ଦେଉଛନ୍ତି । ପୁରୁଣା ତଥ୍ୟ ସହିତ ନୂଆ ତଥ୍ୟର ମେଳ ନଖାଇବା କାରଣରୁ ସିଷ୍ଟମ୍ ସ୍ୱୟଂଚାଳିତ ଭାବରେ ଅନେକ ଲୋକଙ୍କୁ ଅନମ୍ୟାପ୍ଡ ବା ମ୍ୟାପିଂ ହୋଇନଥିବା ଦର୍ଶାଉଛି, ଯାହା ଫଳରେ ସେମାନଙ୍କୁ ସ୍ଥାନାନ୍ତରିତ ବା ଅନୁପସ୍ଥିତ ବର୍ଗରେ ପକାଇ ଦିଆଯାଉଛି । ବିଶେଷ କରି ସହରାଞ୍ଚଳରେ ଭଡ଼ାରେ ରହୁଥିବା ଲୋକ, ବାରମ୍ବାର ଘର ବଦଳାଉଥିବା ନାଗରିକ ଏବଂ ଆଧାର ଓ ଭୋଟର ପରିଚୟ ପତ୍ରରେ ସାମାନ୍ୟ ନାମଗତ ଅମେଳ ଥିବା ଲୋକମାନେ ଏହାର ସର୍ବାଧିକ ଶିକାର ହେଉଛନ୍ତି । ଏହା ଏକ ଯାନ୍ତ୍ରିକ ତ୍ରୁଟି ହୋଇପାରେ, କିନ୍ତୁ ଏହାର ପରିଣାମ ସାଧାରଣ ଜନତାଙ୍କୁ ଭୋଗିବାକୁ ପଡୁଛି। ଲୋକମାନଙ୍କୁ ନିଜର ପ୍ରମାଣ ଦେବା ପାଇଁ ଯେଉଁ ସମୟସୀମା ଦିଆଯାଉଛି ତାହା ମଧ ଯଥେଷ୍ଟ ନୁହେଁ ।

ଗଣତନ୍ତ୍ରର ମୂଳଦୁଆ ହେଉଛି ଏକ ନିର୍ଭୁଲ ଏବଂ ସ୍ୱଚ୍ଛ ଭୋଟର ତାଲିକା । ଭୋଟର ତାଲିକାରୁ ଅଯୋଗ୍ୟ କିମ୍ବା ନକଲି ନାମ ହଟାଇବା ନିଶ୍ଚିତ ଭାବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ଏବଂ ଏହା ନିର୍ବାଚନ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ କରିଥାଏ । କିନ୍ତୁ ଏହି ପ୍ରକ୍ରିୟା ଆଳରେ ଲକ୍ଷ ଲକ୍ଷ ବୈଧ ନାଗରିକଙ୍କୁ ସେମାନଙ୍କର ସାମ୍ବିଧାନିକ ମତାଧିକାରରୁ ବଞ୍ଚିତ କରିବା କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ । ଏକାଧିକ ନିର୍ବାଚନ ମଣ୍ଡଳୀରେ ଦେଖାଯାଇଥିବା ଏହି ଅସ୍ୱାଭାବିକ ଆକଳନ ପ୍ରମାଣିତ କରୁଛି ଯେ ପ୍ରକ୍ରିୟାଟି ତ୍ରୁଟିପୂର୍ଣ୍ଣ ଏବଂ ଏହାର ପ୍ରୟୋଗ ସମ୍ପୂର୍ଣ୍ଣ ରୂପେ ମନମୁଖୀ ଅଟେ । ନିର୍ବାଚନ ଆୟୋଗ ଏହି ପ୍ରସଙ୍ଗରେ ତୁରନ୍ତ ହସ୍ତକ୍ଷେପ କରିବା ସହିତ ନିର୍ବାଚନ ମଣ୍ଡଳୀ ଭିତ୍ତିରେ କଟାଯାଇଥିବା ନାମର ସ୍ପଷ୍ଟ ଏବଂ ପୃଥକ୍ ତଥ୍ୟ ସାର୍ବଜନୀନ କରିବା ଆବଶ୍ୟକ । କେଉଁ ଆଧାରରେ ଏତେ ବଡ଼ ସଂଖ୍ୟାରେ ଲୋକଙ୍କୁ ସ୍ଥାନାନ୍ତରିତ କିମ୍ବା ଅନୁପସ୍ଥିତ ଦର୍ଶାଗଲା, ତାହାର ଏକ ନିରପେକ୍ଷ ତଦନ୍ତ ହେବା ଜରୁରୀ । ଏହାସହ ଯେଉଁ ଭୋଟରମାନଙ୍କ ନାମ ଭୁଲବଶତଃ କାଟି ଦିଆଯାଇଛି କିମ୍ବା ଯେଉଁମାନଙ୍କୁ ନୋଟିସ୍ ପଠାଯାଇଛି, ସେମାନଙ୍କୁ ପର୍ଯ୍ୟାପ୍ତ ସମୟ ଏବଂ ସହଜ ସୁଯୋଗ ପ୍ରଦାନ କରାଯିବା ଉଚିତ୍, ଯାହାଦ୍ୱାରା ସେମାନେ ବିନା କୌଣସି ହଇରାଣ ହରକତରେ ନିଜର ପକ୍ଷ ରଖିପାରିବେ ଏବଂ ଭୋଟର ତାଲିକାରେ ନିଜର ନାମ ପୁନଃ ସାମିଲ କରିପାରିବେ । ଏକ ସୁଦୃଢ଼ ଗଣତାନ୍ତ୍ରିକ ବ୍ୟବସ୍ଥାରେ ନିର୍ବାଚନ ଆୟୋଗଙ୍କ ଭଳି ସାମ୍ବିଧାନିକ ସଂସ୍ଥାର କାର୍ଯ୍ୟଶୈଳୀ ଉପରେ ଜନସାଧାରଣଙ୍କ ଅତୁଟ ବିଶ୍ୱାସ ରହିବା ନିହାତି ଜରୁରୀ, ଯାହାକି କେବଳ ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ନିରପେକ୍ଷତା ମାଧ୍ୟମରେ ହିଁ ବଜାୟ ରହିପାରିବ । ଯଦି ସାଧାରଣ ନାଗରିକଟିଏ ନିଜର ମତଦାନ ଅଧିକାର ହରାଇବାର ଭୟରେ ରହେ, ତେବେ ତାହା ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ପାଇଁ ଏକ ଶୁଭ ସଙ୍କେତ ନୁହେଁ ।

ଧ୍ୱନି ପ୍ରତିଧ୍ୱନି

# ଶ୍ରୀଜଗନ୍ନାଥ ଓ ମାଧୁର୍ଯ୍ୟଲୀଳା ରହସ୍ୟ



ଭୋଳାନାଥ ସାହୁ

ଆନନ୍ଦକନ୍ଦ, ସଚ୍ଚିଦାନନ୍ଦ, ଚିନ୍ମୟଘନ, ଅମୃତମୟ, ଅଶରଣର ଶରଣ, କୋଟି କୈବଲ୍ୟନାଥ, କୋଟି କୋଟି ଓଡ଼ିଆଙ୍କ ଜୀବନଧନ, ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କର ଲୀଳା ଅବର୍ଣ୍ଣନୀୟ । ଦାରୁ ଦେବତା, ଦାରୁବ୍ରହ୍ମ ମୁରାରୀ.....

କଳିଯୁଗର ଆରାଧ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥ । ସେ ମାନବୀୟଲୀଳାକୁ ସମ୍ପାଦନ କରିଥାନ୍ତି । ସେ ଭାବର ଠାକୁର । ମନଜାଣି ଭାବର ବନ୍ଧନରେ ବାନ୍ଧି ଭକ୍ତଙ୍କୁ ନିଜ ଆଡ଼କୁ ଆକର୍ଷିତ କରନ୍ତି । କୁହାଯାଏ ତାଙ୍କର ଇଚ୍ଛା ବିନା ଗଛର ପତ୍ରଟିଏ ମଧ ହଲେନାହିଁ । ହାତ-ପାଦ ନଥାଇ ମଧ ସେ ଜଗତକର୍ତ୍ତା । ଆଖିର ପଲକ ନଥାଇ ମଧ ସେ ସର୍ବଦ୍ରଷ୍ଟା । ସମସ୍ତଙ୍କୁ ଶୁଆଇ ଦେଇ ଚକାଆଖିରେ ସମଗ୍ର ଜଗତକୁ ନିରେଖି ଦେଖନ୍ତି । ତପୀ ହେଉ ଅବା ପାପୀ ହେଉ ସମାନ୍ତରାଳ ଦୁଇ ହାତକୁ ବଢ଼ାଇ ସମସ୍ତଙ୍କୁ କୋଳାଗ୍ରତ କରନ୍ତି । ବିଶ୍ୱର ସମସ୍ତ ଠାକୁର ଭକ୍ତଙ୍କୁ ମୁଣ୍ଡିଆ ମାରିବା ବିଧି ତିଆରି କରିଥିବା ବେଳେ କୋଟିଏରେ ଗୋଟିଏ ଠାକୁର ଶ୍ରୀଜଗନ୍ନାଥ ଯିଏ ଭକ୍ତଙ୍କୁ କୁଣ୍ଢେଇବାକୁ କହିଥାନ୍ତି । ଏହା ମହାପ୍ରଭୁଙ୍କ ମାଧୁର୍ଯ୍ୟଲୀଳା ନୁହେଁକି ? ମହାପ୍ରଭୁ ଶ୍ରୀଜଗନ୍ନାଥ ବାରମାସରେ ତେର ପର୍ବ ପାଳନ କରନ୍ତି । ଏଥିପାଇଁ ପ୍ରତିଦିନ ଅଠାଅଶି ପ୍ରକାରର ସେବାୟତ ଓ ବର୍ଷତମାମ ୧୨୦ ପ୍ରକାରର ସେବାୟତ ତାଙ୍କ ସେବା କାର୍ଯ୍ୟରେ ନିୟୋଜିତ । ଏପରି ସେବା ବ୍ୟବସ୍ଥା ଅନ୍ୟ କୌଣସି ଦିଅଁଙ୍କ ନିମନ୍ତେ ଉଦିଷ୍ଟ ନାହିଁ । ବଡ଼ଭାଇ ଥାଉ ଥାଉ ସେ ବଡ଼ ଠାକୁର । ତାଙ୍କ ପାଇଁ ସବୁ ବଡ଼ର ବ୍ୟବସ୍ଥା । ଯେପରି ରହିବା ପାଇଁ ବଡ଼ ଦେଉଳ ଅର୍ଥାତ ଶ୍ରୀମନ୍ଦିର, ଖାଇବା ପାଇଁ ବଡ଼ଭୋଗ ଅର୍ଥାତ ମହାପ୍ରସାଦ, ପୂଜା ନିମନ୍ତେ ବଡ଼ପଣ୍ଡା ଓ ଚାଲିବା ପାଇଁ ବଡ଼ଦାଣ୍ଡର ବ୍ୟବସ୍ଥା ରହିଛି । ବହୁବିଧ ଯାତ୍ରା ମଧ୍ୟରୁ ୧୨ଟି ମୁଖ୍ୟଯାତ୍ରା ପାଳନ କରନ୍ତି । ସେଥିମଧ୍ୟରୁ 'ରଥଯାତ୍ରା' ବିଶ୍ୱପ୍ରସିଦ୍ଧ । ଏହି ଯାତ୍ରା ଘୋଷଯାତ୍ରା, ଆଡ଼ପଯାତ୍ରା, ଜନ୍ମବେଦୀଯାତ୍ରା, ଦଶାବତାରଯାତ୍ରା, ପତିତପାବନଯାତ୍ରା, ନବଦିନାତ୍ମକ ଯାତ୍ରା ଓ ଗୁଣ୍ଡିଚାଯାତ୍ରା ନାମରେ ନାମିତ । ଆଷାଢ଼ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ଏହିଯାତ୍ରା ଅନୁଷ୍ଠିତ ହୁଏ । ଏହିଯାତ୍ରା ମୁଖ୍ୟତ ତିନିଗୋଟି ଉଦ୍ଦେଶ୍ୟ ପୂରଣ ନିମନ୍ତେ ଉଦ୍ଦିଷ୍ଟ ।

ପ୍ରଥମତଃ, ପତିତଙ୍କ ଉଦ୍ଧାର ନିମନ୍ତେ ଏହିଯାତ୍ରା କରାଯାଏ । ସେଇମାନଙ୍କୁ ପତିତ କୁହାଯାଏ - ଯେଉଁମାନେ ପ୍ରତ୍ୟକ୍ଷ ଭାବରେ ଶ୍ରୀଜଗନ୍ନାଥଙ୍କୁ ରତ୍ନସିଂହାସନରେ ଦେଖିବାର ସୁଯୋଗ ପାଇନଥାନ୍ତି ଓ ଆନନ୍ଦବଜାରରେ ଆଚାଣ୍ଡାଳବ୍ରାହ୍ମଣ ଏକତ୍ର ବସି ମହାପ୍ରସାଦ ଖାଇବାରୁ ବଂଚିତ । ସେମାନେ କେବଳ ଅରୁଣସ୍ତମ୍ଭ ନିକଟରେ ଛିଡ଼ାହୋଇ ଲୋତକ ଗଡ଼ାଇଥାଆନ୍ତି । ସେମାନଙ୍କର ମନସ୍କାମନା ପୂର୍ଣ୍ଣ କରିବା ପାଇଁ ଶ୍ରୀଜଗନ୍ନାଥ ଐଶ୍ୱର୍ଯ୍ୟପୂର୍ଣ୍ଣ ରତ୍ନସିଂହାସନରୁ ଧୂଳିଧୂସରିତ ବଡ଼ଦାଣ୍ଡକୁ ଓହ୍ଲାଇ ଆସନ୍ତି । ଯେଉଁଠାରେ ଭକ୍ତଟିଏ ରଥାରୁଢ଼ ବାମନଙ୍କୁ ଦର୍ଶନ କରିଥାଏ । ତାଙ୍କର ରଥର ଦଉଡ଼ିକୁ ଧରି ଟାଣିଥାଏ ଓ ବଡ଼ଦାଣ୍ଡର ଶରଧାବାଲିକୁ ନିଜ ଦେହରେ ବୋଳି ଆତ୍ମତୃପ୍ତିଲାଭ କରିଥାଏ । ଦ୍ୱିତୀୟତଃ, ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ଶ୍ରୀମନ୍ଦିର ଓ ଦିଅଁ ପ୍ରତିଷ୍ଠା ପରେ ମହାପ୍ରଭୁ ସନ୍ତୁଷ୍ଟି ଲାଭକରି ରାଜା ଇନ୍ଦ୍ରଦ୍ୟୁମ୍ନଙ୍କୁ ବର ମାଗିବାକୁ କହିଥିଲେ । ଇନ୍ଦ୍ରଦ୍ୟୁମ୍ନ ମାଗିଥିଲେ - "ପ୍ରଭୁ ! ମୋତେ ଏହିବର ଦିଅନ୍ତୁ ଯେମିତି ମୋ ବଂଶରେ କେହି ଏମନ୍ଦିର ମୋର ବୋଲି ନକହନ୍ତି ।" ଜଗନ୍ନାଥ ତଥାସ୍ତୁ କହିବାମାତ୍ରକେ ରାଣୀ ଗୁଣ୍ଡିଚା କାନ୍ଦୁଥିବାର ଜଗନ୍ନାଥ ଦେଖିଲେ । ଗୁଣ୍ଡିଚାରାଣୀଙ୍କୁ ପଚାରିଲେ -ମା' ତୁମେ କାହିଁକି କାନ୍ଦୁଛ ? ଗୁଣ୍ଡିଚା ଉତର ଦେଇଥିଲେ- ମୋର ଆଉ କିଏ ଅଛି ? ତମେ ବର୍ଷରେ ଥରେ ମୋ ଘରକୁ ବୁଲି ଆସିବ । ଏଥିରେ ମହାପ୍ରଭୁ ସମ୍ମତି ଦେଇଥିଲେ । ଏହି ସତ୍ୟ ରକ୍ଷା ନିମନ୍ତେ ଶ୍ରୀଜଗନ୍ନାଥ ଗୁଣ୍ଡିଚା ମା'ଙ୍କ ଘରକୁ ଆସନ୍ତି ଯେଉଁଯାତ୍ରା ଗୁଣ୍ଡିଚା ମାଆଙ୍କ ସ୍ମୃତି ରକ୍ଷା ନିମନ୍ତେ 'ଗୁଣ୍ଡିଚାଯାତ୍ରା' ନାମରେ ନାମିତା ତୃତୀୟତଃ, ଜୀବଜଗତର ସମସ୍ତ ପ୍ରାଣୀଙ୍କ ମଙ୍ଗଳସାଧନ କରିବା ପାଇଁ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ଉଦ୍ଦିଷ୍ଟ । କୁହାଯାଏ ଶ୍ରୀଜଗନ୍ନାଥଙ୍କ ଗୁଣ୍ଡିଚାଯାତ୍ରା ନିମନ୍ତେ ପ୍ରସ୍ତୁତ ରଥ ଦୁଇଶହକୋଟି ଟଙ୍କା । ଏଥିରୁ ମହାପ୍ରଭୁଙ୍କ ଐଶ୍ୱର୍ଯ୍ୟତାର ଦୃଷ୍ଟାନ୍ତ ସୁସ୍ପଷ୍ଟ । ତଥାପି ଶ୍ରୀଜଗନ୍ନାଥ ଏହି ନବଦିନାତ୍ମକ ଗୁଣ୍ଡିଚାଯାତ୍ରା ମାଧ୍ୟମରେ ମାଧୁର୍ଯ୍ୟଲୀଳା କରିବା ପାଇଁ ଐଶ୍ୱର୍ଯ୍ୟକୁ ପରିହାର କରି ବଡ଼ଦାଣ୍ଡରେ ଭକ୍ତଙ୍କ ଗହଣରେ ପଦାର୍ପଣ କରିଥାନ୍ତି ।

ଶ୍ରୀଜଗନ୍ନାଥ ଲୀଳାପୁରୁଷ । ଯାହାକୁ ମାନବର 'କର୍ମ' ବୋଲି କୁହାଯାଏ ତାହାହିଁ ମହାପ୍ରଭୁଙ୍କର 'ଲୀଳା' । ଶ୍ରୀମନ୍ଦିର ଐଶ୍ୱର୍ଯ୍ୟର ଲୀଳାଭୂମି । ଯେଉଁଠାରେ ମହାପ୍ରଭୁ ବାରମାସ ବହୁ ଦେବା ଦେବୀଙ୍କ ସହିତ ଷାଠିଏ ପଉଟି ଅନ୍ନ ଓ ୫୬ ଭୋଗ ସେବନ କରିଥାନ୍ତି । ଚାରିଦ୍ୱାର ଖୋଲିଦେଇ ସାଗର ଦୁଲ୍ଲଣୀ ମା' ଲକ୍ଷ୍ମୀଙ୍କ ସହିତ ସଂସାରୀ ଭାବରେ ଚାରିସତ୍ୟ ପୂରଣ ଓ ଜ୍ଞାନ ବାଂଟିଥାନ୍ତି । ତଥାପି ଶ୍ରୀଜଗନ୍ନାଥ ଏହି ଐଶ୍ୱର୍ଯ୍ୟର ଲୀଳାଭୂମିକୁ ଛାଡ଼ି ନଅଦିନ ପାଇଁ ଶ୍ରୀଗୁଣ୍ଡିଚାଯାତ୍ରା କରିଥାନ୍ତି । 'ମାଧୁର୍ଯ୍ୟ' ଶବ୍ଦର ଆଭିଧାନିକ ଅର୍ଥ ମଧୁରତା, ଭବ୍ୟତା, ଶୋଭା ପ୍ରଭୃତି ଅର୍ଥର ଦ୍ୟୋତକ । ଶ୍ରୀଗୁଣ୍ଡିଚାଯାତ୍ରା ନିମନ୍ତେ ରତ୍ନସିଂହାସନରୁ ରଥାରୁଢ଼ ହେବା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ନୀତିକାନ୍ତି ମାଧୁର୍ଯ୍ୟଲୀଳାର ନିଦର୍ଶନ । ମହାପ୍ରଭୁଙ୍କ ଅଙ୍ଗକୁ କଷ୍ଟନହେବା ପାଇଁ ସେଣାକଟାର ବ୍ୟବସ୍ଥା, ରାଘବଦାସ ମଠ ପ୍ରସ୍ତୁତ ଟାହିଆର ବ୍ୟବହାର, ଦଇତାପତି ସେବକଙ୍କ ସେବା ମହାପ୍ରଭୁଙ୍କ ମାଧୁର୍ଯ୍ୟଲୀଳାର କାରକ ନୁହେଁକି ? କୋଟି କୋଟି ଟଙ୍କା ବିନିମୟରେ ନିର୍ମିତ ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନର ସୌନ୍ଦର୍ଯ୍ୟ ଗୁଣ୍ଡିଚାଯାତ୍ରାର ଭବ୍ୟତାର ଉଦାହରଣ ନୁହେଁକି ? ଶାସ୍ତ୍ର କହେ- ନୀଳାଦ୍ରୌ ଦଶବର୍ଷାଣି ଗୁଣ୍ଡିଚା ମଣ୍ଡପେ ଦିନେ ଦିବାତି ଦର୍ଶନଂ ପୁଣ୍ୟ ତତେ ଦଶଗୁଣା ଭବତେ ।

ଶ୍ରୀଗୁଣ୍ଡିଚା ମନ୍ଦିର ମହାପ୍ରଭୁଙ୍କ ଜନ୍ମବେଦୀ । ଅତଏବ ଗୁଣ୍ଡିଚା ମାଆଙ୍କ ଘର । ଯାହା ପ୍ରଭୁଙ୍କ ପାଇଁ ସ୍ନେହ ମମତାର ମନ୍ଦିର । ଶ୍ରୀମନ୍ଦିରରେ ମାଆ ଲକ୍ଷ୍ମୀ ସାଆନ୍ତାଣୀଙ୍କ ନିର୍ଦ୍ଦେଶ ଚାଲୁଥିବା ବେଳେ ଶ୍ରୀଗୁଣ୍ଡିଚା ମନ୍ଦିରରେ ଗୁଣ୍ଡିଚା ମାଆଙ୍କ ସ୍ନେହ ପ୍ରେମର ପସରା ମେଲିଥାଏ । ମାଆର କୋଳ, ମାଆର ପଣତକାନି, ମାଆଙ୍କ ପରଶା ଖାଦ୍ୟ, ମାଆଙ୍କ ଚୁମ୍ବନ ସନ୍ତାନଟିଏ ପାଇଁ ସ୍ୱର୍ଗର ନନ୍ଦନକାନନ । ଯେଉଁଠି ମହାପ୍ରଭୁ ସନ୍ତାନ ଭାବରେ ଭୁଲିଯାଆନ୍ତି ସମସ୍ତ ଦୁଃଖ ଯନ୍ତ୍ରଣାକୁ । ଶ୍ରୀଗୁଣ୍ଡିଚାଯାତ୍ରା ମାଧ୍ୟମରେ ଶ୍ରୀଜଗନ୍ନାଥ ସ୍ନେହ ପ୍ରେମର ଏହି ମାଧୁର୍ଯ୍ୟତାକୁ ଦର୍ଶାଇଥାଆନ୍ତି । ପିଲାଦିନର ଯମୁନାକୂଳ, ବଂଶୀସ୍ୱନ, ଦହିଆଟିକା ଭଙ୍ଗା, ଲବଣିଚୋରି, ଗୋପୀଙ୍କ ଅନ୍ତରଙ୍ଗ ମୁହୂର୍ତ, ଶ୍ରୀଗୁଣ୍ଡିଚାର ନିତ୍ୟବୃନ୍ଦାବନ ପ୍ରଭୃତି ଦ୍ୱାପର ଯୁଗୀୟ ସମସ୍ତ ଲୀଳା ମାଧୁର୍ଯ୍ୟତାର ସାକ୍ଷର ବହନ କରେ । ବାଲ୍ୟ ଚପଳତା ଭିତରେ ମାଟି ଖାଇବା ଓ ଯଶୋଦା ମାଆଙ୍କ କାନମୋଡ଼ା ତଥା ମାଆଙ୍କୁ ବିଶ୍ୱରୂପ ଦର୍ଶନ ପ୍ରଭୃତି ଭବ୍ୟତାର ନିଦର୍ଶନ । ମଥୁରାରେ ଧନୁଯାତ୍ରା ପାଳନ ଓ କଂସର ଚିଟାଉ ଧରି ରାମକୃଷ୍ଣଙ୍କୁ ନେବା ପାଇଁ ଅକ୍ରୁରର ଆଗମନ, ରଥାରୁଢ଼ ରାମକୃଷ୍ଣଙ୍କୁ ଯମୁନା କୂଳରେ ଛାଡ଼ି ଯମୁନାରେ ସ୍ନାନ ଓ ଜଳଭିତରେ ରାମକୃଷ୍ଣଙ୍କୁ ଦର୍ଶନ, ପୁଣି ଉଠି ରଥ ଉପରେ ଦର୍ଶନ ପ୍ରଭୃତି ଦିବ୍ୟଶୋଭାର ଗୋଟିଏ ଗୋଟିଏ ମଧୁର କମ୍ପନ । ଯାହା ଅକ୍ରୁର ମନରେ ଆଣିଦେଇଥିଲା ରାମକୃଷ୍ଣଙ୍କ ପ୍ରତି ଯଥାର୍ଥ ଚିନ୍ତନ । ମଥୁରାରେ ଶ୍ରୀକୃଷ୍ଣ ଅନେକଙ୍କୁ ତାରିଲେ ଓ ଅନେକଙ୍କୁ ମଧ ମାରିଲେ । ଶେଷରେ ମଥୁରାରୁ ବାର୍ତ୍ତା ପ୍ରସାରିତ ହେଲା - 'ମଂଚାରୁ ପଡ଼ି ମାମୁଁ ମଲା, ଦଇବ ତାହାକୁ ରଖିଲା ।' ୨୫ବର୍ଷ ବୟସରେ ଶ୍ରୀକୃଷ୍ଣ ଦ୍ୱାରିକାର ରାଜା ହେଲେ । ଯେତେବେଳେ ସେ ଦଶାଶ୍ୱମେଧ ଯଜ୍ଞ କଲେ ଏହାର ସମସ୍ତ ଦାୟିତ୍ୱ ମାତା ଦେବକୀ ନେଇଥିଲେ । ଈର୍ଷାନ୍ୱିତ ଭାବନେଇ ଗୋପବାସୀଙ୍କୁ ନିମନ୍ତ୍ରଣ କରିନଥିଲେ । ମାତ୍ର ଗୋପପୁରରୁ ମାତା ଯଶୋଦା, ଶ୍ରୀରାଧା, ଗୋପାଙ୍ଗନା, ସାଙ୍ଗସାଥି ଓ ଆତ୍ମୀୟସ୍ୱଜନ ମାନେ ଯଜ୍ଞସ୍ଥଳରେ ପହଂଚିଥିଲେ । ଏହାଜାଣି ଦେବକୀ ଦ୍ୱାରରୁଦ୍ଧ କରିଥିଲେ । ଶେଷରେ ଜନ୍ମଦାତ୍ରୀ ମା' ଦେବକୀ ଓ ପାଳନକର୍ତ୍ରୀ ମାଆ ଯଶୋଦାଙ୍କ ମଧ୍ୟରେ ମାଧୁର୍ଯ୍ୟକୁ ନେଇ ଉଗ୍ରରୂପ ଧାରଣକଲା । ଉଭୟ କୃଷ୍ଣଙ୍କୁ ନିଜର ପୁତ୍ରବୋଲି ଦାବି କରି କଳିରେ ଲିପ୍ତହେଲେ । ଶେଷରେ ପଣ ରହିଲା - ଯାହାର ଡ଼ାକରାରେ କୃଷ୍ଣ ଯଜ୍ଞସ୍ଥଳଛାଡ଼ି ଏଠାରେ ଉପସ୍ଥିତ ହେବ ସେହିଁ ପ୍ରକୃତ ମାଆ । ପ୍ରଥମେ ଦେବକୀ ଦ୍ୱାରକାଧିପତି, ଦେବକୀସୂତ, ବସୁଦେବ ନନ୍ଦନ- ଏମିତି କେତେ ନାମରେ ଡ଼ାକିଲେ । ମାତ୍ର ଶ୍ରୀକୃଷ୍ଣ ଆସିଲେନାହିଁ । ଶେଷରେ ମାଆ ଯଶୋଦା ମୋ ଧନରେ, ମୋ କଳାମାଣିକରେ ନାମଧରି ଡ଼ାକିବା ମାତ୍ରକେ କୃଷ୍ଣ ଉପସ୍ଥିତ ହୋଇଥିଲେ । ସେଥିରୁ ପ୍ରମାଣିତ ହୋଇଥିଲା ମାତୃତ୍ୱର ପ୍ରକୃତ ପରାକାଷ୍ଠା । ଜନ୍ମଦାତ୍ରୀ ଅପେକ୍ଷା ପାଳନକର୍ତ୍ରୀ ମାଆ ଏ ଦୁନିଆରେ ଶ୍ରେଷ୍ଠ ମାଆ । ଶାସ୍ତ୍ର କହେ - 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପୀ ଗରିୟସୀ ।'

ଏକଦା ଶ୍ରୀକୃଷ୍ଣ ଜ୍ୱରରେ ପୀଡ଼ିତ ହେଲେ । ବହୁସେବା ଶୁଶ୍ରୁଷା ପରେ ମଧ ସେ ଆରୋଗ୍ୟ ହେଲେନାହିଁ । ବୈଦ୍ୟରାଜା ଆସିଲେ ସେ ଏକ ଅଭିନବ ଭବ୍ୟଯୋଜନା କଲେ । ଏକ ଛିଦ୍ରଥିବା ମାଠିଆକୁ ନେଇ କହିଲେ - ଯେଉଁ ସତୀନାରୀ ଏହି ଛିଦ୍ରଥିବା ମାଠିଆରେ ଯମୁନାରୁ ପୂର୍ଣ୍ଣ ଜଳ ଆଣି ଏଠାରେ ପହଂଚାଇଦେବ, ଯାହାକୁ ଶ୍ରୀକୃଷ୍ଣଙ୍କ ଦେହରେ ସିଂଚନ କଲେ ସେ ଆରୋଗ୍ୟ ହେବେ । ବହୁନାରୀ ଏଥିପାଇଁ ପ୍ରୟାସକଲେ । ମାତ୍ର କେହି ସଫଳ ହେଲେନାହିଁ । ଶେଷରେ ଶ୍ରୀରାଧାଙ୍କନାମ ପ୍ରସ୍ତାବ ଆସିଲା । ଶ୍ରୀରାଧା ନାମ ଶୁଣି ବହୁ ନାରୀ ଉପହାସ କଲେ । ମାତ୍ର ମନକୁ ଦୃଢ଼କରି ଶ୍ରୀକୃଷ୍ଣଙ୍କ ନାମଧରି ଶ୍ରୀରାଧା ଜଳଆଣିବାକୁ ଗଲେ ଓ ସେଥିରେ ସଫଳହେଲେ । ବୈଦ୍ୟରାଜ ଜଳ ସିଂଚନକରି କୃଷ୍ଣଙ୍କୁ ଆରୋଗ୍ୟ କରିଥିଲେ । ଫଳରେ ଦୁରାଚାରୀ ଆଖ୍ୟାଲାଭ କରିଥିବା ଶ୍ରୀରାଧା ସତୀନାରୀ ବୋଲି ପ୍ରମାଣିତ ହେଲେ । ଦୈହିକ ପ୍ରେମ ଅପେକ୍ଷା ଅପ୍ରାକୃତ ପ୍ରେମର ପ୍ରକୃତ ଅନୁରାଗୀ ଥିଲେ ଶ୍ରୀରାଧା । ଏହା ବାସ୍ତବ ସାମାଜିକ ବିଭବ ନୁହେଁକି ?

କଂସର ନିଧନ ପରେ କଂସ ବନ୍ଦୀଶାଳାରୁ ମାତାପିତାଙ୍କୁ ଉଦ୍ଧାର କରିବା ନିମନ୍ତେ ଶ୍ରୀକୃଷ୍ଣ ଯାଇଥିଲେ । ବନ୍ଦୀଶାଳାର ଶିକୁଳମୁକ୍ତ କରିବା ପରେ ମାତା ଦେବକୀ କହିଥିଲେ - 'ହେକୃଷ୍ଣ ! ମୋ ପୁଅ, ତୁ ତ ଭଗବାନ, ତୁ ଥାଉ ଥାଉ ଆମକୁ ଚଉଦବର୍ଷ ଜେଲ ଦଣ୍ଡ ଭୋଗିବାକୁ ପଡ଼ିଲା । ଏଥିରେ ଆମର ଦୋଷ କଣ ?' ଶ୍ରୀକୃଷ୍ଣ ଉତ୍ତର ଦେଇଥିଲେ - 'ମାତା ! ମୋର କଣ ଦୋଷଥିଲା ମୋତେ ଚଉଦବର୍ଷ ବନବାସ ପଠାଇଥିଲ ।' ଦେବକୀ ପଚାରିଲେ - ମୁଁ କଣ ତୋତେ ବନବାସ ପଠାଇଥିଲି ! ହଁ ମାଆ କହି କୃଷ୍ଣ କୈକେୟୀ ଓ ଦଶରଥଙ୍କ ସ୍ମୃତିଚାରଣ କରାଇଥିଲେ । ଏହାପରେ କୈକେୟୀ ଜାଣିପାରି ପଚାରିଥିଲେ - 'ତେବେ କୌଶଲ୍ୟା ?' କୃଷ୍ଣ କହିଥିଲେ - ଚଉଦବର୍ଷ ପୁତ୍ରକୁ ବନବାସ ପଠାଇ ମନସ୍ତାପରେ ଥିବା କୌଶଲ୍ୟା ଏବେ ଗୋପପୁରରେ ଯଶୋଦାରୂପରେ ପୁତ୍ର ସୁଖ ଭୋଗକରୁଛନ୍ତି । ଜନ୍ମଜନ୍ମାନ୍ତରର କର୍ମଫଳର ଦିଗ୍ଦର୍ଶନ ଦେଇଥିଲେ ପ୍ରଭୁ ଶ୍ରୀକୃଷ୍ଣ । ଏହା ମାଧୁର୍ଯ୍ୟଲୀଳାର ନିଦର୍ଶନ ନୁହେଁକି ? ଶ୍ରୀଜଗନ୍ନାଥ ରୂପ ଭିତରେ ଅରୂପ । ସେ ନିଜେହିଁ ନିଜର ନିର୍ମାତା । ପ୍ରତ୍ୟେକ ମଣିଷକୁ କର୍ମଫଳ ଭୋଗ କରିବାକୁ ପଡ଼ିଥାଏ । ଏହାର ପ୍ରତକ୍ଷ୍ୟ ପ୍ରମାଣ ପ୍ରଭୁ ଜଗନ୍ନାଥ ନିଜର ହାତ, ଗୋଡ଼, କାନ, ଆଖିର ପଲକ ନରଖିଥିବାର ସ୍ୱରୂପ କାହାକୁ ବା ଅଜଣା ? ଏହିପରି ବହୁ ମାଧୁର୍ଯ୍ୟଲୀଳାକୁ ମହାପ୍ରଭୁ ଜଗନ୍ନାଥ ନିଜର ଅଙ୍ଗସଙ୍ଗ କରି କର୍ମ ଓ କର୍ମଫଳ ଉପରେ ପ୍ରାଧାନ୍ୟ ଦେଇଛନ୍ତି । ନିଷ୍କାମଭକ୍ତି କର୍ମଯୋଗର ମହାମନ୍ତ୍ର । କର୍ମକରିଯାଅ, ଫଳପ୍ରାପ୍ତିର ଆଶା ରଖନାହିଁ । ମୋର ଶରଣାପନ୍ନ ହୁଅ ତୁମକୁ ମୁକ୍ତି ମିଳିବ । ଶ୍ରୀମଦ ଭଗବତଗୀତାର ସେହି ମହାନବାଣୀ - "ସର୍ବଧର୍ମାନ ପରିତ୍ୟଯ୍ୟ ମାମେକଂ ଶରଣଂବ୍ରଜ ।" କଳିଯୁଗରେ ହରିନାମ ଜପ ଏକମାତ୍ର ସତ୍ୟ । ଯେଉଁ ଷୋହଳ ନାମ ଓ ବତ୍ରିଶ ଅକ୍ଷର ଭଉସାଗରରୁ ମୁକ୍ତିଦେବ । ଶ୍ରୀଚୈତନ୍ୟ ମହାପ୍ରଭୁ ଯେଉଁ ମହାମନ୍ତ୍ରକୁ ଉତ୍କଳଧାମରେ ପ୍ରଚାର ପ୍ରସାର କରିଛନ୍ତି । ଯାହାକୁ ପ୍ରତ୍ୟେକଟି ହରିଭକ୍ତ ମୁକ୍ତ କଣ୍ଠରେ ଗାନ କରୁଛନ୍ତି । 'ହରିନାମେ କିରସ ଅଛି, ପାନ କଲା ଲୋକ ତାହା ଜାଣିଛି' ନ୍ୟାୟରେ ସମସ୍ତେ ଏହିନାମ ଜପ କରିଚାଲିଛନ୍ତି । ଶ୍ରୀଜଗନ୍ନାଥଙ୍କ ଅସରା ମାଧୁର୍ଯ୍ୟଲୀଳା ଭଣ୍ଡାରରୁ ଏ ସମସ୍ତ ଗୋଟିଏ ଗୋଟିଏ ଝଲକ । ମାତ୍ର ଏ ସମସ୍ତ ଜଗନ୍ନାଥପ୍ରେମୀଙ୍କ ମନକୁ ଏମିତି ମୋହିତ କରୁଥାଉ ଓ ସେମାନେ ଜଗନ୍ନାଥଙ୍କ ପ୍ରେମରେ ଉଦ୍‌ବୁଦ୍ଧ ହେଉଥାନ୍ତୁ । ଶେଷରେ ଏତିକି କହିବି - 'କର୍ମଣେ ବାଧିକାରସ୍ତେ ମାଫଳେଷୁ କଦାଚନ ।' ଜୟ ଜଗନ୍ନାଥ...

+ପ୍ରାକ୍ତନ ପ୍ରାଧ୍ୟାପକ ଓ ମୁଖ୍ୟ ଶିକ୍ଷା ବିଭାଗ
ଉଦଳା ମହାବିଦ୍ୟାଳୟ, ଉଦଳା, ମୟୂରଭଞ୍ଜ
ମୋ: ୯୯୩୭୧୫୧୩୧୦

# ସମ୍ପର୍କକୁ ସାଇତି ରଖିବାର ଏକ ପବିତ୍ର ପରମ୍ପରା: ରକ୍ଷା ବନ୍ଧନ



ସୁବ୍ରତ କୁମାର ଦାସ

ଭାରତୀୟ ସଂସ୍କୃତିରେ ରକ୍ଷା ବନ୍ଧନର ପରମ୍ପରା ଅତ୍ୟନ୍ତ ପ୍ରାଚୀନ। ଏହି ପର୍ବ ସହିତ ଅନେକ ପୌରାଣିକ କିମ୍ବଦନ୍ତୀ ଓ ଲୋକକଥା ଜଡ଼ିତ ରହିଛି। ମହାଭାରତରେ ଶ୍ରୀକୃଷ୍ଣଙ୍କ ଆଙ୍ଗୁଠିରୁ ରକ୍ତ ବାହାରୁଥିବା ଦେଖି ଦ୍ରୌପଦୀ ନିଜ ଶାଢ଼ିର ପଣତ ଚିରି ତାଙ୍କ ଆଙ୍ଗୁଠିରେ ବାନ୍ଧିଥିବା କଥା ପ୍ରଚଳିତ। ପରବର୍ତ୍ତୀ ସମୟରେ ଦ୍ରୌପଦୀଙ୍କ ଏହି ସ୍ନେହ ଓ ଆତ୍ମୀୟତାର ଋଣ ଶ୍ରୀକୃଷ୍ଣ ରକ୍ଷା କରିଥିବାର କଥା ଲୋକମୁଖରେ ରହିଛି। ଏହି କାହାଣୀ ରକ୍ଷା ବନ୍ଧନର ମୂଳ ଭାବ ସ୍ନେହର ବନ୍ଧନ ଓ ପରସ୍ପରର ସୁରକ୍ଷାକୁ ଅଧିକ ଅର୍ଥପୂର୍ଣ୍ଣ କରେ। ରକ୍ଷା ବନ୍ଧନ କେବଳ ଏକ ସାଧାରଣ ପର୍ବ ନୁହେଁ, ଏହା ଭାଇ-ଭଉଣୀର ପବିତ୍ର ସମ୍ପର୍କ, ସ୍ନେହ, ବିଶ୍ୱାସ ଓ ପରସ୍ପର ପ୍ରତି ଦାୟିତ୍ୱର ଏକ ଅମୂଲ୍ୟ ପ୍ରତୀକ ଅଟେ। ଭଉଣୀ ହାତରୁ ବନ୍ଧା ଏକ ସାଧାରଣ ସୂତା ଯେତେବେଳେ ଭାଇର ହାତରେ ବନ୍ଧାଯାଏ, ସେତେବେଳେ ତାହା କେବଳ ରାକ୍ଷୀ ହୋଇ ରହେ ନାହିଁ; ଏହା ଭାଇ-ଭଉଣୀର ଭଲପାଇବା, ସୁରକ୍ଷା ଓ ଜୀବନବ୍ୟାପୀ ସାଥିର ଏକ ନିରବ ପ୍ରତିଶ୍ରୁତିରେ ପରିଣତ ହୁଏ।

ଏହି ପର୍ବ ସହିତ ଦେବାସୁର ସଂଗ୍ରାମର କଥା ମଧ ଜଡ଼ିତ। ପୌରାଣିକ ବିଶ୍ୱାସ ଅନୁସାରେ, ଦେବରାଜ ଇନ୍ଦ୍ର ଯୁଦ୍ଧକୁ ଯିବା ପୂର୍ବରୁ ତାଙ୍କ ପତ୍ନୀ ଶଚୀଦେବୀ ତାଙ୍କ ହାତରେ ଏକ ପବିତ୍ର ସୂତା ବାନ୍ଧିଥିଲେ। ଏହି ସୂତା ତାଙ୍କୁ ବିଜୟ ଓ ସୁରକ୍ଷାର ଆଶୀର୍ବାଦ ଦେଇଥିଲା ବୋଲି ପୁରାଣରେ ବର୍ଣ୍ଣିତ। ସେହିପରି ରକ୍ଷା ସୂତାର ପରମ୍ପରା କେବଳ ଭାଇ-ଭଉଣୀର ସମ୍ପର୍କରେ ସୀମିତ ନ ରହି, ସୁରକ୍ଷା ଓ ଶୁଭକାମନାର ବ୍ୟାପକ ପ୍ରତୀକ ଭାବେ ମଧ ପରିଚିତ ହୋଇଛି।

ସମୟ ବଦଳିଛି। ଜୀବନଶୈଳୀ ବଦଳିଛି। ଆଧୁନିକତାର ଦ୍ରୁତ ଗତିରେ ମଣିଷର ଜୀବନ ଅଧିକ ବ୍ୟସ୍ତ ହୋଇପଡ଼ିଛି। ଭାଇ ନିଜ କର୍ମକ୍ଷେତ୍ରରେ, ଭଉଣୀ ନିଜ ସଂସାର କିମ୍ବା କର୍ମଜୀବନରେ ବ୍ୟସ୍ତ ରହୁଛନ୍ତି। ଅନେକ ସମୟରେ ଦୂରତା ମଧ ସମ୍ପର୍କ ମଧ୍ୟରେ ଆସିଯାଉଛି। କିନ୍ତୁ ଏସବୁ ସତ୍ତ୍ୱେ ରକ୍ଷା ବନ୍ଧନର ଭାବନା ଆଜି ବି ମଳିନ ହୋଇନାହିଁ। ଭାଇ ନିକଟରେ ନ ଥିଲେ ମଧ ଭଉଣୀ ହାତରୁ ରାକ୍ଷୀ ଡାକ ଯୋଗେ, କୋରିଅର ରେ କିମ୍ବା ଆଧୁନିକ ଡିଜିଟାଲ ମାଧ୍ୟମରେ ପହଞ୍ଚୁଛି। ଦୂରତା ବଢ଼ିଛି, କିନ୍ତୁ ହୃଦୟର ନିକଟତା କମିନାହିଁ।

ଆଜିର ରକ୍ଷା ବନ୍ଧନ ମଧ ଏକ ନୂଆ ଅର୍ଥ ନେଇଛି। ରକ୍ଷାର ଅର୍ଥ କେବଳ ଭାଇ ଭଉଣୀଙ୍କୁ ସୁରକ୍ଷା ଦେବା ନୁହେଁ; ପରସ୍ପରର ସୁଖ ଦୁଃଖରେ ଠିଆ ହେବା, ଆବଶ୍ୟକ ସମୟରେ ସାହାଯ୍ୟର ହାତ ବଢ଼ାଇବା ଏବଂ ଜୀବନର ପ୍ରତ୍ୟେକ ମୋଡ଼ରେ ପରସ୍ପରକୁ ସମ୍ମାନ ଦେବା ମଧ ରକ୍ଷାର ଅର୍ଥ। ଆଜି ଭଉଣୀ ମଧ ଭାଇର ସୁଖ, ସଫଳତା ଓ ସୁରକ୍ଷା ପାଇଁ ସମାନ ଭାବେ ଚିନ୍ତା କରେ। ତେଣୁ ରକ୍ଷା ବନ୍ଧନ ଏବେ ଏକପାଖିଆ ପ୍ରତିଶ୍ରୁତି ନୁହେଁ, ବରଂ ପରସ୍ପର ସ୍ନେହ ଓ ସହଯୋଗର ଏକ ସୁନ୍ଦର ସମ୍ପର୍କ ତିଆରି କରିଛି। ଆମ ପରମ୍ପରାର ସବୁଠାରୁ ବଡ଼ ସୌନ୍ଦର୍ଯ୍ୟ ହେଉଛି—ଏହା ସମୟ ସହିତ ନିଜକୁ ବଦଳାଏ, କିନ୍ତୁ ନିଜର ମୂଳ ଆତ୍ମାକୁ କେବେ ହରାଇ ନଥାଏ। ରାକ୍ଷୀର ରଙ୍ଗ ବଦଳିଛି, ଉତ୍ସବ ପାଳନର ଢଙ୍ଗ ବଦଳିଛି, ଯୋଗାଯୋଗର ମାଧ୍ୟମ ବଦଳିଛି; କିନ୍ତୁ ଭାଇର କପାଳରେ ଭଉଣୀର ସ୍ନେହର ଟିକା ଓ ହାତରେ ବନ୍ଧା ରାକ୍ଷୀ ର ଭାବନା ଆଜି ବି ସମାନ ରହିଛି। ରକ୍ଷା ବନ୍ଧନ ଆମକୁ ଏହି ସନ୍ଦେଶ ଦିଏ ଯେ, ସମ୍ପର୍କ କେବଳ ରକ୍ତର ବନ୍ଧନରେ ନୁହେଁ, ବିଶ୍ୱାସ, ତ୍ୟାଗ, ସ୍ନେହ ଓ ଦାୟିତ୍ୱରେ ଅଧିକ ଶକ୍ତିଶାଳୀ ହୁଏ। ଗୋଟିଏ ଛୋଟ ରାକ୍ଷୀର ସୂତା ଯେତେବେଳେ ଦୁଇଟି ହୃଦୟକୁ ଯୋଡ଼ି ଦିଏ, ସେତେବେଳେ ତାହାର ମୂଲ୍ୟ ସୁନା ଓ ରୂପାଠାରୁ ମଧ ଅଧିକ ହୋଇଯାଏ। ସେଥିପାଇଁ ରକ୍ଷା ବନ୍ଧନ କେବଳ ଏକ ଦିନର ଉତ୍ସବ ନୁହେଁ; ଏହା ଜୀବନ ସାରା ସମ୍ପର୍କକୁ ସ୍ନେହରେ ସାଇତି ରଖିବାର ଏକ ପବିତ୍ର ପରମ୍ପରା। ସମୟ ଯେତେ ବଦଳିଲେ ବି, ଯେପର୍ଯ୍ୟନ୍ତ ଭାଇର ହାତରେ ଭଉଣୀର ରାକ୍ଷୀ ଓ ହୃଦୟରେ ପରସ୍ପର ପାଇଁ ଭଲପାଇବା ରହିଥିବ, ସେପର୍ଯ୍ୟନ୍ତ ଏହି ପବିତ୍ର ପରମ୍ପରା ଆମ ସଂସ୍କୃତିରେ ଅମଳିନ ହୋଇ ରହିବ।

ରାକ୍ଷୀର ସୂତା ଛୋଟ ହୋଇପାରେ, କିନ୍ତୁ ଥରେ ବାନ୍ଧି ଦେଲେ ସେ ଭଲପାଇବା ସବୁଦିନ ଅତୁଟ ରହିଥାଏ।

+ରାଜେନ୍ଦ୍ରପୁର, ବାରିକପୁର ବଜାର,ଭଦ୍ରକ ।
ମୋ:୯୪୩୭୭୩୧୯୦୩




## ଶ୍ରାବଣ ମାସରେ ଗାଆଁ

ନିରଞ୍ଜନ ସାହୁ

ଶ୍ରାବଣ ମାସରେ ଆହା କି ସୁନ୍ଦର
ଦିଶୁଅଛି ଆମ ଗାଆଁ
ସେହି ସୁନ୍ଦରତା ବଢ଼ାଇ ଦେଉଛି
ଆମରି ଗାଆଁର ନାଆଁ ।
ଗାଆଁ ଚାରିପଟେ କ୍ଷେତବାଡ଼ି ଯେତେ
ଆହା କି ସୁନ୍ଦର ଲାଗେ
ସବୁଜ କ୍ଷେତରେ ଚାଷୀ କାମ କରେ
ବରଷାର ପାଣିପାଗେ
ବିନା ଡାକରାରେ ବରଷା ଆସିକି
ଛେଚିଦିଏ ଛାଆଁ ଛାଆଁ ।
ଗାଈଆଳ ପିଲେ ଗୋଧନ ନେଇକି
ଚରାଇବା ପାଇଁ ଗଲେ
ଗୋଧୂଳି ବେଳରେ ଗୋଠ ବାହୁଡ଼ିଲେ
ଖାଇପିଇ କରି ଭଲେ
ଘରେ ବାଛୁରୀଟି ବନ୍ଧା ହୋଇଥାଏ
ମାଆ ଗାଈ ବେଗେ ଧାଆଁ ।
ଘରର ଚାଳରେ ମାଡ଼ି ଯାଇଥାଏ
ବୋଇତି କଖାରୁ ଲତା
ଘରୁ ବାହାରିଲେ ଲୋଡ଼ା ହୋଇଥାଏ
ନିହାତି ବର୍ଷାତି, ଛତା
ବାଡ଼ିବଗିଚାରେ ପରିବା ଫଳଇ
ଛତୁ ଫୁଟେ କାଆଁ ଭାଆଁ ।
ବରଷା କାଳୀନ କୁସୁମ ଫୁଟିକି
ଆହା କି ସୁନ୍ଦର ଦିଶେ
ବିଲବାଡ଼ି ପାଣି ନାଳ ବାଟ ଦେଇ
ଆମ ଗାଁ ନଈରେ ମିଶେ
ଆମ ଗାଆଁ ବାଟେ କାଉଡିଆ ଗଲେ
ଗାଡି ଛୁଟେ ଘୁଉଁ ଘାଆଁ ।
ଗାଆଁ ଦାଣ୍ଡ ପାଣିସୁଅରେ ପିଲାଏ
ଭସାନ୍ତି କାଗଜ ଡ଼ଙ୍ଗା
ଝମ୍ପା ପକାଇକି ମାଛ ଧରାଯାଏ
ଜାଲ ବି ହୁଅଇ ଟଙ୍ଗା
ବରଷା ରାତିଟା ଭାରି ଭୟଙ୍କର
ଲାଗୁଥାଏ ଖାଆଁ ଖାଆଁ ।
ଆମ ଗାଁ ପାହାଡ଼ ଅତି ମନୋରମ
ତହିଁରୁ ଝରଣା ଝରେ
ପ୍ରପାତ ପରିକା ଲମ୍ଫନ ଦିଅଇ
ମନରେ ଆନନ୍ଦ ଭରେ
ଛୋଟ ପିଲା ଦେଖି ଭାରି ଡରିଯାନ୍ତି
କାନ୍ଦୁଥାନ୍ତି କେଏଁ କାଆଁ ।
ବରଷା ଦାଉରେ ନଈବଢି ହୁଏ
ଏକଥା ନିହାତି ସତ
ଜଳବନ୍ଦୀ ହୋଇ ଗାଆଁ ରହିଥାଏ
ଦିନ ଯାଏ ରହେ କ୍ଷତ
ଛାତିଏ ପାଣିରେ ବାଟ ଚାଲିବାକୁ
ଲୋକେ ତ ଡାହାଣ ବାଆଁ ।

+ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ-- ୭୫୯୦୧୬
ମୋ : ୯୯୩୮୭୪୧୫୮୩

## ସ୍ମୃତିରେ ଏଇ ରାକ୍ଷୀ

ରତ୍ନପ୍ରଭା ବାଇ



କେତେ ଅଭୁଲା ପ୍ରେମର ସାକ୍ଷୀ
ରେଶମୀ ଡୋରିର ଅତୁଟ ବନ୍ଧନ
ମନରେ ରହିଛି ଲାଖି ।

ଏ ସଂପର୍କ ସୂତା ପିଲା ଦିନ କଥା
ମନରେ ଦିଏ ପକାଇ
ନାଚ କୁଦ ଖେଳ କଅଁଳ ମନକୁ
ସମୟ ନେଲା ଚୋରାଇ
ରାଗ ରୁଷା କଳି ଅଭିମାନ ଅଳି
ଅଲିଭା ସ୍ମୃତିର ରଙ୍ଗ ଭରା ତୂଳୀ
ମରମେ ଦେଇଛି ଆଙ୍କି ।

ରାକ୍ଷୀ, ଏଇ, ରାକ୍ଷୀ --
ଭାଇ ଭଉଣୀର ଅଭୁଲା ସଂପର୍କ
ଦିଶେ କେତେ ଝଲମଲ

ପୁଣି ପିଲା ଦିନ ଫେରି ଆସନ୍ତା କି,
ଫୁଟନ୍ତା ଖୁସିର ଫୁଲ
ମହକି ଉଠନ୍ତା ସେ ଘର ଅଗଣା
ମମତା ମଧୁର ତା, କୋଳ ଝୁଲଣା
କାଚ କାନ୍ଥେ ଛବି ଦେଖି ।।
ରାକ୍ଷୀ,ଏଇ ରାକ୍ଷୀ

+ସଂପାଦିକା - ବର୍ଣ୍ଣାଳୀ ସାହିତ୍ୟ ସଂସଦ, ତାଳଚେର, ଅନୁଗୁଳ
ମୋ: ୯୩୩୭୯୭୨୭୪୯

# ସୁଶାନ୍ତଙ୍କ ମୃତ୍ୟୁ ପରେ ପୂରା ପରିବାର କ୍ଷତିଗ୍ରସ୍ତ

୨୦୨୦ ମସିହାରେ ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ଅକାଳ ମୃତ୍ୟୁ ପରେ ତାଙ୍କ ପ୍ରେମିକା ରିୟା ଚକ୍ରବର୍ତ୍ତୀଙ୍କ ଆଡ଼କୁ ଅଙ୍ଗୁଳି ଉଠିଥିଲା। ସୁଶାନ୍ତଙ୍କ ସମ୍ପର୍କୀୟ ଅଭିଯୋଗ କରିବା ପରେ ତାଙ୍କୁ ଗିରଫ କରି ଜେଲ୍‌ରେ ରଖାଯାଇଥିଲା। ତେବେ ୨୦୨୫ରେ ସିବିଆଇ ରିୟାଙ୍କୁ ସମସ୍ତ ଅଭିଯୋଗରୁ ମୁକ୍ତ କରିବା ପରେ ତାଙ୍କ ଜୀବନ ସ୍ୱାଭାବିକ ହେବାରେ ଲାଗିଛି। ଫରାହ ଖାଁଙ୍କ ୟୁଟ୍ୟୁବ୍ କାର୍ଯ୍ୟକ୍ରମରେ ରିୟା ସେହି ସମୟର ଦୁଃଖ ବଖାଣିଛନ୍ତି। ସେ କହିଛନ୍ତି ଯେ ତାଙ୍କ ପାଇଁ ସମଗ୍ର ପରିବାରକୁ କ୍ଷତି ସହିବାକୁ ପଡ଼ିଥିଲା। ତାଙ୍କ ଭାଇ 'କ୍ୟାଟ୍' ପରୀକ୍ଷାରେ ୯୭% ରଖି ଆଇଆଇଏମ୍‌ରେ ନାମ ଲେଖାଇଥିଲେ। ତେବେ ଅଧା ସେମିଷ୍ଟର ଜେଲ୍‌ରେ ବିତିବା ପରେ ସେ ବାଧ ହୋଇ ଏମ୍‌ବିଏ



ପଢ଼ା ଛାଡ଼ିଦେଲେ। ସେହିପରି ତାଙ୍କ ପିତା ଜଣେ ଅବସରପ୍ରାପ୍ତ ସେନା ଅଧିକାରୀ ହୋଇଥିବାରୁ ତାଙ୍କୁ ଏକ ବଡ଼ ଡାକ୍ତରଖାନାରେ ଚାକିରିର ପ୍ରସ୍ତାବ ମିଳିଥିଲା। ତେବେ ସେ ରିୟାଙ୍କ ପିତା ବୋଲି ଜାଣିବା ପରେ ତାଙ୍କୁ ସେ ଚାକିରି ମିଳିଲା ନାହିଁ। ରିୟାଙ୍କୁ ମଧ୍ୟ କୌଣସି କାମ ମିଳୁ ନଥିବାରୁ ଭାଇଙ୍କ ସହ ମିଶି ସେ 'ଚାପ୍ଟର ୨' ନାମରେ ଏକ ଫ୍ୟାସନ୍ ବ୍ରାଣ୍ଡ୍ ଆରମ୍ଭ କଲେ। ଏବେ ରିୟା ମନୋରଂଜନ ଶିଳ୍ପରେ ମଧ୍ୟ ଧୀରେ ଧୀରେ ସକ୍ରିୟ ହେବାରେ ଲାଗିଛନ୍ତି। ରିଆଲିଟି ସୋ' 'ଟ୍ରେଟର୍ସ ସିଜନ୍ ୨'ରେ ତାଙ୍କୁ ଏବେ ଦେଖିବାକୁ ମିଳୁଛି। ନିକଟରେ ସେ ମୁମ୍ବାଇରେ ଏକ ନୂଆ ଘର ମଧ୍ୟ କିଣିଛନ୍ତି।

# କାଳୀ ସାଜିବାକୁ ଦୁଇ ବର୍ଷର ପ୍ରଶିକ୍ଷଣ

ନିକଟରେ ପୌରାଣିକ ଆକ୍ସନ୍ ଚଳଚ୍ଚିତ୍ର 'ମହାକାଳୀ'ର ଟିଜର ମୁକ୍ତିଲାଭ କରିଛି। ଏଥିରେ ଶୁକ୍ରାଚାର୍ଯ୍ୟ ଭୂମିକାରେ ଅକ୍ଷୟ ଖାନ୍ନାଙ୍କ ଅବତାର ସବୁଠାରୁ ଅଧିକ ଚର୍ଚ୍ଚିତ ହୋଇଥିବାବେଳେ କାଳୀଙ୍କ ଚରିତ୍ରରେ ଅଭିନୟ କରିଥିବା ଅଭିନେତ୍ରୀ ଶ୍ରୀୟା ରେଡ୍ଡୀଙ୍କୁ ନେଇ ମଧ୍ୟ ଦର୍ଶକଙ୍କ ମନରେ କୌତୂହଳ ସୃଷ୍ଟି ହେଉଛି। ସେ ପୂର୍ବରୁ ବିଭିନ୍ନ ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ରରେ ଅଭିନୟ କରି ଆଞ୍ଚଳିକ ସ୍ତରରେ ପ୍ରଶଂସିତ ହୋଇଛନ୍ତି। 'ସାଲାର' ଓ 'ଓଜି' ଭଳି ଚଳଚ୍ଚିତ୍ରରେ ସେ ସ୍ମରଣୀୟ ଅଭିନୟ କରିଥିଲେ। ଏଥର ଦେବୀ କାଳୀଙ୍କ ଚରିତ୍ର ଜରିଆରେ ସର୍ବଭାରତୀୟ ଲୋକପ୍ରିୟତା ସାଉଁଟିବା ଲାଗି ସେ ସଜବାଜ ହେଉଛନ୍ତି। 'ମହାକାଳୀ' ଚଳଚ୍ଚିତ୍ରରେ ତାଙ୍କୁ ବିଭିନ୍ନ ଆକ୍ସନ୍ ଦୃଶ୍ୟରେ ଅଭିନୟ କରିବାକୁ ଥିବାରୁ ଏଥିପାଇଁ ସେ ପୁଙ୍ଖାନୁପୁଙ୍ଖ ପ୍ରଶିକ୍ଷଣ ନେଇଛନ୍ତି। ସେ ଦୁଇ ବର୍ଷ ଧରି ଚେନ୍ନାଇର ପ୍ରଶିକ୍ଷକ ଅକ୍ଷୟ ଶେଖରଙ୍କ ତତ୍ତ୍ୱାବଧାନରେ କାଲରିପୟାଟ୍ଟୁ ନାମକ ପାରମ୍ପରିକ ସମରକଳା ଅଭ୍ୟାସ କରି ନିଜର ଶକ୍ତି ଓ ଶାରୀରିକ ଦକ୍ଷତା ବଢ଼ାଇଛନ୍ତି। ୪୮ ବର୍ଷୀୟ ଶ୍ରୀୟା କାଳୀ ରୂପରେ ସମସ୍ତଙ୍କୁ ଚମକାଇବାକୁ ଯାଉଛନ୍ତି ବୋଲି ଚଳଚ୍ଚିତ୍ର ଶିଳ୍ପ ସହ ଜଡ଼ିତ ସୂତ୍ରରୁ ଜଣାପଡ଼ିଛି। ଅକ୍ଷୟ ଖାନ୍ନା ଅଭିନୀତ ଶୁକ୍ରାଚାର୍ଯ୍ୟ ସହିତ ଶ୍ରୀୟା ରେଡ୍ଡୀ ଅଭିନୀତ କାଳୀଙ୍କ ମଧ୍ୟରେ ସଂଘର୍ଷର ପୃଷ୍ଠଭୂମି ଖୁବ୍ ରୋଚକ ହେବ ବୋଲି ଆଶା କରାଯାଉଛି। ପ୍ରଶାନ୍ତ ବର୍ମାଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରଟି ଆସନ୍ତା ବର୍ଷ ଜାନୁଆରି ୮ ତାରିଖରେ ମୁକ୍ତିଲାଭ କରିବ।






# ଏହି ସବୁ ଓଡ଼ିଆ ସିନେମାରେ ଆସୁଛନ୍ତି ମହାଶ୍ୱେତା

ଓଡ଼ିଆ ସିନେଜଗତର ବରିଷ୍ଠ ଅଭିନେତ୍ରୀ ମହାଶ୍ୱେତା ଆଜିକାଲି ଫୁଲ୍ ଦମ୍‌ରେ ଓଲିଉଡରେ ନିଜର ଅଭିନୟ ଯାତ୍ରା ଜାରି ରଖିଛନ୍ତି। ତାଙ୍କୁ ଆଗାମୀ ଦିନରେ ବେଶ୍ କେତୋଟି ସିନେମାରେ ଦେଖିବାକୁ ପାଇବେ ଦର୍ଶକ। ଏଥିମଧ୍ୟରୁ ଗୋଟିଏ ହେଲା 'ମନସ୍ତର'। ଏଥିରେ ପୁଣି ତାଙ୍କୁ ଦର୍ଶକ ବଡ଼ପରଦାରେ ଭେଟିବେ ଏକ ବଳିଷ୍ଠ ଭୂମିକାରେ। ଏହି ସିନେମାରେ ସେ ନାୟକ ଆଦିତ୍ୟଙ୍କ ମାଆ ଭୂମିକାରେ। ସେ ଜଣେ ବିଧବା। କିନ୍ତୁ କାହିଁକି ତାଙ୍କର ଏଭଳି ଦଶା ଓ ପୁଅକୁ କିଭଳି ମାର୍ଗରେ ସେ ନେଉଛନ୍ତି, ତାହା କାହାଣୀର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଦେବରାଜ ବିଧାର ଏହାର ପ୍ରଯୋଜକ। ଏହାର ନିର୍ଦ୍ଦେଶକ ହେଲେ ସୁଧାଂଶୁମୋହନ ସାହୁ। ନିର୍ଦ୍ଦେଶକ ସୁଧାଂଶୁମୋହନ ସାହୁଙ୍କ ସହ ଏହା ଆଗରୁ ମହାଶ୍ୱେତା କାମ କରିଛନ୍ତି। ସୁଧାଂଶୁ 'ରାଜା ଝିଅ ସାଙ୍ଗେ ହେଇଗଲା ଭାବ'ରେ ମହାଶ୍ୱେତାଙ୍କୁ ପ୍ରଥମଥର ଲାଗି ନିର୍ଦ୍ଦେଶନା ଦେବାର ସୁଯୋଗ ପାଇଥିଲେ। ଏହାପରେ 'ତୋର ନା ର ମାନେ ହଁ', 'ଆଶ୍ରମ' ଏବଂ ଟେଲି ସିନେମା 'ଚୁମ୍ବକି ମାଇଁ ଡାର୍ଲିଙ୍ଗ୍'ରେ ମହାଶ୍ୱେତାଙ୍କ ସହ କାମ କରିଥିଲେ ସେ। ଏଣେ ଉଭୟଙ୍କର ଅନ୍ୟ ଦୁଇ ସିନେମା 'ନାୟିକା' ଓ 'ଦଣ୍ଡକାଳୀ' ବି ରିଲିଜ୍ ଅପେକ୍ଷାରେ ରହିଛି। ଏଥିମଧ୍ୟରୁ 'ନାୟିକା'ରେ ତାଙ୍କ ସହ ସୂର୍ଯ୍ୟମୟୀ, ଏଲି, ଶୁଭ୍ରାଂଶୁ, ରତନ ମେହେର ପ୍ରମୁଖ ବି ନଜର ଆସିବେ। ତେଣେ 'ଦଣ୍ଡକାଳୀ'ରେ ମହାଶ୍ୱେତାଙ୍କ ବ୍ୟତୀତ ସିଦ୍ଧାନ୍ତ, ସୂର୍ଯ୍ୟମୟୀ, କେ କେ ଓ ଉଷସୀ ମିଶ୍ର ପ୍ରମୁଖ ଅଭିନୟ କରିଛନ୍ତି। ଉଭୟ ସିନେମାର ନିର୍ଦ୍ଦେଶକ ହେଲେ ସୁଧାଂଶୁମୋହନ ସାହୁ। ତେଣେ ସେ ଏବେ ମୃତ୍ୟୁଞ୍ଜୟ ସାହୁଙ୍କ ନିର୍ଦ୍ଦେଶିତ 'ମଧୁମାଳତୀ'ରେ ବି ନଜର ଆସିବେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବଲିଉଡ ଅଭିନେତା ସଂଜୟ ମିଶ୍ରା, ସନୋଜ, ଭୂମିକା, ଆକାଶ ଓ ପ୍ରଜ୍ଞା ପ୍ରମୁଖ ଅଭିନୟ କରୁଛନ୍ତି। ଏହାର କାହାଣୀ ଚିତ୍ରନାଟ୍ୟ ଓ ସଂଳାପ ଲେଖିଛନ୍ତି ପ୍ରିୟବ୍ରତ ପଣ୍ଡା।

# ଲୋକପ୍ରିୟତା ସହିତ ବଢୁଛି ସମ୍ପତ୍ତି



ପ୍ରେକ୍ଷାଳୟରେ ସଫଳତାର ସହ ଚାଲିଥିବା 'ଅ୍ୱାରାପନ୍ ୨'ର ନାୟିକା ଭାବେ ଅଭିନେତ୍ରୀ ଦିଶା ପଟାନୀ ଏବେ ଚର୍ଚ୍ଚାରେ ଅଛନ୍ତି। ଏହି ବଲିଉଡ୍ ସୁନ୍ଦରୀଙ୍କ ଲୋକପ୍ରିୟତା ସହିତ ବ୍ୟକ୍ତିଗତ ସମ୍ପତ୍ତି ମଧ୍ୟ ବଢ଼ିବାରେ ଲାଗିଛି। ସଦ୍ୟତମ ଚଳଚ୍ଚିତ୍ର ପାଇଁ ସେ ୫ କୋଟି ଟଙ୍କା ପାରିଶ୍ରମିକ ନେଇଥିବାର ସୂଚନା ରହିଛି। ଚଳଚ୍ଚିତ୍ର ପାରିଶ୍ରମିକ ଛଡ଼ା ବିଜ୍ଞାପନ, ସୋସିଆଲ ମିଡିଆ ପ୍ରମୋସନ୍ ଓ ଟେଲିଭିଜନ୍ କାର୍ଯ୍ୟକ୍ରମରୁ ସେ ବିପୁଳ ଅର୍ଥ ଆୟ କରୁଥିବା ଜଣାପଡ଼ିଛି। ଉତ୍ତରପ୍ରଦେଶରେ ଜନ୍ମିତ ଦିଶା, ଇଞ୍ଜିନିଅରିଂ ପଢ଼ା ଅଧାରୁ ଛାଡ଼ି ମଡେଲିଂ କରିଥିଲେ ଏବଂ ୨୦୧୫ରେ ତେଲୁଗୁ ଚଳଚ୍ଚିତ୍ର 'ଲୋଫର' ଜରିଆରେ ଅଭିନୟ ଜଗତକୁ ପ୍ରବେଶ କରିଥିଲେ। ରିପୋର୍ଟ ଅନୁଯାୟୀ, ଦିଶାଙ୍କ ମୋଟ ସମ୍ପତ୍ତିର ମୂଲ୍ୟ ପାଖାପାଖି ୭୫ କୋଟି ଟଙ୍କା ହେବ। ତାଙ୍କ ଆୟର ସବୁଠାରୁ ବଡ଼ ଉତ୍ସ ହେଉଛି ଅଭିନୟ। ସେ ଗୋଟିଏ ଫିଲ୍ମ ପାଇଁ ପ୍ରାୟ ୫ରୁ ୭ କୋଟି ଟଙ୍କା ଏବଂ ଟିଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ ଲାଗି ୨ କୋଟି ଟଙ୍କା ପାରିଶ୍ରମିକ ନେଇଥାନ୍ତି। ତାଙ୍କର ମାସିକ ଆୟ ପ୍ରାୟ ୧ କୋଟି ବୋଲି ମଧ୍ୟ କେତେକ ରିପୋର୍ଟରେ ଦାବି କରାଯାଇଛି। ବିଜ୍ଞାପନ ହେଉଛି ଦିଶାଙ୍କ ଆୟର ଅନ୍ୟତମ ଉଲ୍ଲେଖନୀୟ ଉତ୍ସ। ଗୋଟିଏ ବିଜ୍ଞାପନ ପାଇଁ ସେ ପ୍ରାୟ ୧.୫ କୋଟି ଟଙ୍କା ନେଇଥାନ୍ତି। ଅପରପକ୍ଷେ ଇନ୍‌ଷ୍ଟାଗ୍ରାମ୍‌ରେ ଗୋଟିଏ ପ୍ରମୋସନାଲ୍ ପୋଷ୍ଟ ପାଇଁ ପ୍ରାୟ ୫ ଲକ୍ଷ ଟଙ୍କା ନିଅନ୍ତି। ୩୪ ବର୍ଷୀୟା ଦିଶାଙ୍କର ଭଲ ସମୟ ଯଦି ଜାରି ରହେ ତେବେ ସେ ଶୀଘ୍ର ୧୦୦ କୋଟି ଟଙ୍କାର ମାଲିକାଣୀ ହୋଇଯିବେ ବୋଲି ଆଶା କରାଯାଉଛି।





# ସେପ୍ଟେମ୍ବରରେ ଆରମ୍ଭ ହେବ ସାରା ଅର୍ଜୁନଙ୍କ ଅଭିନୀତ ମଧୁବାଲା ବାୟୋପିକ୍

ପ୍ରଖ୍ୟାତ ନିର୍ମାତା- ନିର୍ଦ୍ଦେଶକସଞ୍ଜୟ ଲୀଲା ଭନସାଲୀ ସଂପ୍ରତି ତାଙ୍କର ନୂଆ ଛବି 'ଲଭ୍ ଆଣ୍ଡ୍ ୱାର' କୁ ନେଇ ବ୍ୟସ୍ତ ଅଛନ୍ତି। ରଣବୀର କପୁର, ଆଲିଆ ଭଟ୍ଟ ଏବଂ ଭିକି କୌଶଲ ଅଭିନୀତ ତାଙ୍କର ଏହି ଫିଲ୍ମର ସୁଟିଂ ଶେଷ କରିବା ପରେ ସଞ୍ଜୟ ଲୀଲା ଭନସାଲୀ ସେପ୍ଟେମ୍ବରରେ ବହୁ ପ୍ରତୀକ୍ଷିତ ମଧୁବାଲା ବାୟୋପିକ୍ ଉପରେ କାମ ଆରମ୍ଭ କରିବାକୁ ଯାଉଛନ୍ତି। ନିର୍ଦ୍ଦେଶକ ଅଗଷ୍ଟ ଶେଷ ସୁଦ୍ଧା ଗୋରେଗାଓଁର ରୟାଲ୍ ପାମ୍ସରେ ଫିଲ୍ମର ଶେଷ ପର୍ଯ୍ୟାୟ ସୁଟିଂ ଶେଷ କରିବେ ବୋଲି ଆଶା କରାଯାଉଛି। ନିର୍ମାତା ସଞ୍ଜୟ ଲୀଲା ଭନସାଲୀ ସେପଟ୍ଟେମ୍ବରରେ ସାରା ଅର୍ଜୁନଙ୍କ ଅଭିନୀତ ମଧୁବାଲା ବାୟୋପିକ୍ ଆରମ୍ଭ କରିବେ । ତେବେ ଏଯାଏ ଏହି ସିନେମାର ଟାଇଟଲ୍ ଫାଇନାଲ୍ ହୋଇନାହିଁ। ଡାର୍ଲିଙ୍ଗସ୍ (୨୦୨୨) ପାଇଁ ଜଣାଶୁଣା ଜସମିତ କେ ରୀନ ଏହାର ନିର୍ଦ୍ଦେଶନା ଦେବେ ବୋଲି ଜଣାଯାଇଛି। ଆର୍ଥିକ ସମସ୍ୟା ଯୋଗୁଁ ଏହି ପ୍ରକଳ୍ପ ପୂର୍ବରୁ ସ୍ଥଗିତ ରଖାଯାଇଥିଲା ବୋଲି କୁହାଯାଉଛି। ତଥାପି, ଭନସାଲୀପ୍ରଯୋଜକ ଭାବରେ ଯୋଗ ଦେବା ପରେ ଫିଲ୍ମଟି ଗତିଶୀଳ ହୋଇଥିଲା। ସାରା ଅର୍ଜୁନ ମଧ୍ୟ ଏହି ପ୍ରସିଦ୍ଧ ଅଭିନେତ୍ରୀଙ୍କ ଚରିତ୍ର ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। 'ସାରା ଏହି ଭୂମିକା ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଜସମିତ ମଧୁବାଲାଙ୍କ ବ୍ୟକ୍ତିତ୍ୱ, ଆଚରଣ ଏବଂ ସେ ରହୁଥିବା ବିଶ୍ୱକୁ କଏଦ କରିବାକୁ ଚାହାଁନ୍ତି।' ସୂଚନାଯୋଗ୍ୟ, ସାରା ଅର୍ଜୁନ 'ଧୁରନ୍ଧର' ଫ୍ରାଞ୍ଚାଇଜ୍ ମାଧ୍ୟମରେ ବ୍ୟାପକ ପରିଚିତି ହାସଲ କରିଥିଲେ, ସେ ୟାଲିନା ଜମାଲି ଭୂମିକାରେ ଅଭିନୟ କରିଥିଲେ, ଯିଏକି ରଣବୀର ସିଂହଙ୍କ ଚରିତ୍ର, ହମଜା ଅଲି ମଜାରିଙ୍କ ନାୟିକା ଏବଂ ପ୍ରେମିକା ଭୂମିକାରେ ନଜର ଆସିଥିଲେ।

# 'ସାମ୍ଫୁକ୍' ସୁଟିଂ ଆରମ୍ଭ କଲେ ଅକ୍ଷୟ କୁମାର, ଭିବାନ୍ ଆହୁଜା ଲୁକ୍‌ରେ ଧମାକା

ବଲିଉଡର ଖିଲାଡି ଅକ୍ଷୟ କୁମାର ଆଜିକାଲି ଫିଲ୍ମ 'ହୈବାନ୍'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ଏଥିରେ ସେ ଅଭିନେତା ସୈଫ୍ ଅଲୀ ଖାନଙ୍କ ସହିତ ଦୀର୍ଘ ଦିନ ପରେ ପରଦା ସେୟାର କରୁଥିବାର ନଜର ଆସିବେ। ଏହାରି ଭିତରେ ଅକ୍ଷୟ ତାଙ୍କର ନୂଆ ଫିଲ୍ମ 'ସାମ୍ଫୁକ୍'ର ଘୋଷଣା କରିଛନ୍ତି। ତାଙ୍କର କହିବା କଥା ଯେ ଏଥର କିଛି ଅଲଗା ଏବଂ ଚ୍ୟାଲେଞ୍ଜିଂ ହେବ। ଅଭିନେତା ଏହାର ସୁଟିଂ ମଧ୍ୟ ଆରମ୍ଭ କରିଦେଇଛନ୍ତି। ଫିଲ୍ମର ପ୍ରଥମ ସିଡ୍ୟୁଲ୍ ଲଣ୍ଡନରେ ସୁଟିଂ କରାଯାଉଛି। ବାସ୍ତବରେ, ଅକ୍ଷୟ କୁମାର ଇନଷ୍ଟାଗ୍ରାମରେ ନିଜର ଏକ ଭିଡିଓ ସେୟାର କରିଛନ୍ତି। ଏଥିରେ ତାଙ୍କୁ କଳା ରଙ୍ଗର ସୁଟ୍-ବୁଟ୍‌ରେ ଷ୍ଟାଇଲରେ ଚାଲୁଥିବାର ଦେଖିବାକୁ ମିଳୁଛି। ଅଭିନେତା ଏହି ସମୟରେ ଟାଇ ମଧ୍ୟ ଲଗାଇଥିଲେ ଏବଂ କଳା ରଙ୍ଗର ଚଷମାରେ ବେଶ୍ ଷ୍ଟାଇଲ୍ ମାରୁଥିବାର ନଜର ଆସିଥିଲେ। ଅକ୍ଷୟ ଫିଲ୍ମର ସେଟରୁ ନିଜର ଭିଡିଓ ସେୟାର କରି ଲେଖିଛନ୍ତି, 'ନୂଆ ଜର୍ନ, ନୂଆ କ୍ୟାରେକ୍ଟର, ନୂଆ ଚ୍ୟାଲେଞ୍ଜ... ଭିବାନ୍ ଆହୁଜା ରିପୋର୍ଟିଂ ଅନ୍ ଡ୍ୟୁଟି। ଆଜିଠାରୁ ସାମ୍ଫୁକ୍‌ର ସୁଟିଂ ଆରମ୍ଭ।' ଅକ୍ଷୟ କୁମାରଙ୍କ ଏହି ଘୋଷଣା ପରେ ପ୍ରଶଂସକଙ୍କ ଉତ୍ସାହ ବହୁତ ବଢ଼ିଯାଇଛି। ସେମାନେ ତାଙ୍କର ଏହି ନୂଆ ଫିଲ୍ମର ରିଲିଜକୁ ବେଶ୍ ଆଗ୍ରହର ସହିତ ଅପେକ୍ଷା କରିଛନ୍ତି। ସୂଚନାଯୋଗ୍ୟ ଯେ 'ସାମ୍ଫୁକ୍' ହେଉଛି ଅକ୍ଷୟ କୁମାରଙ୍କ ୨୦୨୬ର ଚତୁର୍ଥ ଫିଲ୍ମ। ଏହା ପୂର୍ବରୁ ସେ ହିଟ୍ ଫିଲ୍ମ ଦେଇସାରିଛନ୍ତି ଏବଂ ଆଉ ଏକ ରିଲିଜ୍ ପାଇଁ ପ୍ରସ୍ତୁତ ଅଛି। ଅକ୍ଷୟଙ୍କ ଫିଲ୍ମ 'ଭୂତ ବଙ୍ଗଳା' ଏବଂ 'ୱେଲକମ୍ ଟୁ ଜଙ୍ଗଲ୍' ରିଲିଜ୍ ହୋଇସାରିଛି, ଯାହା ବକ୍ସ ଅଫିସରେ ଜବରଦସ୍ତ କମେଇ କରିଥିଲା। ସୈନିକ୍ ଅନୁଯାୟୀ, 'ଭୂତ ବଙ୍ଗଳା' ବିଶ୍ୱବ୍ୟାପୀ ୨୭୦.୯୧ କୋଟି ଏବଂ ଭାରତରେ ନେଟ୍ କଲେକ୍ସନ୍ ୧୮୨.୩୬ କୋଟି କରିଥିଲା। ଏହା ସହିତ, ସୈନିକ୍ ଅନୁଯାୟୀ, ଅକ୍ଷୟଙ୍କ ଫିଲ୍ମ 'ୱେଲକମ୍ ଟୁ ଜଙ୍ଗଲ୍' ସାରା ବିଶ୍ୱରେ ୧୯୨.୭୫ କୋଟି ରୋଜଗାର କରିଥିଲା। ଏହା ବ୍ୟତୀତ ବର୍ତ୍ତମାନ ଅକ୍ଷୟଙ୍କ ତୃତୀୟ ଫିଲ୍ମ 'ହୈବାନ୍' ମଧ୍ୟ ରିଲିଜ୍ ହେବାକୁ ଯାଉଛି। ଏହାକୁ ୧୧ ସେପଟ୍ଟେମ୍ବର, ୨୦୨୬ରେ ସିନେମାଘରରେ ରିଲିଜ୍ କରାଯିବ। ଏହାର ନିର୍ଦ୍ଦେଶନା ପ୍ରିୟଦର୍ଶନ କରିଛନ୍ତି। ଏଥିରେ ଅକ୍ଷୟ ଏବଂ ସୈଫ୍‌ଙ୍କ ସହିତ ବୋମନ ଇରାନୀ, ସାୟାମୀ ଖେର ଏବଂ ଶ୍ରୀୟା ପିଲଗାଁଓକର ପ୍ରମୁଖ ଭୂମିକାରେ ଅଛନ୍ତି। ସୂଚନାଯୋଗ୍ୟ ଯେ ଏହି ଫିଲ୍ମ ମାଧ୍ୟମରେ ଅକ୍ଷୟ ଓ ସୈଫ୍ ଅଲୀ ଖାନଙ୍କ ଯୋଡ଼ି ପ୍ରାୟ ୧୮ ବର୍ଷ ପରେ ପରଦାକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି।



# ବନ୍ୟାଜଳ ନିଷ୍କାସନକୁ ନେଇ ବିରୁହାଁରେ ରକ୍ତାକ୍ତ ସଂଘର୍ଷ: ୧୩ ଜଣଙ୍କ ନାମରେ ମାମଲା

ଭଦ୍ରକ,୨୭/୦୮ (ନି.ପ୍ର): ପ୍ରବଳ ବର୍ଷା ଓ ବନ୍ୟାଜଳ ମଧ୍ୟରେ ପାଣି ନିଷ୍କାସନକୁ ନେଇ ବିରୁହାଁ ଗ୍ରାମରେ ଦୁଇ ପଡ଼ୋଶୀ ପରିବାର ମଧ୍ୟରେ ଘଟିଛି ତୀବ୍ର ସଂଘର୍ଷ। ଅଭିଯୋଗ-ପ୍ରତ୍ୟଭିଯୋଗକୁ ନେଇ ଧାମନଗର ଥାନାରେ ଦୁଇଟି ପୃଥକ ମାମଲା ରୁଜୁ ହୋଇଥିବାବେଳେ ଉଭୟ ମାମଲାରେ ସମୁଦାୟ ୧୩ ଜଣଙ୍କ ନାମ ରହିଛି।ଅଭିଯୋଗ ଅନୁଯାୟୀ, ଅଗଷ୍ଟ ୧୪ ତାରିଖ ରାତିରେ ବର୍ଷାଜଳ ନିଷ୍କାସନ ଓ ନଦୀବନ୍ଧ ମରାମତିକୁ ନେଇ ବିବାଦ ତୀବ୍ର ରୂପ ନେଇଥିଲା। ସଦାଶିବ ଜେନାଙ୍କ ଅଭିଯୋଗ ଅନୁସାରେ, ରାତି ପ୍ରାୟ ୧୧ଟାରେ ଘରେ ବନ୍ୟାଜଳ ପଶିବା ଆଶଙ୍କାରେ ସେ ନଦୀବନ୍ଧ ମରାମତି କରୁଥିବା ସମୟରେ କାଳନ୍ଦୀ ଜେନାଙ୍କ ପରିବାର ଏହାକୁ ବିରୋଧ କରିଥିଲେ।ପରେ ବିବାଦ ଉଗ୍ର ରୂପ ନେଇଥିବା ଏବଂ ଶାବଳ, କୁରାଢ଼ି, ଛୁରୀ ଭଳି ଅସ୍ତ୍ର ଧରି ଆକ୍ରମଣ କରାଯାଇଥିବା ସଦାଶିବ ଅଭିଯୋଗ କରିଛନ୍ତି। ଠେଙ୍ଗା ମାଡ଼ରେ ତାଙ୍କ ଘାଟିରେ ଗୁରୁତର ଆଘାତ ଲାଗିଥିବା ଏବଂ ଚିକିତ୍ସା ପାଇଁ ତାଙ୍କୁ ଭଦ୍ରକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି।ଏହି ଘଟଣାରେ କେଶ ନମ୍ବର ନଂ-୩୫୫/ ୨୬ ରୁଜୁ ହୋଇ କାଳନ୍ଦୀ ଜେନା, ସଂକିରୀ ଜେନା, ଛଗିଲି ଜେନା, ଚୈତନ୍ୟ ଜେନା, ବଳରାମ ଜେନା, ରସ୍ମିତା ଜେନା, ଅଭିଲାଷ ଜେନା ଓ ଉର୍ମିଳା ଜେନାଙ୍କ ନାମରେ ମାମଲା ହୋଇଛି। ଅନ୍ୟପକ୍ଷରେ, କାଳନ୍ଦୀ ଜେନାଙ୍କ ସ୍ତ୍ରୀ ଲିପାରାଣୀ ଜେନାଙ୍କ ପକ୍ଷରୁ ମଧ୍ୟ ଗୁରୁତର ପ୍ରତ୍ୟଭିଯୋଗ ଆସିଛି। ତାଙ୍କ ଅଭିଯୋଗ ଅନୁସାରେ, ରାତି ପ୍ରାୟ ୯ଟା ୩୦ରେ ସେମାନେ ଅଗଣାରୁ ବର୍ଷାଜଳ ନିଷ୍କାସନ କରୁଥିବାବେଳେ ସଦାଶିବ ଜେନା ଓ ତାଙ୍କ ସହଯୋଗୀମାନେ ଆସି ବିବାଦ କରିଥିଲେ। ଏହାକୁ ନେଇ କାଳନ୍ଦୀଙ୍କୁ ଆକ୍ରମଣ କରାଯାଇଥିବା ଏବଂ ତାଙ୍କ ୬ ବର୍ଷର ଝିଅ ମଧ୍ୟ ଆହତ ହୋଇଥିବା ସେ ଅଭିଯୋଗ କରିଛନ୍ତି।ଏଥିସହ ପୋଲିସକୁ ଜଣାଇଲେ ଘରେ ପେଟ୍ରୋଲ ଢାଳି ଜାଳିଦେବାକୁ ଧମକ ମିଳିଥିବାରୁ ଭୟରେ ସେମାନେ ଗାଁ ଛାଡ଼ି ଅନ୍ୟତ୍ର ରହିଥିବା ଲିପାରାଣୀ ଅଭିଯୋଗ କରିଛନ୍ତି।ଏହି ପ୍ରତ୍ୟଭିଯୋଗ ଆଧାରରେ କେଶ ନମ୍ବର ନଂ-୩୫୬/୨୬ ରୁଜୁ ହୋଇ ସଦାଶିବ ଜେନା, ବିଦ୍ୟାଧର ଜେନା (ପିତା-ରଥ ଜେନା), ବିଦ୍ୟାଧର ଜେନା (ପିତା-ବିଦ୍ୟାଧର ଜେନା), ବୁଲା ଜେନା ଓ ଲିଟନ ଜେନାଙ୍କ ନାମ ରହିଛି।ଦୁଇଟି ମାମଲା ଅଗଷ୍ଟ ୨୪ ତାରିଖ ସନ୍ଧ୍ୟାରେ ଧାମନଗର ଥାନାରେ ପଞ୍ଜୀକୃତ ହୋଇଛି। ଉଭୟ ମାମଲାର ତଦନ୍ତ ଭାର ଏ ଏସ ଆଇ ଶିବଶଙ୍କର ଖିଲାରଙ୍କୁ ଦିଆଯାଇଥିବା ଜଣାପଡ଼ିଛି। ବନ୍ୟାବିପର୍ଯ୍ୟସ୍ତ ପରିସ୍ଥିତିରେ ଜଳନିଷ୍କାସନ କୁ ନେଇ ଆରମ୍ଭ ହୋଇଥିବା ବିବାଦ ଏବେ ପୋଲିସ ମାମଲାରେ ପରିଣତ ହୋଇଛି। ଏ ଦିଗରେ ତଦନ୍ତକାରୀ ଅଧିକାରି ଶ୍ରୀ ଖିଲାର କହିଛନ୍ତି ଯେ ଉଭୟ ଙ୍କ ଅଭିଯୋଗ କ୍ରମେ ଦୁଇଟି ମାମଲା ରୁଜୁ କରାଯାଇଛି। ଘଟଣା ତଦନ୍ତ ଚାଲିଛି ବୋଲି କହିଛନ୍ତି।

# ଚିନି ମହଙ୍ଗା ପରେ ମିଠା ଦୋକାନୀ ଚିନ୍ତାରେ

ଭଦ୍ରକ,୨୭/୦୮ (ନି.ପ୍ର): ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଚିନି ଦରରେ ହଠାତ୍ ବୃଦ୍ଧି ଖାଉଟିଙ୍କ ଚିନ୍ତା ବଢ଼ାଇଛି। କିଛିଦିନ ପୂର୍ବରୁ କିଲୋପିଛା ୪୫ରୁ ୪୮ ଟଙ୍କା ମଧ୍ୟରେ ବିକ୍ରି ହେଉଥିବା ଚିନି ଏବେ ଅନେକ ସ୍ଥାନରେ ୭୦ ଟଙ୍କାରେ ବିକ୍ରି ହେଉଥିବା ହେଉଥିବା ଜଣାଯାଇଛି। ଅଳ୍ପ ସମୟ ମଧ୍ୟରେ ଏଭଳି ଦର ବୃଦ୍ଧିକୁ ନେଇ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ସାଙ୍ଗକୁ ନୈରାଶ୍ୟ ପ୍ରକାଶ ପାଇଛି। ଚିନି ପ୍ରାୟ ସବୁ ପରିବାରର ଦୈନନ୍ଦିନ ଚଳଣିର ଏକ ଅତ୍ୟାବଶ୍ୟକ ସାମଗ୍ରୀ ହୋଇଥିବାରୁ ଏହାର ଦରବୃଦ୍ଧି ସିଧାସଳଖ ଭାବେ ଘରୋଇ ବଜେଟ୍ ଉପରେ ପ୍ରଭାବ ପକାଉଛି। ଚା' ଦୋକାନ ଠାରୁ ଆରମ୍ଭ କରି ମିଠା ଦୋକାନ ଓ କ୍ୟାଟରିଂ ବ୍ୟବସାୟ ପର୍ଯ୍ୟନ୍ତ ଏହାର ପ୍ରଭାବ ଅନୁଭୂତ ହେଉଛି। ଚା' ଦୋକାନୀଙ୍କ କହିବାନୁଯାୟୀ, ଚିନି ସମେତ ଚା'ପତି ଓ ପ୍ୟାକେଟ କ୍ଷୀର ଭଳି ସାମଗ୍ରୀର ମୂଲ୍ୟ ବଢ଼ିବାରୁ ପୂର୍ବ ଦରରେ ଚା' ବିକ୍ରି କରିବା କଷ୍ଟକର ହେଉଛି। ଅନ୍ୟପକ୍ଷରେ ଚିନି ଦର ବଢ଼ିଲେ ରସଗୋଲା, ଗୁଲାବଜାମୁନ୍, ଖିରୀ ଆଦି ପ୍ରସ୍ତୁତି ଖର୍ଚ୍ଚ ମଧ୍ୟ ବଢ଼ିବ ବୋଲି ମିଠା ବ୍ୟବସାୟୀମାନେ ଆଶଙ୍କା କରିଛନ୍ତି। ବିବାହ, ବ୍ରତ, ଶୁଦ୍ଧିକ୍ରିୟା ଭଳି ସାମାଜିକ କାର୍ଯ୍ୟକ୍ରମରେ କ୍ୟାଟରିଂ ଖର୍ଚ୍ଚ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିବା ସମ୍ଭାବନା ରହିଛି। ଆଉ ଗୋଟିଏ ଦିନ ପରେ ରକ୍ଷା ବଂଧନ ପୂର୍ଣ୍ଣିମା ଥିବା ବେଳେ ଏଥିପାଇଁ ଆବଶ୍ୟକ ମିଠା ପ୍ରସ୍ତୁତି ନେଇ ବ୍ୟବସାୟୀ ଚିନ୍ତା ବ୍ୟକ୍ତ କରିଛନ୍ତି।କିଲୋ ପ୍ରତି ୨୦ ଟଙ୍କା ଦର ବୃଦ୍ଧି ସେମାନଙ୍କୁ ଅଡୁଆରେ ପକାଇଛି କି ମିଠା ଦର ବଢିଲେ ବେପାର ପ୍ରଭାବିତ ହେବ। ତେବେ ବଜାରରେ ଚିନିର ଦର ହଠାତ୍ କାହିଁକି ବଢ଼ିଲା, ଏହା ପଛରେ ଯୋଗାଣ ବ୍ୟବସ୍ଥା କିମ୍ବା ଅନ୍ୟ କୌଣସି କାରଣ ରହିଛି କି, ସେନେଇ ସ୍ପଷ୍ଟତା ଆବଶ୍ୟକ ବୋଲି ଖାଉଟିମାନେ କହିଛନ୍ତି। ବିଭିନ୍ନ ଦୋକାନରେ ଚିନିର ବିକ୍ରୟ ଦର ଯାଂଚ କରି ଅସ୍ୱାଭାବିକ ମୂଲ୍ୟବୃଦ୍ଧି ଥିଲେ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ଅନ୍ୟପକ୍ଷରେ ଗୁଡ଼ ଦର ମଧ୍ୟ ବୃଦ୍ଧି ପାଇଛି। ସପ୍ତାହ ତଳେ କିଲୋ ପିଛା ୫୦ ଟଙ୍କାରେ ବିକ୍ରି ହେଉଥିବା ଗୁଡ଼ ଏବେ ଖୁଚୁରା ବଜାରରେ ୬୫ରୁ ୬୭ ଟଙ୍କାରେ ପହଂଚିଛି।

# ଖୋର୍ଦ୍ଧା ରୋଡ୍ ଡିଭିଜନରେ ଆଧୁନିକୀକରଣ କାର୍ଯ୍ୟ ଯୋଗୁଁ ଟ୍ରେନ୍ ଚଳାଚଳରେ ପରିବର୍ତ୍ତନ

ଭୁବନେଶ୍ୱର,୨୭/୦୮ (ନି.ପ୍ର): ଖୋର୍ଦ୍ଧା ରୋଡ୍ ଡିଭିଜନ ଅଧୀନସ୍ଥ କେନ୍ଦୁଆପଦା-ଭଦ୍ରକ-କଟକ ସେକ୍ସନରେ ୩ୟ ଲାଇନ୍ କମିଶନିଂ ପାଇଁ କେନ୍ଦୁଆପଦା ଷ୍ଟେସନରେ ଚାଲିଥିବା ସୁରକ୍ଷା ସମ୍ବନ୍ଧୀୟ ଆଧୁନିକୀକରଣ କାର୍ଯ୍ୟ ପରିପ୍ରେକ୍ଷୀରେ, କାର୍ଯ୍ୟର ସୁରକ୍ଷିତ ଓ ସୁଗମ ସମ୍ପାଦନ ପାଇଁ ପୂର୍ବତଟ ରେଳପଥ ପକ୍ଷରୁ କେତେକ ଟ୍ରେନ୍ ସେବାକୁ ସାମୟିକ ଭାବେ ନିୟନ୍ତ୍ରଣ କରାଯିବ। ଏହି ଅନୁଯାୟୀ, ନିମ୍ନଲିଖିତ ଟ୍ରେନ୍ ସେବାଗୁଡ଼ିକ ଉଲ୍ଲେଖିତ ତାରିଖରେ ବାତିଲ, ସର୍ଟ-ଟର୍ମିନେଟ୍ (ଆଂଶିକ ବାତିଲ), ସର୍ଟ-ଓରିଜିନେଟ୍ (ଆଂଶିକ ଆରମ୍ଭ) କରାଯିବ। ୬୮୪୩୮ କଟକ-ଭଦ୍ରକ ମେମୁ ଟ୍ରେନ୍ ୨୯ ଓ ୩୦ ଅଗଷ୍ଟରେ ବାତିଲ ରହିବ।୬୮୪୩୭ ଭଦ୍ରକ-କଟକ ମେମୁ ଟ୍ରେନ୍ ୨୯ ଓ ୩୦ ଅଗଷ୍ଟରେ ବାତିଲ ରହିବ। ୬୮୪୨୪ କଟକ-ଭଦ୍ରକ ମେମୁ ଟ୍ରେନ୍ ୨୯ ଓ ୩୦ ଅଗଷ୍ଟରେ ଭଦ୍ରକ ପରିବର୍ତ୍ତେ ଯାଜପୁର କେନ୍ଦୁଝର ରୋଡ୍ ଠାରେ ସ୍ୱଳ୍ପ-ସମାପ୍ତ ହେବ।୬୮୪୨୩ ଭଦ୍ରକ-କଟକ ମେମୁ ଟ୍ରେନ୍ ୨୯ ଓ ୩୦ ଅଗଷ୍ଟରେ କଟକ ପରିବର୍ତ୍ତେ ଯାଜପୁର କେନ୍ଦୁଝର ରୋଡ୍ ଠାରୁ ଯାତ୍ରା ଆରମ୍ଭ କରିବ।୧୮୦୩୭ ଖଡ଼ଗପୁର-ଯାଜପୁର କେନ୍ଦୁଝର ରୋଡ୍ ଏକ୍ସପ୍ରେସ୍ ଟ୍ରେନ୍ ୨୭ରୁ ୨୯ ଅଗଷ୍ଟ ପର୍ଯ୍ୟନ୍ତ ଯାଜପୁର କେନ୍ଦୁଝର ରୋଡ୍ ପରିବର୍ତ୍ତେ ଭଦ୍ରକ ଠାରେ ଯାତ୍ରା ସମାପ୍ତ କରିବ। ୧୮୦୩୮ ଯାଜପୁର କେନ୍ଦୁଝର ରୋଡ୍-ଖଡ଼ଗପୁର ଏକ୍ସପ୍ରେସ୍ ଟ୍ରେନ୍ ୨୮ରୁ ୩୦ ଅଗଷ୍ଟ ପର୍ଯ୍ୟନ୍ତ ଯାଜପୁର କେନ୍ଦୁଝର ରୋଡ୍ ପରିବର୍ତ୍ତେ ଭଦ୍ରକ ଠାରୁ ଯାତ୍ରା ଆରମ୍ଭ କରିବ। ୧୮୦୨୧ ଖଡ଼ଗପୁର-ଖୋର୍ଦ୍ଧା ରୋଡ୍ ଏକ୍ସପ୍ରେସ ଟ୍ରେନ୍ ୨୭ରୁ ୩୦ ଅଗଷ୍ଟ ପର୍ଯ୍ୟନ୍ତ ଖୋର୍ଦ୍ଧା ରୋଡ୍ ପରିବର୍ତ୍ତେ ଭଦ୍ରକ ଠାରେ ଯାତ୍ରା ସମାପ୍ତ କରିବ।୧୮୦୨୨ ଖୋର୍ଦ୍ଧା ରୋଡ୍-ଖଡ଼ଗପୁର ଏକ୍ସପ୍ରେସ୍ ଟ୍ରେନ୍ ୨୭ରୁ ୩୦ ଅଗଷ୍ଟ ପର୍ଯ୍ୟନ୍ତ ଖୋର୍ଦ୍ଧା ରୋଡ୍ ପରିବର୍ତ୍ତେ ଭଦ୍ରକ ଠାରୁ ଯାତ୍ରା ଆରମ୍ଭ କରିବ।

# ବଲାଙ୍ଗୀର ଓ ଟିଟିଲାଗଡ଼ ପୌରାଂଚଳର ବିଭିନ୍ନ ମିଠା ଦୋକାନ ଓ ଖାଦ୍ୟ ପ୍ରତିଷ୍ଠାନରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ବ୍ୟାପକ ଆକସ୍ମିକ ଯାଂଚ

ବଲାଙ୍ଗୀର,୨୭/୦୮ (ନି.ପ୍ର): ଆଗାମୀ ରାକ୍ଷୀ ପୂର୍ଣ୍ଣିମାକୁ ଦୃଷ୍ଟିରେ ରଖି ବଲାଙ୍ଗୀର ଓ ଟିଟିଲାଗଡ଼ ପୌରାଂଚଳର ବିଭିନ୍ନ ମିଠା ଦୋକାନ ଓ ଖାଦ୍ୟ ପ୍ରତିଷ୍ଠାନରେ ଖାଦ୍ୟ ନିରାପତା ବିଭାଗ ପକ୍ଷରୁ ବ୍ୟାପକ ଆକସ୍ମିକ ଯାଂଚ କରାଯାଇଛି। ପାର୍ବଣ ସମୟରେ ମିଠା ଓ ଅନ୍ୟାନ୍ୟ ଦୁଗ୍ଧଜାତ ଦ୍ରବ୍ୟର ବହୁଳ ଚାହିଦାର ସୁଯୋଗ ନେଇ ଅସାଧୁ ବ୍ୟବସାୟୀମାନେ ଯେପରି ଅସ୍ୱାସ୍ଥ୍ୟକର କିମ୍ବା ନିମ୍ନମାନର ଖାଦ୍ୟ ବିକ୍ରି ନ କରନ୍ତି, ସେଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା। ବଲାଙ୍ଗୀର ସହରରେ ଖାଦ୍ୟ ନିରାପତା ଟିମ୍ ସଦର ଥାନା ପୁଲିସର ସହଯୋଗରେ ବିଭିନ୍ନ ପ୍ରମୁଖ ଖାଦ୍ୟ ପ୍ରତିଷ୍ଠାନରେ ଯାଂଚ କରିଥିଲେ। ଏହି ସମୟରେ ବିଭିନ୍ନ ଦୋକାନରୁ ୯ଟି ଖାଦ୍ୟ ନମୁନା ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଯାଇଛି। ଯାଂଚବେଳେ ଜବତ ୪ କିଲୋଗ୍ରାମ୍ ବାସି ଖାଦ୍ୟ ଓ ୨୦ଟି ମିଆଦପୂର୍ଣ୍ଣ ଖାଦ୍ୟ ଉତ୍ପାଦକୁ ଅଧିକାରୀଙ୍କ ଉପସ୍ଥିତିରେ ନଷ୍ଟ କରାଯାଇଛି। ନିୟମ ଉଲ୍ଲଂଘନ କରିଥିବା ବ୍ୟବସାୟୀଙ୍କଠାରୁ ୨,୦୦୦ ଟଙ୍କା ଜରିମାନା ଆଦାୟ ସହ ୩ଟି ପ୍ରତିଷ୍ଠାନକୁ 'କାରଣ ଦର୍ଶାଅ' ନୋଟିସ ଜାରି କରାଯାଇଛି ବୋଲି ବଲାଙ୍ଗୀର ଖାଦ୍ୟ ନିରାପତା ଅଧିକାରୀ ବିଶ୍ୱଜିତ ସୀଙ୍କୁ ସୂଚନା ଦେଇଛନ୍ତି। ସେହିପରି ଟିଟିଲାଗଡ଼ ପୌରାଂଚଳରେ ମଧ୍ୟ ଖାଦ୍ୟ ନିରାପତା ବିଭାଗ ପକ୍ଷରୁ ବିଭିନ୍ନ ମିଠା ଦୋକାନରେ ଯାଂଚ କରାଯାଇଥିଲା। ଏଠାରେ ପନୀର, ଖୋଆ, ଛେନା ଓ ବିଭିନ୍ନ ପ୍ରକାର ମିଠା ସମେତ ମୋଟ ୧୩ଟି ଖାଦ୍ୟ ନମୁନା ସଂଗ୍ରହ କରାଯାଇ ପରୀକ୍ଷାଗାରକୁ ପଠାଯାଇଛି। ନମୁନାର ପରୀକ୍ଷା ରିପୋର୍ଟ ଆସିବା ପରେ ନିମ୍ନମାନର ଖାଦ୍ୟ ଯୋଗାଣ କିମ୍ବା ଖାଦ୍ୟ ନିରାପତା ନିୟମ ଉଲ୍ଲଂଘନ ମିଳିଲେ ସମ୍ପୃକ୍ତ ବ୍ୟବସାୟୀଙ୍କ ବିରୋଧରେ ଆଇନ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଆହୁରି କଡ଼ାକଡ଼ି କରାଯିବ ବୋଲି ଟିଟିଲାଗଡ଼ ଖାଦ୍ୟ ନିରାପତା ଅଧିକାରୀ ସୌମେନ୍ଦ୍ର ପ୍ରଧାନ କହିଛନ୍ତି। ଏହି ଯାଂଚ ସମୟରେ ଖାଦ୍ୟ ନିରାପତା ନିୟମ ଉଲ୍ଲଂଘନକାରୀ ଦୋକାନୀଙ୍କଠାରୁ ମୋଟ ୮,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏଥିସହ ବିଭିନ୍ନ ଦୋକାନରୁ ଜବତ ପ୍ରାୟ ୨୦ କିଲୋଗ୍ରାମ୍ ବାସି, ଅବ୍ୟବହାରଯୋଗ୍ୟ ଓ ଅସ୍ୱାସ୍ଥ୍ୟକର ଖାଦ୍ୟକୁ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ନଷ୍ଟ କରାଯାଇଛି। ପାର୍ବଣ ସମୟରେ ଖାଦ୍ୟରେ ଅପମିଶ୍ରଣ, ନିମ୍ନମାନର ସାମଗ୍ରୀ ବ୍ୟବହାର ଓ ଅସ୍ୱାସ୍ଥ୍ୟକର ଖାଦ୍ୟ ବିକ୍ରିକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ ବୋଲି ପ୍ରଶାସନ ପକ୍ଷରୁ ଦୋକାନୀମାନଙ୍କୁ କଡ଼ା ଚେତାବନୀ ଦିଆଯାଇଛି। ଖାଦ୍ୟ ପ୍ରତିଷ୍ଠାନରେ ପରିଷ୍କାର-ପରିଚ୍ଛନ୍ନତା, ଖାଦ୍ୟର ଗୁଣବତା ଓ ସ୍ୱାସ୍ଥ୍ୟକର ପରିବେଶ ସୁନିଶ୍ଚିତ କରିବା ସହ ଆବଶ୍ୟକ ସୁଧାରମୂଳକ ପଦକ୍ଷେପ ନେବାକୁ ଦୋକାନ ମାଲିକମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# 'ସହାୟକ' ଦ୍ୱାରା ଗୋମାତା ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ




ବାଲେଶ୍ୱର,୨୭/୦୮ (ନି.ପ୍ର): ତରଫରୁ ଆଜି ପବିତ୍ର ରକ୍ଷା ବନ୍ଧନ ଦିବସରେ 'ସହାୟକ' ବାଲେଶ୍ୱରର ସଦସ୍ୟ ସଦସ୍ୟାଙ୍କ ଦ୍ୱାରା କୁରୁଡା ପଞ୍ଚାୟତର ହରିଡ଼ା ଗ୍ରାମସ୍ଥିତ ନିରାକାର ପାଣିଗ୍ରାହୀଙ୍କର ଗୋଶାଳାରେ ସଭାପତି ଡ. କ୍ଷିତୀଶ୍ୱର ଦାଶଙ୍କ ତତ୍ତ୍ୱାବଧାନରେ ଗୋମାତା ପୂଜନ କାର୍ଯ୍ୟ ସମ୍ପାଦିତ ହୋଇଥିଲା। ଭାରତୀୟ ସନାତନ ପରମ୍ପରା ଅନୁଯାୟୀ ଏହି କାର୍ଯ୍ୟକ୍ରମ 'ସହାୟକ' ପରିବାର ଉପଦେଷ୍ଟା ତଥା ପୂର୍ବତନ ସଭାପତି ଦିବାକର ମହାପାତ୍ରଙ୍କ ମାର୍ଗ ଦର୍ଶନରେ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଭାପତି ଗୋମାତା ପୂଜାର ଐତିହ୍ୟ, ପରମ୍ପରା ଓ ପ୍ରାଚୀନତା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ନିରଞ୍ଜନ ପରିଡ଼ାଙ୍କ ସମେତ ଇଂ ସୁରେନ୍ଦ୍ର ପ୍ରସାଦ ନାୟକ, ପ୍ରଫୁଲ୍ଲ କୁମାର ଦାସ, ଗଙ୍ଗାଧର ପୃଷ୍ଟି, ଡ.ଲକ୍ଷ୍ମଣ ଚରଣ ବିଶ୍ୱାଳ, ରବିନ୍ଦ୍ର ନାଥ ଗିରି, ଡ. ଦୟାନିଧି ମହାପାତ୍ର, ରବି କୁମାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ପ୍ରଣିତା ମିଶ୍ର ଧନ୍ୟବାଦ ଦେଇଥିଲେ।

# ବନ୍ୟା ପୀଡ଼ିତଙ୍କୁ ଶୁଖିଲା ଖାଦ୍ୟ ବଂଟନ

କେନ୍ଦ୍ରାପଡ଼ା ,୨୭/୦୮ (ନି.ପ୍ର): ସମ୍ପ୍ରତି ଆଳି ବ୍ଲକରେ ପ୍ରବଳ ବନ୍ୟା ଆସିବା ଯୋଗୁ ଦଶିପୁର ପଂଚାୟତର ଖରିଆ ଗ୍ରାମ ପାଣି ଘେରରେ ରହିଛି। ପାଣିଘେରରେ ଥିବା ଲୋକଙ୍କୁ ଆଳିର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗୌରହରି ସାହୁ ଚାରିଟେବୁଲ ଟ୍ରଷ୍ଟର ସଭାପତି ସୁଶାନ୍ତ ସାହୁ ଓ ହୋଟେଲ ଏ ମାର୍ଟର ପ୍ରତିଷ୍ଠାତା ସନ୍ତୋଷ ସାହୁଙ୍କ ପ୍ରଚେଷ୍ଟାରେ ଖରିଆର ଶତାଧିକ ପରିବାରକୁ ଶୁଖୁଲା ଖାଦ୍ୟ ଯୋଗାଇ ଦିଆଯାଇଛି। କର୍ମକର୍ତାମାନେ ଲୋକମାନଙ୍କ ଘର ନିକଟକୁ ଯାଇ ତାଙ୍କୁ ଏ ଅସମୟରେ ଆଶ୍ୱାସନା ଦେବା ସହ ଶୁଖିଲା ଖାଦ୍ୟ ଓ ପାନୀୟ ଜଳ ବଂଟନ କରିଛନ୍ତି।

# ଦୋଶିଙ୍ଗା ପଂଚାୟତରେ ଡିଲରଙ୍କ ବାଟ ମାରଣା: ୩୦ବସ୍ତା ଚାଉଳ ଜବତ, କାରଣ ଦର୍ଶାଅ ନୋଟିସ ଜାରି, ଚାଉଳ ରିସାଇକ୍ଲି ହେବାର ପ୍ରମାଣ ଥିବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଶୂନ

ଭଦ୍ରକ,୨୭/୦୮ (ନି.ପ୍ର): ଚାନ୍ଦବାଲି ବ୍ଲକ ଦୋଷିଙ୍ଗା ପଂଚାୟତରେ ସଂପୃକ୍ତ ଡିଲର ବସନ୍ତ ଗିରି(୦୪୦୫ପି୦୬୫) ବହୁ ଦିନ ହେବ ନିଜ ମନମାନୀରେ ଖାଉଟି ମାନଙ୍କୁ ଚାଉଳ ବଦଳରେ ଟଙ୍କା ଦେଇ ଫେରାଇ ଦେଉଥିଲା। ଏ ନେଇ ବହୁବାର ଅଭିଯୋଗ ପରେ ଚଳିତ ମାସ ୧୩ ତାରିଖ ବ୍ଲକ ଯୋଗାଣ ନିରୀକ୍ଷକ ସଂପୃକ୍ତ ଡିଲରଙ୍କ ଗୋଦାମ ଯାଂଚ କରିଥିଲେ। ଯାଂଚ ବେଳେ ୨୫୦୭ଜଣ ହିତାଧିକାରୀଙ୍କ ଚାଉଳ ଗଚ୍ଛିତ ଥିବା ସହ ଅଧିକ ୩୦ବସ୍ତା ଚାଉଳ ଏହି ଗୋଦାମ ଘରେ ଯାଂଚ ବେଳେ ଧରାଯାଇଥିଲା। କେଉଁ ପରିସ୍ଥିତିରେ ସଂପୃକ୍ତ ଡିଲର ଏହି ଚାଉଳ କେଉଁଠୁ ଆଣିଲେ କୌଣସି ସନ୍ତୋଷ ଜନକ ଉତର ରଖି ପାରି ନଥିଲେ। ଏହାକୁ ନେଇ ଖୋଲତାଡ ହେବା ପରେ ସଂପୃକ୍ତ ଡିଲର ବସନ୍ତ ଗିରି ଧାମରା ଅଂଚଳର ଅନ୍ୟ ଡିଲର ମାନଙ୍କୁ କାକୁତି ମିନତୀ ହୋଇ ଏହି ଚାଉଳ ସେମାନଙ୍କର ବୋଲି ଦାବୀ କରିବାକୁ ଅନୁରୋଧ କରିଥିଲା। ମାତ୍ର କୌଣସି ଡିଲର ଏହି ଚାଉଳ ନିଜର ବୋଲି ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବୀ ରଖି ନଥିଲେ । ଫଳରେ ବ୍ଲକ ଯୋଗାଣ ନିରୀକ୍ଷକ ବସନ୍ତ ଗିରିକୁ କାରଣ ଦର୍ଶାଅ ନୋଟିସ ଜାରୀ କରିଥିଲେ। କାରଣ ଦର୍ଶାଅ ନୋଟିସ ଜାରୀ ହେବାର ଇତି ମଧ୍ୟରେ ଦୀର୍ଘ ୧୫ଦିନ ବିତିଯାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ସଂପୃକ୍ତ ଡିଲରଙ୍କ ବିରୁଦ୍ଧରେ କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇ ନାହାନ୍ତି। ଏନେଇ ଅଂଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ମଧ୍ୟ ପ୍ରକାଶ ପାଇଛି। ତୁରନ୍ତ ସଂପୃକ୍ତ ଡିଲରକୁ ନିଜ କାର୍ଯ୍ୟରୁ ନିଲମ୍ବନ କରିବାକୁ ଦୋସିଙ୍ଗା ପଂଚାୟତବାସୀ ଦାବୀ ଜଣାଇଛନ୍ତି। ଏଥିସହ ଏକ ଦାବୀପତ୍ର ମଧ୍ୟ ରାଜ୍ୟ ଯୋଗାଣ ମନ୍ତ୍ରୀ ଏବଂ ଖାଉଟି ଶଚିବଙ୍କ ନିକଟକୁ ପଠାଇବା ସହ ସଂପୃକ୍ତ ଡିଲରକୁ ସେବା ନିବୃତ କରାଯିବାକୁ ଦାବୀ ହୋଇଛି।ଏଠାରେ ଉଲ୍ଲେଖ ଯୋଗ୍ୟ ସଂପୃକ୍ତ ଡିଲର ଚାଉଳ ରିସାଇକ୍ଲିଂ କରୁଥିବା ବେଳେ ଏହି ଘଟଣାରେ ଚାଉଳ ଯୋଗାଣ ହୋଲସେଲର ଜଡିତ ଥିବା ବେଳେ ସମସ୍ତଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବୀ ମଧ୍ୟ ହୋଇଛି।

# ଗ୍ରାମବାସୀଙ୍କ ଦୃଢ଼ ବିରୋଧ ପରେ ୧୦ଟି ଗଛ ଉପାଡ଼ିବାକୁ ସହମତି: ଲିଖିତ ପ୍ରତିଶ୍ରୁତି ଦେଲା କମ୍ପାନୀ

ଝାରସୁଗୁଡ଼ା ,୨୭/୦୮ (ନି.ପ୍ର):କୋଡ଼ାଲୋଇ ନର୍ଥ କୋଲ୍ ବ୍ଲକ୍ କୋଇଲା ଖଣି କାର୍ଯ୍ୟ ଆରମ୍ଭ ପାଇଁ ଜାଗା ଖାଲି କରିବା ଉଦ୍ଦେଶ୍ୟରେ ମୂଲ୍ୟବାନ ଗଛ କାଟିବା ଓ ଉପାଡ଼ିବାକୁ କମ୍ପାନୀର କର୍ମଚାରୀ ସଶସ୍ତ୍ର ପୁଲିସ ବଳ ସହ ପହଞ୍ଚିବାକୁ ନେଇ ଗ୍ରାମବାସୀଙ୍କ ତୀବ୍ର ବିରୋଧର ସମ୍ମୁଖୀନ ହୋଇଥିଲେ। ବଞ୍ଜରୀ, କୁଡାଲୋଇ ଓ ଜୟବୁଡ଼ିଆ ଗ୍ରାମର ବାସିନ୍ଦାମାନଙ୍କ ଅଭିଯୋଗ ଅନୁସାରେ, କୌଣସି ପୂର୍ବ ସୂଚନା ନ ଦେଇ ଗଛ ଉପାଡ଼ିବା ପାଇଁ କମ୍ପାନୀ ପକ୍ଷରୁ କର୍ମଚାରୀମାନେ ଆସିଥିଲେ। ଏହାକୁ ନେଇ ଗ୍ରାମବାସୀ ଏକଜୁଟ ହୋଇ ଦୃଢ଼ ପ୍ରତିବାଦ କରିଥିଲେ।

ପରିସ୍ଥିତି ନେଇ ଲଖନପୁର ତହସିଲଦାର ଡୁଲାମଣି ପଟେଲ, ପୁଲିସ ଏସ୍ଡିପିଓ ଚିନ୍ତାମଣି ପଧାନ, ଲଖନପୁର ଥାନା ଓ ବନହରପାଲି ଥାନା ଅଧିକାରୀ, ବେଦାନ୍ତ କମ୍ପାନୀର ଅଧିକାରୀ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଆଲୋଚନା ପରେ କିଛି ସର୍ତ୍ତ ସହ କେବଳ ୧୦ଟି ଗଛ ଉପାଡ଼ିବାକୁ ଗ୍ରାମବାସୀ ସହମତି ପ୍ରକାଶ କରିଥିଲେ। ଏଥିସହ ଜିଲ୍ଲା ପ୍ରଶାସନ ସହ ଗ୍ରାମବାସୀଙ୍କ ଆଲୋଚନା ନ ହେବା ପର୍ଯ୍ୟନ୍ତ ଆଉ କୌଣସି ଗଛ କାଟା କିମ୍ବା ଉପାଡ଼ା ଯିବ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେବାକୁ ଗ୍ରାମବାସୀ ଦାବି କରିଥିଲେ। ତହସିଲଦାରଙ୍କ ପକ୍ଷରୁ ଜିଲ୍ଲା ପ୍ରଶାସନ ସହ ଗ୍ରାମବାସୀଙ୍କ ଆଲୋଚନା ପାଇଁ ତାରିଖ ଧାର୍ଯ୍ୟ କରାଯିବା ସହ କମ୍ପାନୀ ପକ୍ଷରୁ ଲିଖିତ ପ୍ରତିଶ୍ରୁତି ଦିଆଯିବା ପରେ ଗ୍ରାମବାସୀ ଆନ୍ଦୋଳନରୁ ଓହରିଥିଲେ।ଏହି ଘଟଣା ସମୟରେ ଗୋପୀନାଥ ମାଝୀ, ଅଶୋକ ମାଝୀ, ବିନୋଦ ମାଝୀ, କରୁଣାକର ପଧାନ, କୁବେର ପଧାନ, ଧନୁର୍ଜ ଭୋଇ, ସୁବଳ ରାଉତ, ପ୍ରଫୁଲ୍ଲ ବଡ଼ାଇଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ପ୍ରତିଟି ପିଲା ପ୍ରତିଭାବାନ, କେବଳ ପରିବେଶ ଓ ପରିସ୍ଥିତି ଅନୁସାରେ ତା'ର ପ୍ରତିଭାର ପ୍ରକାଶ ଘଟିଥାଏ

## 'ମାସ୍' ପକ୍ଷରୁ ବିବେକାନନ୍ଦଙ୍କୁ ସମ୍ବର୍ଦ୍ଧନା ପ୍ରଦାନ

ବାଲେଶ୍ୱର,୨୭/୦୮ (ନି.ପ୍ର): ପ୍ରତିଟି ପିଲା ପାଖରେ ପ୍ରତିଭା ଏବଂ ଆଗାଗୁ ବଢିବାର କ୍ଷମତା ଭରପୂର ଥାଏ। ଅନୁକୂଳ ପରିବେଶ, ପରିସ୍ଥିତି ତଥା ଉପଯୁକ୍ତ ଲାଳନପାଳନ ଓ ସୁଯୋଗର ସୁବ୍ୟବସ୍ଥା ଅସୁସରେ ହିଁ ଜଣେ ଆଗକୁ ଯିବାରେ ସମର୍ଥ ହୋଇଥାଏ। ବାପାମାଆଙ୍କର ଭୂମିକା ମଧ୍ୟ ଏ କ୍ଷେତ୍ରରେ କିଛି କମ ନଥାଏ ବୋଲି ଆମେରିକାର ଲସଭେଗାସ ଠାରେ 'କ୍ରେଡିଟ ୱାନ ବ୍ୟାଙ୍କ'ରେ ଆସିଷ୍ଟାଣ୍ଟ ଭାଇସ ପ୍ରେସିଡେଣ୍ଟ ଭାବରେ ଅବସ୍ଥାପିତ ବାଲେଶ୍ୱର ନୀଳଗିରିର ସନ୍ତାନ ଡକ୍ଟର ବିବେକାନନ୍ଦ ମିଶ୍ର ତାଙ୍କୁ ପ୍ରଦତ୍ତ ଏକ ସମ୍ବର୍ଦ୍ଧନାର ଉତ୍ତରରେ କହିଛନ୍ତି । ବାଲେଶ୍ୱରର ଅଗ୍ରଣୀ ସାମାଜିକ ସଙ୍ଗଠନ 'ମାନବ




ଅଧିକାର ସୁରକ୍ଷା ସଂସଦ' ବା 'ମାସ୍' ଦ୍ୱାରା ସ୍ଥାନୀୟ ଆତିଥ୍ୟ ଭବନ ଠାରେ ଅନୁଷ୍ଠିତ 'ପ୍ରାକ୍ ରକ୍ଷା ବନ୍ଧନ ଉତ୍ସବ ' ପାଳନ ଅବସରରେ ବିଶିଷ୍ଟ ଆଇନଜୀବୀ ଜ୍ଞାନ ମିଶ୍ର ଏବଂ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ବନିତା ମିଶ୍ରଙ୍କ ପୁତ୍ର ଡକ୍ଟର ବିବେକାନନ୍ଦଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରା ଯାଇଥିଲା। ବାଲେଶ୍ୱର ଫକୀମୋହନ କଲେଜରୁ + ଦୁଇ, ବେଙ୍ଗାଲୁରୁସ୍ଥିତ ଇଣ୍ଡିଆନ ଷ୍ଟାଟିଷ୍ଟିକାଲ୍ ଇନ୍ଷ୍ଟିଚ୍ୟୁଟରୁ ସ୍ନାତକ, ଇଂଲଣ୍ଡର ୟୁନିଭର୍ସିଟି ଅଫ୍ ୱାରୱିକରୁ ବିଜ୍ଞାନରେ ସ୍ନାତକୋ।ତ୍ତର ଉପାଧି ଓ ୟୁନିଭର୍ସିଟି ଅଫ କ୍ୟାନସାସରୁ ପିଏଚଡି ଡିଗ୍ରୀ ଲାଭ କରିବାର ବିରଳ ସୁଯୋଗ ପ୍ରାପ୍ତ ହୋ।ଇଥିବା ଡକ୍ଟର ମିଶ୍ର ପରବର୍ତ୍ତୀ ସମୟରେ ଆମେରିକାର ଅନ୍ୟତମ ଅଗ୍ରଣୀ ବ୍ୟାଙ୍କ କ୍ରେଡିଟ ବ୍ୟାଙ୍କର ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହେବାରେ ପ୍ରଥମ ଓଡିଆ । ସଂଗଠନର ସଭାପତି ଅଭୟ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ କବି ପ୍ରଶାନ୍ତ ଦାସ ମୁଖ୍ୟ ଅତିଥି ଭାବରେ ଯୋ।ଗ ଦେଇଥିବା ବେଳେ ପ୍ରାଥମିକ ସୂଚନା ପ୍ରଦାନ କରିଥିଲେ ବାଲେଶ୍ୱର ସିଡବ୍ଲ୍ୟୁସି ସଦସ୍ୟ ସମାଜସେବୀ ଯାଦବେଶ ମିଶ୍ର। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଯୋ।ଗଦେଇଥିଲେ ସଂଗଠନର ସଂପାଦକ ଦେବାଶିଷ ପଣ୍ଡା, ଆଡଭୋ। କେଟ୍ ଜ୍ଞାନରଞ୍ଜନ ମିଶ୍ର, ବନିତା ମିଶ୍ର, ବିଦ୍ୟାଧର ନାୟକ, ଅଭିନେତା ଦେବ୍, ବିଜୟ ଦାସ ଅଧିକାରୀ, ସର୍ବେଶ୍ୱର ଜେନା,ମଞ୍ଜୁଲତା ବଳ, ପ୍ରଣିତା ମିଶ୍ର, ହରିପଦ ଭୂୟାଁ, ସିଦ୍ଧେଶ୍ୱର ବିନ୍ଧାଣୀ, ମିନତୀ ସେଠୀ, ଆଶ୍ରିତା ତରେଇ, ଚିତ୍ତରଞ୍ଜନ ଦାସ, ଅର୍ଚ୍ଚନା ନନ୍ଦୀ, ବିଜୟ ଆଚାର୍ଯ୍ୟ, ରବୀନ୍ଦ୍ର ଦାଶ, ରବୀନ୍ଦ୍ର ଗିରି, ସତ୍ୟ ନାୟକ, ପ୍ରଦ୍ୟୁମ୍ନ ନାୟକ, ମାନସ ରଥ, ପ୍ରବୀର କମିଲା,ଅଞ୍ଜୁଲତା ବଳ,ଦେବବ୍ରତ କର, ଲଳିତ ମୋହନ ଦାସ, ଦେବାଶିଷ ସିଂହ, ତୃପ୍ତି ପାତ୍ର, ପ୍ରଶାନ୍ତ କୁମାର ଦାସ, ଜଳଧର ମହାନ୍ତି ପ୍ର ମୁଖ ଯୋ।ଗ ଦେଇଥିଲେ।

# ଶ୍ୱଶୁରଙ୍କୁ କଟୁରିରେ ହାଣି ହତ୍ୟା ଅଭିଯୋଗରେ ଜ୍ୱାଇଁ ଗିରଫ

ସମ୍ବଲପୁର,୨୭/୦୮ (ନି.ପ୍ର): ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଗୋବିନ୍ଦପୁର ଥାନା ଅନ୍ତର୍ଗତ ମହୁଲଛାପଲ ଗାଁର ଲାଲପଡ଼ାରେ ଏକ ଚାଞ୍ଚଲ୍ୟକର ହତ୍ୟାକାଣ୍ଡ ଘଟିଛି। ନିଜ ଶ୍ୱଶୁରଙ୍କ ସହ ବାକ୍ ବିତଣ୍ଡା ହେବା ପରେ ଉତ୍ତେଜିତ ହୋଇ ଜ୍ୱାଇଁ ଧାରୁଆ କଟୁରିରେ ହାଣି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ଜଣଙ୍କ ପିଣ୍ଡାପଥର ଗ୍ରାମର କାଲୋ କଚ୍ଛପ। ସୂଚନା ଅନୁଯାୟୀ, ମହୁଲଛାପଲ ଗ୍ରାମର ଏନଗ୍ଥାନି କିସାନ କାଲୋ କଚ୍ଛପଙ୍କ ଝିଅ ଅମିତାକୁ ବିବାହ କରିଥିଲା । ମାତ୍ର କିସାନ ଓ ଅମିତାଙ୍କ ମଧ୍ୟରେ ବିଭିନ୍ନ ସମୟରେ ଘରୋଇ କଳହକୁ ନେଇ ବିବାଦ ହେଉଥିଲା। ଏହାପରେ ଅମିତା ନିଜ ବାପଘର ପିଣ୍ଡାପଥରକୁ ଚାଲିଆସି ରହୁଥିଲା । ମଙ୍ଗଳବାର ଅମିତାଙ୍କ ବାପା କାଲୋ କଚ୍ଛପ ଜ୍ୱାଇଁ ଏନଗ୍ଥାନିଙ୍କ ଘରକୁ ଆସି ବୁଝାଶୁଝା କରିଥିଲେ। ଏହି ସମୟରେ ଶ୍ୱଶୁର ଓ ଜ୍ୱାଇଁଙ୍କ ମଧ୍ୟରେ କଥା ବହୁ ଉଚ୍ଚବାଚରେ କଟାକଟି ହୋଇଥିଲା। ପରେ ବିଳମ୍ବିତ ରାତିରେ ଏନଗ୍ଥାନି ଏକ ଧାରୁଆ କଟୁରିରେ କାଲୋଙ୍କୁ ଆକ୍ରମଣ କରି ହତ୍ୟା କରିଦେଇଥିଲା ।

# ମାରୱାଡ଼ି ମହିଳା ସମିତିର ଭବ୍ୟ 'ବୋଲ୍ ବମ୍' ଶୋଭାଯାତ୍ରା

ନୂଆପଡ଼ା,୨୭/୦୮ (ନି.ପ୍ର): ପବିତ୍ର ଶ୍ରାବଣ ମାସ ଅବସରରେ ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହରରେ ମାରୱାଡ଼ି ମହିଳା ସମିତି ପକ୍ଷରୁ ଭବ୍ୟ 'ବୋଲ୍ ବମ୍' ଶୋଭାଯାତ୍ରା ତଥା କାଉଡ଼ିଆ ରାଲି ମହାସମାରୋହରେ ଆଜି ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାନେତ୍ରୀ ବବିତା ଅଗ୍ରୱାଲଙ୍କ ଅଧ୍ୟକ୍ଷତା ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ସ୍ଥାନୀୟ ମା' ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରୁ ଭକ୍ତିପୂର୍ଣ୍ଣ ପରିବେଶରେ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। 'ହର ହର ମହାଦେବ', 'ବୋଲ୍ ବମ୍' ଧ୍ୱନି ସହ ହରିବୋଲ ଓ ହୁଳହୁଳିରେ ସମଗ୍ର ସହର ପ୍ରକମ୍ପିତ ହୋଇଉଠିଥିଲା।

# କେନାଲ ପୋଲ ମରାମତି ଅଭାବରୁ ଦୁର୍ଦ୍ଦଶାରେ ଯାତ୍ରୀ



ଖଇରା, ୨୭/୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅନ୍ତର୍ଗତ କଣ୍ଟବଣିଆ-ଡଗରପଡା ରାସ୍ତାର କଣ୍ଟାବଣିଆ-ବଳଭଦ୍ରପୁର ମଝିରେ ଆମ୍ବହତା କେନାଲ ଉପରେ ବଡ ବଡ ଗାତ ସୃଷ୍ଟି ହୋଇ ପୋଲଟି ବିପଦପୂର୍ଣ୍ଣ ହୋଇ ପଡିଥିବାରୁ ଯାତ୍ରୀ ମାନେ ଭୟାତୁର ଅବସ୍ଥାରେ ଯାତାୟାତ କରୁଛନ୍ତି । ବାରମ୍ବାର ଦାବି ପରେ ମଧ୍ୟ ପୁରୁଣା ପୋଲର ମରାମତି ହେଉନି କି ନୂତନ ପୋଲ ନିର୍ମାଣ ହେଉନି । ତୁରନ୍ତ ଗାତଗୁଡିକର ପୋତାଯିବାର ବ୍ୟବସ୍ଥା କରାନଗଲେ ଏହି ପୋଲ ଉପରେ ନିର୍ଭର କରୁଥିବା ୨୦ରୁ ଉର୍ଦ୍ଧ ଗ୍ରାମର ବାସିନ୍ଦା ରାସ୍ତା ଅବରୋଧ ପାଇଁ ଚେତାବନୀ ଦେଇଛନ୍ତି । ଏହି ରାସ୍ତା ଓ ପୋଲ ବ୍ୟବହାର କରି ଖଇରା ବ୍ଲକର ଗୋବିନ୍ଦପୁର, ଡଗରପଡା, ଜଳଦା, ଅଚ୍ୟୁତପୁର ସମେତ ଔପଦା ବ୍ଲକର ତଳକିଆ ପଞ୍ଚାୟତ ଲୋକମାନେ ବିଭିନ୍ନ ସ୍ଥାନକୁ ଯିବାଆସିବା କରିଥାନ୍ତି । ବିଶେଷ ଭାବରେ ଔପଦା ହାଇସ୍କୁଲ,ଔପଦା କଲେଜ, ବଳଭଦ୍ରପୁର ସଂସ୍କୃତ ବିଦ୍ୟାଳୟକୁ ଯାଆସ କରିବାକୁ ଏହା ଏକ ପ୍ରମୁଖ ରାସ୍ତା ହୋଇଥିବା ବେଳେ କଣ୍ଟାବଣିଆ ଠାରୁ ଅନତିଦୂରରେ ଆମ୍ବହତା କେନାଲ ଅତିକ୍ରମ କରିଥିବା ବେଳେ ଏହା ଉପରେ ଥିବା ପୁରୁଣା ପୋଲ ର ଉପରେ ଅସଂଖ୍ୟ ପାଣିଭର୍ତ୍ତୀ ଖାଲ ପ୍ରତିମୁହୂର୍ତ୍ତରେ ବିପଦକୁ ନିମନ୍ତ୍ରଣ କରୁଛି । ପ୍ରତ୍ୟେକ ଦିନ ଏହି ପୋଲ ଉପରେ ଛୋଟ ମୋଟ ଦୂର୍ଘଟଣା ଘଟୁଥିବା ନେଇ ଅଭିଯୋଗ ହୋଇଛି । କେନାଲ ଖୋଳା ଦାୟିତ୍ୱ ନେଇଥିବା ତ୍ରିବେଣୀ କଷ୍ଟ୍ରକସନର ଅଧିକାରୀଙ୍କୁ ଗ୍ରାମବାସୀ ଓ ଅଭିଭାବକ ମାନେ ବହୁବାର ଏ ସମ୍ପର୍କରେ ଅବଗତ କରାଇଥିଲେ ହେଁ ଏ ପର୍ଯ୍ୟନ୍ତ ଏହାର ସୁଫଳ ମିଳୁନାହିଁ । ଏ ସମ୍ପର୍କରେ ଜଳଚେତନ ବିଭାଗ ନିର୍ବାହୀ ଯନ୍ତ୍ରୀ ବି ସେଠୀଙ୍କୁ ଯୋଗାଯୋଗ କରିବାରେ ପୋଲର ଏପ୍ରୋଚ ରୋଡ କାମ ସରିଛି ବର୍ଷା କମିଲେ ପୋଲ ଉପର କାମ ହେବ ବୋଲି କହିଛନ୍ତି ।

## ଗଛରେ ରାକ୍ଷୀ ବାନ୍ଧି ପ୍ରକୃତି ବନ୍ଦନା କଲେ ବୃକ୍ଷପ୍ରେମୀ

ଭୁବନେଶ୍ୱର, ୨୭/୮ (ନି.ପ୍ର): ସୁରକ୍ଷାର ପର୍ବ ରକ୍ଷାବନ୍ଧନକୁ ଭୁବନେଶ୍ୱର ପୋଖରୀପୁଟ ଅଂଚଳର ବୃକ୍ଷପ୍ରେମୀମାନେ ଏକ ଅଭିନବ ଓ ନିଆରା ଢଙ୍ଗରେ ପାଳନ କରିଛନ୍ତି। "ରାକ୍ଷୀ ହେଉ ସବୁଜ ସଂପର୍କର ସାକ୍ଷୀ" – ଏହି ମହତ୍ ବାର୍ତା ଦେଇ ବୃକ୍ଷପ୍ରେମୀମାନେ ଗଛରେ ରାକ୍ଷୀ ବାନ୍ଧିବା ସହ ସିନ୍ଦୂର, ଚନ୍ଦନ ଓ ଫୁଲ ଦେଇ ପ୍ରକୃତିର ଭାବପୂର୍ଣ୍ଣ ବନ୍ଦନା କରିଛନ୍ତି । ରକ୍ଷାବନ୍ଧନ ହେଉଛି ଅତୁଟ ସଂପର୍କର ବନ୍ଧନ। ଯେପରି ଜଣେ ଭାଇ-ଭଉଣୀଙ୍କ ମଧ୍ୟରେ ସ୍ନେହ ଓ ସୁରକ୍ଷାର ସଂପର୍କ ଥାଏ, ଠିକ୍ ସେହିପରି ମଣିଷ ସହ ବୃକ୍ଷର ସଂପର୍କ ନିବିଡ଼ ରହିବା ଏକାନ୍ତ ଆବଶ୍ୟକ। ଗଛ ଜଣେ ମଣିଷକୁ ଅନ୍ତୁଡ଼ିଶାଳରୁ ଶ୍ମଶାନ ପର୍ଯ୍ୟନ୍ତ ନିଃସ୍ୱାର୍ଥପର ଭାବେ ସୁରକ୍ଷା ଓ ସେବା ଯୋଗାଇଥାଏ । ତେଣୁ ପ୍ରତ୍ୟେକ ମଣିଷ ଗଛ ପ୍ରତି ନିଜର କର୍ତବ୍ୟ ସଂପାଦନ କରିବା ସହ ତା'ର ସୁରକ୍ଷା ନିଶ୍ଚିତ କରିବା ପାଇଁ ଆଜିର ଏହି ପବିତ୍ର ଦିବସରେ ସବୁଜ ସଂକଳ୍ପ ନେବାକୁ ବୃକ୍ଷପ୍ରେମୀମାନେ ଆଶା ପ୍ରକାଶ କରିଥିଲେ । ପରିବେଶକର୍ମୀ ସୁଶାନ୍ତ ସାହୁଙ୍କ ତତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଇ ସେବକ ନାରାୟଣ ପ୍ରଧାନ, ଏବଂ ସ୍କାଉଟ ଛାତ୍ର ଶାନ୍ତନୁ ଶାନ୍ତିସ୍ୱରୂପ ପ୍ରମୁଖ ଉପସ୍ଥିତ ରହି ବୃକ୍ଷରେ ରାକ୍ଷୀ ବାନ୍ଧିବା ସହ ଏହାର ସୁରକ୍ଷା ଓ ଯତ୍ନ ନେବା ପାଇଁ ଦୃଢ଼ ସଂକଳ୍ପ ଗ୍ରହଣ କରିଥିଲେ ।

**AFFIDAVIT**

By virtue of an affidavit before the executive Magistrate Basudevpur, I Subhalakshmi Samal, aged about 41 yrs. W/o-Kartik Samal, resident at-Balibindha, Po-Bhairabpur, P.s-Basudevpur, Dist-Bhadrak declare that my name is Subhalakshmi Samal W/o- Kartik Samal which is mentioned in my Aadhaar Card vide No-261379856043 & PNB Bank passbook bearing A/c No-14992191068446, but imy name Binati Samal W/o- Kartik Samal has been mentioned in my LIC Policy bond vide policy No. - 598122312. That both the names Subhalakshmi Samal W/o- Kartik Samal & Binati Samal W/o- Kartik Samal is same & one person. Henceforth I will be known as Subhalakshmi Samal in all purpose.

**Subhalakshmi Samal**

# ବିଶ୍ୱକୁ ଏକ ପରିବାର ଭାବେ ମାନିବା ରକ୍ଷା ବନ୍ଧନର ମୂଳ ଉଦ୍ଦେଶ୍ୟ



ଭଦ୍ରକ, ୨୭/୮ (ନି.ପ୍ର): ଭଗବାନ ଭାବେ ଭକ୍ତର ରକ୍ଷା, ପୁତ୍ର ପୁତ୍ ଭାବେ ପିତା ମାତାଙ୍କର ରକ୍ଷା, ପିତାମାତା ଭାବେ ସନ୍ତାନର ରକ୍ଷା, ନାଗରିକ ଭାବେ ରାଷ୍ଟ୍ରର ରକ୍ଷା, ମାନବ ଭାବେ ମାନବିକତାର ରକ୍ଷା । ଇର୍ଷା, ଦ୍ୱେଶ, ପରଶ୍ରୀକାତରତା, ମନାନ୍ତର, ମତାନ୍ତର, ତିକ୍ତତା ଓ ବିରୋଧ ଭାବକୁ ପରିତ୍ୟାଗ କରି ବିଶ୍ୱକୁ ଏକ ପରିବାର ମାନି ନେବା ରକ୍ଷା ବନ୍ଧନର ମୂଳ ଉଦେଶ୍ୟ । ଅଧର୍ମ, ଅନ୍ୟାୟ ଅସତ୍ୟ, ଅଜ୍ଞାନ ତାର ବିନାଶ କରି, ମାନବିକ ଧର୍ମର ପ୍ରତିଷ୍ଠା କରିବାକୁ ରାକ୍ଷୀ ପୂର୍ଣ୍ଣିମା ନିର୍ଦ୍ଦେଶ ଦେଇଥାଏ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପରସ୍ପର ମଧ୍ୟରେ ଭାଇ ଚାରା ଏହି ପର୍ବ ସୃଷ୍ଟି କରିଥାଏ । ନାରି ଜାତି, କୃଷକ, ଗୋସମ୍ପଦ, କୃଷି, ଜଙ୍ଗଲ ଓ ଜୀବଜଗତର ସୁରକ୍ଷାର ସାମାଜିକ ବାର୍ତା ଏହି ରକ୍ଷାବନ୍ଧନର ମୂଳତତ୍ୱ । ଏହି ପର୍ବ ଆମ ଭାରତୀୟ ସଂସ୍କୃତି, ପରମ୍ପରାକୁ ଗୌରବାନ୍ୱିତ ଓ ସମୃଦ୍ଧଶାଳା କରିଥାଏ ବୋଲି ସରସ୍ୱତୀ ଶିଶୁ ମନ୍ଦିର ଠାରେ ଆୟୋଜିତ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ ରେ ଅତିଥି ମାନେ ଆଜି ଗୁରୁବାର ମତବ୍ୟକ୍ତ କରିଛନ୍ତି । ଓଡିଶା ତେଜସ୍ୱିନୀ ମହିଳା ସଂଗଠନ ଓ ଭୂମିକନ୍ୟା ମହିଳା ସଂଗଠନ, ନନ୍ଦିନୀ ମହିଳା ସଂଗଠନର ଭଉଣୀ ମାନଙ୍କ ତରଫରୁ ଭାଇ ମାନଙ୍କୁ ରାକ୍ଷୀ ବନ୍ଧା ଯାଇଥିଲା। ମହିଳା ସଂଗଠନ ର ସଭାନେତ୍ରୀ କଳ୍ପନା ଜେନା, ସମ୍ପାଦିକା ସୁଶ୍ରୀ ଅଞ୍ଜନା ମିଶ୍ର,ଉପଦେଷ୍ଟା ଡ. ଜାନକୀ ପାଢ଼ୀ, ଉପଦେଷ୍ଟା ତଥା ଅଧକ୍ଷ ଦିପ୍ତିମୟୀ ସାହୁ,ଭୂମିକନ୍ୟା ମହିଳା ସଂଗଠନ ର ସଭାନେତ୍ରୀ ସଂଯୁକ୍ତା ବଳ ନାୟକ, ସମ୍ପାଦିକା ଦମୟନ୍ତୀ ରାଉତ, ନନ୍ଦିନୀ ମହିଳା ସଂଗଠନ ସଭାନେତ୍ରୀ ସଂଯୁକ୍ତା ଯାଦବ, ଉପସଭାପତି ଶାନ୍ତିଲତା ବାରିକ, ସାବିତ୍ରୀ ସେଠି ପ୍ରମୁଖ ଯୋଗଦେଇ ଭାଇ ମାନଙ୍କ ହାତରେ ରାକ୍ଷୀ ବାନ୍ଧିଥଲେ । ଅନ୍ୟମାନଙ୍କ ମଧ୍ୟରେ ନାରୀନେତ୍ରୀ ସୁମିତ୍ରା ପାଣି, ଶିକ୍ଷୟତ୍ରୀ ବିଶ୍ୱ ବିଜୟିନୀ ଦାସ, କବୟିତ୍ରୀ ଶ୍ରଦ୍ଧାଞ୍ଜଳି ମିଶ୍ର ପ୍ରମୁଖ ଭଉଣୀ ମାନେ ଯୋଗଦେଇ ଥିଲେ। ଭାଇମାନଙ୍କ ମଧ୍ୟରେ ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ଇଂ ଅଭୟ ସୁତାର, ଅଧକ୍ଷ ନିହାର ରଞ୍ଜନ କର,ସାମ୍ବାଦିକ ରବିନାରାୟଣ ଖିଲାର, ଡ ହରିହର ନାୟକ, ଶିକ୍ଷକ ଅରୁଣ କୁମାର ମଲ୍ଲିକ,ବୈକୁଣ୍ଠ ବିଶ୍ୱାଳ ନାଟ୍ୟଶ୍ରୀ ନିର୍ମଳ ରାଉତ, କବି ଜଗନ୍ନାଥ ରାଉତ ବିପ୍ଳବ ହୋତା ପ୍ରମୁଖ ଯୋଗ ଦେଇଥିଲେ।

# ଖଇରା ବ୍ଲକର ବିଭିନ୍ନ ସ୍ଥାନରେ ରକ୍ଷା ବନ୍ଧନ ଉତ୍ସବ



ଖଇରା, ୨୭/୮ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକର ବିଭିନ୍ନ ଅନୁଷ୍ଠାନରେ ପବିତ୍ର ରକ୍ଷାବନ୍ଧନ ହର୍ଷୋଲ୍ଲାସ ମଧ୍ୟରେ ପାଳିତ ହୋଇ ଯାଇଛି । ବିଶିଷ୍ଟ ଯୁବ ଶିଳ୍ପଦ୍ୟୋଗୀ ତଥା ଏସଆର ଗ୍ରୁପ ଅଧ୍ୟକ୍ଷ ତଥା ବିଜେପି ନେତା ଇଂ ରାଜେଶ ମହାକୁଡ ଓ ରାମଚନ୍ଦ୍ର ମହାକୁଡ ଡଗରପଡାସ୍ଥିତ ବିବେକ ଭାରତୀ ସେବାଶ୍ରମରେ ପହଞ୍ଚି ଅନାଥ ପିଲା ମାନଙ୍କ ସହ ରକ୍ଷାବନ୍ଧନ ଉତ୍ସବ ପାଳିଥିଲେ । ବାଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରଧାନଚାର୍ଯ୍ୟ ଜ୍ୟୋତି ରଞ୍ଜନ ଦାଶଙ୍କ ଅଧ୍ୟକ୍ଷତାରେ ପ୍ରଥମେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅର୍ଜୁନ ଚରଣ ମଣ୍ଡଳ,ସମ୍ପାଦକ ଶତ୍ରୁଘ୍ନ ମହାନ୍ତି ଓ ସରୋଜ କୁମାର ମହାନ୍ତି ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ରକ୍ଷାବନ୍ଧନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ପରେ ଛାତ୍ରୀ ମାନେ ନିକଟସ୍ଥ ବ୍ୟାଙ୍କ, ପୋଷ୍ଟ ଅଫିସ,ବସ୍ତି ଓ ବିଦ୍ୟୁତ କାର୍ଯ୍ୟାଳୟକୁ ଯାଇ ରାଖି ବାନ୍ଧିଥିଲେ । ସେହିଭଳି ପ୍ରଧାନଚାର୍ଯ୍ୟ କୈଳାସ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ଖଇରା ସରସ୍ୱତୀ ବିଦ୍ୟା ମନ୍ଦିରରେ, ଶଶିକାନ୍ତ ଦାସଙ୍କ ପୌରହିତ୍ୟରେ ନଟାପଡା ରୋଡସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ,ଜୟନ୍ତ ମାଝୀଙ୍କ ପୌରହିତ୍ୟରେ ଅଲିପୁର ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ମଧ୍ୟ ଜାକଜମକରେ ପାଳିତ ହୋଇ ଯାଇଛି । ନଟାପଡାସ୍ଥିତ ସାଇ ପବ୍ଲିକ ସ୍କୁଲରେ ଆପଣ ଏକା ନୁହଁନ୍ତି ଟ୍ରଷ୍ଟର ସଭାପତି ଅଜୟ କୁମାର ମହାନ୍ତି,ସମ୍ପାଦକ ସୁଶାନ୍ତ କୁମାର ବେହେରା ଓ କୋଷାଧକ୍ଷ ଗୋପାମଣି ପଣ୍ଡା ନେତୃତ୍ୱରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇ ଯାଇଛି ।

# ଆରୁହା ଗ୍ରାମର ୧୦୮ କାଉଡିଆ ଭକ୍ତଙ୍କ ଚନ୍ଦନେଶ୍ୱର ପୀଠ ଅଭିମୁଖେ ଯାତ୍ରା



ଜଳେଶ୍ୱର, ୨୭/୮ (ନି.ପ୍ର): ଶ୍ରାବଣୀ ପୂର୍ଣ୍ଣିମା ତଥା ପବିତ୍ର ଶ୍ରାବଣ ମାସର ଶେଷ ସୋମବାର ଅବସରରେ ଜଳେଶ୍ୱର ବ୍ଲକ ଆରୁହା ଗ୍ରାମର ୧୦୮ ଜଣ କାଉଡିଆ ଭକ୍ତ ପ୍ରସିଦ୍ଧ ଶୈବପୀଠ ବାବା ଚନ୍ଦନେଶ୍ୱର ପୀଠ ଅଭିମୁଖେ ଯାତ୍ରା କରିଛନ୍ତି । ସୁବର୍ଣ୍ଣରେଖା ନଦୀରୁ ପବିତ୍ର ଜଳ ଉଠାଇ ପ୍ରଥମେ ନିଜ ଗ୍ରାମକୁ ଆସି ସେଠାରେ ଆରୁହା ବାବା ଇଶାଣେଶ୍ୱର ମହାଦେବଙ୍କୁ ଦର୍ଶନ କରି ସାରି ଏକ ସଙ୍ଗରେ ସମସ୍ତେ ହବିଷାନ୍ନ କରି ଦିନ ୩ ଟା ସମୟରେ ଭକ୍ତମାନେ ବୋଲବମ୍ ଧ୍ୱନି, ହରିବୋଲ ଓ ହୁଳହୁଳି ଦେଇ ଆଧାତ୍ମିକ ପରିବେଶ ମଧ୍ୟରେ କାଉଡିଆମାନେ ନିଜ ନିଜର କାଉଡ଼ି ଧରି ବାବା ଚନ୍ଦନେଶ୍ୱରଙ୍କ ନିକଟରେ ଜଳାଭିଷେକ କରିବା ପାଇଁ ପଦଯାତ୍ରାରେ ବାହାରିଛନ୍ତି। ଏହି ଯାତ୍ରା ସମୟରେ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି, ଯୁବକ ଓ ମହିଳାମାନେ ଉପସ୍ଥିତ ରହି ଭକ୍ତମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଶୁଭ ଯାତ୍ରା କାମନା କରିଥିଲେ। ପଥପ୍ରାନ୍ତରେ ଭକ୍ତମାନଙ୍କ ପାଇଁ ପାନୀୟ ଜଳ ଓ ଫଳାହାରର ବ୍ୟବସ୍ଥା କରାଯାଇଛି। କାଉଡିଆମାନଙ୍କ ଏହି ଆଧାତ୍ମିକ ଯାତ୍ରାକୁ ନେଇ ସମଗ୍ର ଆରୁହା ଗ୍ରାମ ଓ ଆଖପାଖ ଅଞ୍ଚଳରେ ଏକ ପବିତ୍ର ତଥା ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି।

# ଅଙ୍ଗନବାଡ଼ି କେନ୍ଦ୍ରରୁ ବାରମ୍ବାର ଚୋରି: ପିଲାଙ୍କୁ ମିଳୁନି ରନ୍ଧା ଖାଦ୍ୟ

ବାଲିଆପାଳ , ୨୭/୮ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ବାଲିକୁଟି-୩ ଅଙ୍ଗନବାଡ଼ି କେନ୍ଦ୍ରରେ ବାରମ୍ବାର ଚୋରି ଘଟଣା ଘଟିବା ଯୋଗୁଁ ଏବେ ଛୋଟ ଛୋଟ ପିଲାଙ୍କୁ ରନ୍ଧା ଖାଦ୍ୟ ଯୋଗାଇବାରେ ସମସ୍ୟା ଦେଖାଦେଇଛି। ଅଙ୍ଗନବାଡ଼ି କେନ୍ଦ୍ରରେ ଥିବା ଶିଶୁ ଖାଦ୍ୟ ସାମଗ୍ରୀ ସହ ରୋଷେଇ ସାମଗ୍ରୀ ଚୋରି ହେଉଥିବାରୁ ଏହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ମଧ ଅସନ୍ତୋଷ ପ୍ରକାଶ ପାଇଛି ।ସୂଚନା ଅନୁସାରେ, ଗତ ଫେବୃଆରୀ ମାସରେ ଏହି ଅଙ୍ଗନବାଡ଼ି କେନ୍ଦ୍ରରୁ ଏକ ଗ୍ୟାସ ଚୁଲା ସମେତ ବିଭିନ୍ନ ରୋଷେଇ ସାମଗ୍ରୀ ଚୋରି ହୋଇଥିଲା। ଏହାପରେ ପିଲାମାନଙ୍କ ପାଇଁ ରନ୍ଧା ଖାଦ୍ୟ ପ୍ରସ୍ତୁତ କରିବାକୁ ଅଙ୍ଗନବାଡ଼ି ସହାୟିକା ନିଜ ଘରୁ ଗ୍ୟାସ ସିଲିଣ୍ଡର ଆଣି ରୋଷେଇ କରୁଥିଲେ। ତେବେ ପୁଣି ତିନି ଦିନ ତଳେ ଦୁର୍ବୃତ୍ତମାନେ ଅଙ୍ଗନବାଡ଼ି କେନ୍ଦ୍ରର ରୋଷେଇ ଘର ଓ ଷ୍ଟୋର ରୁମ୍‌ର ତାଲା ଭାଙ୍ଗି ଭିତରେ ପଶିଥିବା ଜଣାପଡ଼ିଛି। ଦୁର୍ବୃତ୍ତମାନେ ଶିଶୁ ଖାଦ୍ୟ, ଚାଉଳ, ଗ୍ୟାସ ସିଲିଣ୍ଡର ଓ ଗ୍ୟାସ ଚୁଲା ସମେତ ବିଭିନ୍ନ ସାମଗ୍ରୀ ଚୋରି କରି ନେଇଥିବା ଅଙ୍ଗନବାଡ଼ି କର୍ମୀ ଦେବସ୍ମିତା ଘଡ଼େଇ ଦେଖିବାକୁ ପାଇଥିଲେ। ପୂର୍ବରୁ କେନ୍ଦ୍ରର ଗ୍ୟାସ ସିଲିଣ୍ଡର ଚୋରି ହୋଇଥିବାରୁ ସହାୟିକା ନିଜ ଘରର ସିଲିଣ୍ଡର ଆଣି ପିଲାଙ୍କ ପାଇଁ ରନ୍ଧା ଖାଦ୍ୟ ପ୍ରସ୍ତୁତ କରୁଥିଲେ। ମାତ୍ର ଏବେ ତାଙ୍କ ନିଜ ସିଲିଣ୍ଡର ଏବଂ କେନ୍ଦ୍ରର ଗ୍ୟାସ ଚୁଲା ମଧ ଚୋରି ହୋଇଯିବାରୁ ପିଲାମାନଙ୍କୁ ରନ୍ଧା ଖାଦ୍ୟ ଦେବା ସମ୍ଭବ ହେଉନାହିଁ । ଏହି ଘଟଣାକୁ ନେଇ ଅଙ୍ଗନବାଡ଼ି କର୍ମୀ ଦେବସ୍ମିତା ଘଡ଼େଇ କହିଛନ୍ତି ଯେ, କେନ୍ଦ୍ରରେ ବାରମ୍ବାର ଏଭଳି ଚୋରି ଘଟଣା ଘଟୁଥିବାରୁ ଏହା ଉଦ୍ଦେଶ୍ୟମୂଳକ ହୋଇଥାଇପାରେ। ବିଶେଷକରି ଶିଶୁମାନଙ୍କ ଖାଦ୍ୟ ସାମଗ୍ରୀ ଚୋରି ହେବା ଘଟଣାକୁ ନେଇ ସେ ଚିନ୍ତା ପ୍ରକାଶ କରିଛନ୍ତି ।ଅଙ୍ଗନବାଡ଼ି କେନ୍ଦ୍ରରୁ ବାରମ୍ବାର ସରକାରୀ ସାମଗ୍ରୀ ଓ ଶିଶୁଙ୍କ ଖାଦ୍ୟ ସାମଗ୍ରୀ ଚୋରି ହେଉଥିବାରୁ ଏହାର ତୁରନ୍ତ ତଦନ୍ତ କରି ଦୋଷୀଙ୍କୁ ଗିରଫ କରିବା ସହ ପିଲାମାନଙ୍କୁ ପୁନର୍ବାର ରନ୍ଧା ଖାଦ୍ୟ ଯୋଗାଣ ବ୍ୟବସ୍ଥା ସ୍ୱାଭାବିକ କରିବାକୁ ଦାବି ହୋଇଛି। ଏନେଇ ଅଙ୍ଗନବାଡ଼ି କର୍ମୀ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିବା ସୂଚନା ମିଳିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଗଞ୍ଜାମରେ ୪ ଦଶନ୍ଧିର ...

ସ୍ୱାର୍ଥକୁ ପ୍ରାଥମିକତା ଦେଇ ପ୍ରତ୍ୟେକଟି ସମସ୍ୟାର ସ୍ଥାୟୀ ନିରାକରଣ କରୁଛି । ଏହି ଅବସରରେ ଜିଲ୍ଲାରେ ସାମୁଦ୍ରିକ ଅର୍ଥନୀତିର ବିକାଶ ପାଇଁ ଅର୍ଜିପଲ୍ଲୀ ବନ୍ଦରର ନବୀକରଣ ଏବଂ ଉପକୂଳବର୍ତ୍ତୀ ଅଞ୍ଚଳରେ ୨୮ଟି ନୂତନ 'ଫିସ୍ ଲ୍ୟାଣ୍ଡିଂ ସେଣ୍ଟର' ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ଦୀର୍ଘ ବର୍ଷ ଧରି ସ୍ଥାୟୀ ପକ୍କା ଘର ଓ ଜମି ପଟ୍ଟା ନଥିବାରୁ ଗୋଳାବନ୍ଧ ଓ ଛେଳିଗଡ଼ ପ୍ରକଳ୍ପର ବିସ୍ଥାପିତ ପରିବାରଗୁଡ଼ିକ ଖରା, ବର୍ଷା ଓ ଶୀତରେ ଚରମ ଦୁର୍ଦ୍ଦଶା ଭୋଗୁଥିଲେ । ବାସହୀନତା ଯୋଗୁଁ ପିଲାମାନଙ୍କ ପାଠପଢ଼ା ଓ ଭବିଷ୍ୟତ ମଧ ଅନିଶ୍ଚିତତା ମଧକୁ ଠେଲି ହୋଇଯାଇଥିଲା । ଏବେ ସରକାରଙ୍କ ତରଫରୁ ପକ୍କା ଘର, ଆର୍ଥିକ ସହାୟତା ଏବଂ ଜମି ପଟ୍ଟା ମିଳିବା ପରେ ବିସ୍ଥାପିତ ପରିବାରଗୁଡ଼ିକ ମଧ୍ୟରେ ଉତ୍ସାହ ଓ ଖୁସିର ଲହରୀ ଖେଳିଯାଇଛି । ଅନ୍ୟପକ୍ଷରେ, ବର୍ତ୍ତମାନ ସୁଦ୍ଧା ସୁବିଧାରୁ ବଞ୍ଚିତ ରହିଯାଇଥିବା ବାକି ବିସ୍ଥାପିତ ପରିବାରଗୁଡ଼ିକୁ ମଧ ଅବିଳମ୍ବେ ପଟ୍ଟା ପ୍ରଦାନ କରିବାକୁ ସ୍ଥାନୀୟ ହିତାଧିକାରୀମାନେ ଅନୁରୋଧ କରିଛନ୍ତି । ଏହି ଭବ୍ୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ବ୍ରହ୍ମପୁର ସାଂସଦ ଡ. ପ୍ରଦୀପ ପାଣିଗ୍ରାହୀ ଏବଂ ଆସିକା ସାଂସଦ ଅନୀତା ଶୁଭଦର୍ଶିନୀ ମଞ୍ଚାସୀନ ଥିଲେ । ଏହାସହ ଗଞ୍ଜାମ ଓ ଗଜପତି ଜିଲ୍ଲାର ବହୁ ବିଧାୟକ, ପ୍ରଶାସନିକ ଅଧିକାରୀ ଏବଂ ହଜାର ହଜାର ସ୍ଥାନୀୟ ଜନସାଧାରଣ ଉପସ୍ଥିତ ରହି ଏହି ଐତିହାସିକ ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ ।

### ଗଞ୍ଜାମରେ ୪ ଦଶନ୍ଧିର ବିସ୍ଥାପିତ...

ଗୁଇନ୍ଦା, ଆଣ୍ଟି ନକ୍ସଲ ଅପରେସନ, ଆଇନଶୃଙ୍ଖଳା ଆଦି ପ୍ରସଙ୍ଗରେ ସମ୍ପୃକ୍ତ ୱିଙ୍ଗର ମୁଖ୍ୟମାନେ ସ୍ୱତନ୍ତ୍ର ପାୱାରପଏଣ୍ଟ ପ୍ରେଜେଣ୍ଟେସନ୍ ମାଧ୍ୟମରେ ସଫଳତା ଓ ପରବର୍ତ୍ତୀ କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେବେ। ଏହି ସମୀକ୍ଷା ବୈଠକରେ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ଓ ମୁଖ୍ୟ ସଚିବ ଅନୁ ଗର୍ଗ ମଧ ସରକାରଙ୍କ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଓ ପଦକ୍ଷେପ ସମ୍ପର୍କରେ ସୂଚନା ଦେବେ। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏହି ବୈଠକ ପରେ ଉପସ୍ଥିତ ପୁଲିସ ଅଫିସରମାନଙ୍କୁ ନିଜର ମତାମତ ପ୍ରଦାନ କରିବେ ବୋଲି ଜଣାପଡ଼ିଛି। ଏହି ରାଜ୍ୟସ୍ତରୀୟ ସମ୍ମିଳନୀ ବା ସମୀକ୍ଷା ବୈଠକରେ କଟକ ଓ ଭୁବନେଶ୍ୱରରେ ଥିବା ସମସ୍ତ ବରିଷ୍ଠ ଆଇପିଏସ୍ ଅଫିସରମାନଙ୍କୁ ଉପସ୍ଥିତ ହେବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷକରି ବରିଷ୍ଠ ଆଇପିଏସ୍ ସୌମ୍ୟେନ୍ଦ୍ର ପ୍ରିୟଦର୍ଶୀ, ଅରୁଣ ବୋଥ୍ରା, ସଞ୍ଜୟ କୁମାର, ରାଜେଶ କୁମାର, ପୁଲିସ କମିଶନର ଡକ୍ଟର ସୁରେଶ ଦେବଦତ୍ତ ସିଂହ, ଯତୀନ୍ଦ୍ର କୋୟଲ ଓ ଏସ୍ ସାଇନିଙ୍କ ସମେତ ବିଭିନ୍ନ ରେଞ୍ଜ ଆଇଜି ଓ କଟକ-ଭୁବନେଶ୍ୱର ପୁଲିସ ଡିସିପି ମଧ ଉପସ୍ଥିତ ରହିବେ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ୨୦୨୫ ମସିହାର ପୁଲିସ ଡିଜି-ଆଇଜି ସମ୍ମିଳନୀର ପ୍ରମୁଖ ସୁପାରିଶଗୁଡ଼ିକ ମଧ୍ୟରେ ନୂଆ ଅପରାଧିକ ଆଇନ (ବିଏନଏସ, ବଏନଏନଏସ୍, ବିଏସଏ)ର ପୂର୍ଣ୍ଣ କାର୍ଯ୍ୟକାରିତା, ବାମପନ୍ଥୀ ଉଗ୍ରବାଦର ମୂଳୋତ୍ପାଟନ, ନିଶା କାରବାର ବିରୋଧରେ ଜିରୋ ଟଲରାନ୍ସ ଆଭିମୁଖ୍ୟ, ଏଆଇ ଓ ସାଇବର ଅପରାଧ ରୋକିବା ସହ ଉପକୂଳ ସୁରକ୍ଷା ଓ ସ୍ମାର୍ଟ ପୁଲିସିଂ ବ୍ୟବସ୍ଥାକୁ ସୁଦୃଢ଼ କରିବା ସାମିଲ ରହିଥିଲା।

### ଯୁବକମାନଙ୍କ ଭିତରେ...

ଏହା ତାଙ୍କ ପରିବାରର ପ୍ରତିଷ୍ଠା ବୃଦ୍ଧି କରେ। ଏହା ତାଙ୍କ ସ୍କୁଲ ଏବଂ କଲେଜର ସମ୍ମାନ ବୃଦ୍ଧି କରେ। ଏହା ତାଙ୍କ ଜିଲ୍ଲା ଏବଂ ରାଜ୍ୟ ପାଇଁ ପରିଚୟ ଆଣିଥାଏ। ବିଶ୍ୱ ସେହି ସହର କିମ୍ବା ରାଜ୍ୟକୁ ସେହି ଖେଳାଳିଙ୍କ ନାମରେ ଚିହ୍ନିବା ଆରମ୍ଭ କରିଥାଏ। ଯଦି ଆମକୁ ୨୦୩୬ ଅଲମ୍ପିକ ପାଇଁ ଖେଳାଳି ଆବଶ୍ୟକ , ତେବେ ଆମକୁ ଆଜି ୫, ୧୦ କିମ୍ବା ୧୫ ବର୍ଷ ବୟସର ଯୁବକ ବାଳକ ଏବଂ ବାଳିକାମାନଙ୍କ ଉପରେ ଧ୍ୟାନ ଦେବାକୁ ପଡିବ। ୫ ରୁ ୧୫ ବର୍ଷ ବୟସର ପିଲାମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଭା ଚିହ୍ନଟ କରିବା ପାଇଁ ସାରା ଦେଶର ଗାଁ, ସହର ଏବଂ ସ୍କୁଲଗୁଡ଼ିକରେ ଏକ ପ୍ରତିଭା-ଅନ୍ୱେଷଣ ଅଭିଯାନ କରାଯିବା ଆବଶ୍ୟକ। ପ୍ରସ୍ତାବିତ ପ୍ରତିଭା ଅନ୍ୱେଷଣ ଭାରତର କ୍ରୀଡ଼ା ଭିତ୍ତିଭୂମିକୁ ବିସ୍ତାର କରିବା, ଯୁବ ବୟସରେ ସମ୍ଭାବ୍ୟ ଚାମ୍ପିଅନମାନଙ୍କୁ ଚିହ୍ନଟ କରିବା ଏବଂ ଅଲିମ୍ପିକ୍ସ ଶୃଙ୍ଖଳାରେ ଦେଶର ଅଂଶଗ୍ରହଣକୁ ବୃଦ୍ଧି କରିବା ପାଇଁ ବ୍ୟାପକ ରଣନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେବ ବୋଲି ଆଶା କରାଯାଉଛି। ୨୦୩୦ ମସିହାରେ ଅହମଦାବାଦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବାକୁ ଯାଉଥିବାରୁ ଭବିଷ୍ୟତର ବହୁ-କ୍ରୀଡ଼ା ଇଭେଣ୍ଟ ପାଇଁ ଭାରତର ପ୍ରସ୍ତୁତିକୁ ନୂଆ ଦିଗ ମିଳିବ। ୨୦୩୬ ଅଲିମ୍ପିକ୍ସ ଆୟୋଜନ ପାଇଁ ଦାବିଦାରମାନଙ୍କ ମଧ୍ୟରେ ଏହି ଗୁଜରାଟ ସହର ମଧ ରହିଛି।

### ଟ୍ରେନିଂ ବେଳେ ହଠାତ୍ ...

ଡିଜିସିଏ ତଦନ୍ତ ପରେ ହିଁ ଦୁର୍ଘଟଣା ପଛର ପ୍ରକୃତ କାରଣ ସାମ୍ନାକୁ ଆସିବ । ଏହି ଦୁଃଖଦ ଘଟଣାରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଗଭୀର ଶୋକପ୍ରକାଶ କରିବା ସହ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି ।

# ଡ୍ରିମ୍ସ ଆଇଡ଼ିଆଲ ସ୍କୁଲରେ ପାଳିତ ହେଲା ରକ୍ଷା ବନ୍ଧନ ଉତ୍ସବ




ବାଲେଶ୍ୱର, ୨୭/୮ (ନି.ପ୍ର): ଡ୍ରିମ୍ସ ଆଇଡ଼ିଆଲ ସ୍କୁଲ ପରିସରରେ ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇ ଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ତରଫରୁ ଆମନ୍ତ୍ରିତ ଗଣମାଧ୍ୟମର ସାମ୍ବାଦିକ ଭାଇମାନେ ସ୍କୁଲ ପରିସରରେ ଉପସ୍ଥିତ ରହି ପିଲାମାନଙ୍କ ସହ ରକ୍ଷା ବନ୍ଧନ ଉତ୍ସବ ପାଳନ କରିଥିଲେ । ବିଦ୍ୟାପୀଠର କୁନି କୁନି ପିଲାମାନେ ସାମ୍ବାଦିକ ଭାଇମାନଙ୍କ ହାତରେ ରାକ୍ଷୀ ବାନ୍ଧି , ମିଷ୍ଟାନ୍ନ ଖୁଆଇ, ବନ୍ଦାପନା କରି ଭାଇମାନଙ୍କର ମଙ୍ଗଳ କାମନା କରିଥିଲେ । ତାପରେ ପିଲାମାନେ ଆଦର୍ଶ ଥାନା ସହଦେବ ଖୁଣ୍ଟା ରେ ପହଞ୍ଚି ପ୍ରଥମେ ଓଓଡ଼ ଶ୍ରୀ ଆଲୋକ କୁମାର ବେହେରା ଙ୍କ ହାତରେ ରାକ୍ଷୀ ବାନ୍ଧି ସାରି ଥାନାର ଅନ୍ୟ ସମସ୍ତ କର୍ମଚାରୀ ଙ୍କ ହାତରେ ରାକ୍ଷୀ ବାନ୍ଧି ବନ୍ଦାପନା କରି ପୁଲିସ ଭାଇମାନଙ୍କର ଆଶୀର୍ବାଦ ଭିକ୍ଷା କରିଥିଲେ। ରାକ୍ଷୀ ବନ୍ଧନ ପରେ ପିଲାମାନେ ଥାନା ପରିସରରେ ଭାଇ ଭଉଣୀ ର ପବିତ୍ର ସମ୍ପର୍କ ଆଧାରିତ ଏକ ନୃତ୍ୟାଭିନୟ ପରିବେଷଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରୁଥିଲେ ବିଦ୍ୟାପୀଠର ପ୍ରତିଷ୍ଠାତା ଶ୍ରୀ ଗଙ୍ଗାଧର ଦାସ । ଅଧକ୍ଷା ଶ୍ରୀମତୀ ପୁଷ୍ପିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଆରତୀ ବାଳା ଦାସ, ଅନୀତା ରାଣୀ ଦାସ, ମାମୁନି ମହାପାତ୍ର, ନମିତା ବାଗ୍, ପୂଜା ପରିଡ଼ା, ଗାୟତ୍ରୀ ଦଳେଇ, ସୁନୀତା ପଢିଆରୀ, ମୌ।ସୁମୀ ଚାଟାର୍ଜୀ, ଅନୀଷା ପାତ୍ର, ଭଗବାନ ସାହୁ ସରୀଫୁଦ୍ଦିନ୍ ମହମ୍ମଦ, ନିରଞ୍ଜନ ମୁଖୀ ,ଜୁଲି ମହାନ୍ତି ପ୍ରମୁଖ କର୍ମଚାରୀ ଗଣ କାର୍ଯ୍ୟ ରେ ସହଯୋଗ କରିଥିଲେ ।

# ରମାକାନ୍ତ ସେବା ଫାଉଣ୍ଡେସନ ପକ୍ଷରୁ ରକ୍ଷା ବନ୍ଧନ ଉତ୍ସବ ଅନୁଷ୍ଠିତ



ବାସୁଦେବପୁର, ୨୭/୮ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନାୟିକାଣୀଡିହି ଠାରେ ରମାକାନ୍ତ ସେବା ଫାଉଣ୍ଡେସନ ପକ୍ଷରୁ ଏକ ନିଆରା ଢଙ୍ଗରେ ମହା ସମାରୋହରେ ରକ୍ଷା ବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ପ୍ରତି ବର୍ଷ ପରି ଚଳିତ ବର୍ଷ ଏହି ଉତ୍ସବ ଖୁବ୍ ଆକର୍ଷଣୀୟ ଥିଲା। ଗ୍ରାମାଞ୍ଚଳରେ ଏହି ଉତ୍ସବକୁ ସମସ୍ତେ ଆଗ୍ରହର ସହିତ ଅପେକ୍ଷା କରିଥାନ୍ତି। ଭଉଣୀ ମାନେ ଭାଇ ମାନଙ୍କ ହାତରେ ରାକ୍ଷୀ ବାନ୍ଧି ଶୁଭ ମନାସି ଥାଆନ୍ତି। ଏହି ପରିପ୍ରେକ୍ଷୀରେ ଭାଇ ଭଉଣୀର ଦୁଃଖ ବିପଦରେ ଠିଆ ହୋଇ ଥାଏ। ରମାକାନ୍ତ ସେବା ଫାଉଣ୍ଡେସନର ଅଧକ୍ଷ ତଥା ବିଜୁ ଜନତା ଦଳର ଜିଲ୍ଲା ଉପ ସଭାପତି ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ ବାବୁଙ୍କ ହାତରେ ସମସ୍ତ ଭଉଣୀ ମାନେ ବିଭିନ୍ନ ଅଞ୍ଚଳରୁ ଆସି ରାକ୍ଷୀ ବାନ୍ଧି ଥିଲେ ଓ ବନ୍ଦାପନା କରି ତାଙ୍କର ଶୁଭ ମନାସିବା ସହିତ ମିଠା ଖୁଆଇ ଦେଇଥିଲେ। ସମସ୍ତେ ଈଶ୍ୱରଙ୍କ ଠାରେ ପିଣ୍ଟୁ ବାବୁଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆଶ୍ରମର ଭଉଣୀ ମାନେ ମଧ ପିଣ୍ଟୁ ବାବୁଙ୍କ ହାତରେ ରାକ୍ଷୀ ବାନ୍ଧି ଥିଲେ।ଏହି ଉତ୍ସବରେ ରମାକାନ୍ତ ସେବା ଫାଉଣ୍ଡେସନର ସମସ୍ତ ସଦସ୍ୟ ଓ ପରିବାର ବର୍ଗ ଯୋଗ ଦେଇଥିଲେ। ଆଗାମୀ ଦିନରେ ସମସ୍ତ ଯୁବ ପିଢ଼ି ଓ ଭାଇ ଭଉଣୀ ଏକତ୍ର ହୋଇ ସମାଜର ମଙ୍ଗଳ ପାଇଁ କାର୍ଯ୍ୟ କରିବା ଆବଶ୍ୟକ ବୋଲି ଫାଉଣ୍ଡେସନର ଅଧକ୍ଷ ଶ୍ରୀ ରତିକାନ୍ତ ପ୍ରଧାନ ମତ ପ୍ରକାଶ କରିଥିଲେ। ବହୁ ସଂଖ୍ୟାରେ ଭାଇ ଭଉଣୀ ଏହି ରକ୍ଷା ବନ୍ଧନ ଉତ୍ସବରେ ଯୋଗ ଦେଇଥିଲେ। ଶେଷରେ ସଦସ୍ୟ କୁନା ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ଶୁକ୍ରବାର, ଅଗଷ୍ଟ ୨୮, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ମଦର ଟେରେସାଙ୍କ ୧୧୬ ତମ ଜୟନ୍ତୀ ପାଳନ



ବାଲିଆପାଳ , ୨୭/୮ (ନି.ପ୍ର): ବାଲିଆପାଳ ବ୍ଲକ ଡଗରା ସ୍ଥିତ ମଦର ଟେରେସା ସେବା ସଂଘ ପକ୍ଷରୁ ବୁଧବାର ମଦର ଟେରେସାଙ୍କ ୧୧୬ ତମ ଜନ୍ମ ଜୟନ୍ତୀ ମଦର ଟେରେସା ଅନ୍ଧ ମୂକ ବଧିର ଆବାସିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ସରୋଜ କାନ୍ତ ଜେନାଙ୍କ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ଡ଼ ଯୁଧିଷ୍ଠିର ଜେନା, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ଡ଼ିଆଇ ସୁବାସ ଚନ୍ଦ୍ର ଚୈଧୁରୀ, ସମ୍ମାନିତ ଅତିଥି ଭାବେ ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, ବେତଗଡିଆ ସରପଞ୍ଚ ପ୍ରତିନିଧି ସନ୍ତୋଷ ଗିରି, ସମିତି ସଭ୍ୟ ରାଜୀବ ରାୟ, ଶିକ୍ଷକ ମଦନମୋହନ ଦେ, ସୁବାସ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ମଦର ଟେରେସାଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହେବା ସହିତ ସମାଜରେ ଭଲ ମଣିଷ ହେବାକୁ ଛାତ୍ର ଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ଦିବ୍ୟାଙ୍ଗ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ/ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ। ବିଦ୍ୟାଳୟର ଉପସଭାପତି ପ୍ରତାପ ଚନ୍ଦ୍ର ଧଳ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ମୃତି ଓ ସମ୍ପର୍କକୁ ନେଇ ନୂଆ ଏକ ଅଧ୍ୟାୟ ସୃଷ୍ଟି କରିବ ଛାତ୍ରୀ ନିବାସ: ପ୍ରମିଳା ପଣ୍ଡା




ଉଦଳା, ୨୭/୮ (ନି.ପ୍ର): କପ୍ତିପଦା ଉପଖଣ୍ଡର ଏକମାତ୍ର ମହିଳା ମହାବିଦ୍ୟାଳୟ ଭାବରେ ନିଜର ପରିଚୟ ସୃଷ୍ଟି କରିଥିବା ଉଦଳାସ୍ଥିତ ଇନ୍ଦିରାଗାନ୍ଧି ମହିଳା ମହାବିଦ୍ୟାଳୟର ୨ଶହ ଶଯ୍ୟା ବିଶିଷ୍ଟ ଏକ ଛାତ୍ରୀ ନିବାସ ନିକଟରେ ଉଦ୍‌ଘାଟିତ ହୋଇ ଯାଇଛି । ଏଥିପାଇଁ ଆୟୋଜିତ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଶଶିଭୂଷଣ ପାଣିଗ୍ରାହୀ ଅଧ୍ୟକ୍ଷତା କରି ଏହିଭଳି ଏକ ଛାତ୍ରୀ ନିବାସ ମହାବିଦ୍ୟାଳୟ ପାଇଁ ଜରୁରି ହୋଇପଡ଼ିଥିଲା ବୋଲି ବ୍ୟକ୍ତ କରିଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଅତିଥି ଭାବରେ ଯୋଗଦେଇ ବହୁ ଦୁରଦୁରାନ୍ତରୁ ଆସି ଅଧ୍ୟୟନ କରୁଥିବା ପିଲାମାନେ ଛାତ୍ରୀ ନିବାସରେ ରହଣିକାଳ ମଧ୍ୟରେ ପରସ୍ପରର ସମ୍ପର୍କ ଅଧିକ ନିବିଡ଼ ହୋଇଥାଏ । ଏହା ସ୍ମୃତିର ମାନସପଟରୁ ଆଦୌ ଲିଭେନାହିଁ । ଯାହାକି ପରବର୍ତି ସମୟରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଥାଏ ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ, ଜିଲ୍ଲାପାଳ ହେମକାନ୍ତ ସୟ, ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି, ସମନ୍ୱିତ ଆଦିବାସି ଉନ୍ନୟନ ପ୍ରକଳ୍ପ ପ୍ରଶାସକ ଆଶିଷ ମହାପାତ୍ର, ମହାବିଦ୍ୟାଳୟ ପ୍ରତିଷ୍ଠାତା ସମସ୍ୟ ଆଇନଜୀବି ବସନ୍ତ କୁମାର ପରିଡ଼ା, ମହାବିଦ୍ୟାଳୟର ପୁର୍ବତନ ଅଧକ୍ଷା ଜୟଶ୍ରୀ ଚୌଧୁରୀ ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ, ବେଦମନ୍ତ ଉଚାରଣ ସହ ନଡ଼ିଆ ଫଟାଇ ଉଦ୍‌ଘାଟନ କରିଥିଲେ । ପ୍ରକାଶ ଥାଉକି ଉତମ ଶୈକ୍ଷିକ ବାତାବରଣ ପାଇଁ ସୁଦୁର କେଉଁଝର ଓ ବାଲେଶ୍ୱର ଜିଲ୍ଲାରୁ ମଧ ବହୁସଂଖ୍ୟାରେ ପିଲା ଏହି ମହାବିଦ୍ୟାଳୟକୁ ପାଠ ପଢ଼ିବାକୁ ଆସିଥାନ୍ତି । ଅଧ୍ୟାପିକା କୁମ୍‌କୁମ୍ ଦାସ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଅନୁରାଧା କବାଟ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । ଆଜିର ଏହି ଉତ୍ସବକୁ ସଫଳ କରିବାରେ ଅଧ୍ୟାପିକା ମଂଜୁଳା କଲିଆ, ଅମିତା ଦାସ, ମେରିନା ପଣ୍ଡା, ସୁଷମା ସାହୁ, ଅଧ୍ୟାପକ ରବିନାରାୟଣ ମହାପାତ୍ର , ଅଶ୍ୱନି ବେହେରା , ବିବେକାନନ୍ଦ ଦାସବାବୁ, ଗିରିଜା ଶଙ୍କର ପାତ୍ର, ସରୋଜ ରାଉତ, ପ୍ରମୁଖ ସହଯୋଗ କରିଥିଲେ ।

# ଭଦ୍ରକ ବ୍ଲକର 'ସାତଭଉଣୀ କମ୍ୟୁନିଟି ସେଣ୍ଟର'କୁ ହାଇକୋର୍ଟର ରୋକ

ଭଦ୍ରକ , ୨୭/୮ (ନି.ପ୍ର): ଭଦ୍ରକ ବ୍ଲକ ଅଧିନସ୍ଥ କୋରକୋରା ଗ୍ରାମ ପଞ୍ଚାୟତ ଅଧିନରେ "ମା ସାତଭଉଣୀ ଶକ୍ତିପୀଠ" ଆଜକୁ ପ୍ରାୟ ୧୨୦ ବର୍ଷର ଅନୁଷ୍ଠାନ । ଏଠାକୁ ପ୍ରାୟ ପ୍ରତ୍ୟେକ ଦିନ ଶହ ଶହ ଯାତ୍ରୀ ମା'ଙ୍କ ଦର୍ଶନ ନିମନ୍ତେ ଆସିଥାନ୍ତି । ଏଠାରେ ମକର ସଂକ୍ରାନ୍ତରେ ୧୫ଦିନ କାଳ ମା'ଙ୍କ ପୀଠରେ ମେଳା ବସିଥାଏ । ବିଭିନ୍ନ ଯାତ୍ରାଅନୁଷ୍ଠାନ ଯାତ୍ରା ପରିବେଷଣ କରିଥାନ୍ତି କିନ୍ତୁ କିଛି କୁଚକ୍ରି ଗୋଷ୍ଠୀର ବ୍ୟାକ୍ତି ନିଜର ବ୍ୟକ୍ତିଗତ ନିଜର ଫାଇଦା ଦାସଲ ପାଇଁ ଲକ୍ଷ ଲକ୍ଷ ଟଙ୍କା ଭଦ୍ରକ ବ୍ଲକର କନିଷ୍ଠ ଯନ୍ତ୍ରୀ ଶ୍ରୀ ଅକ୍ଷୟ କୁମାର ଘଡ଼େଇକୁ ଧରାଧରି କରି ସରକାରୀ ଟଙ୍କାକୁ ଚଳୁ କରିଥାନ୍ତି । ଏହି ସ୍ଥାନଟି ବିଲାବାଡ଼ି ମୌଜାର ଖାତା ନଂ ୫୦୧ରେ ଅବସ୍ଥିତ । ଏହା କୋରକୋରା ଉଆସର ମାର୍ଫତଦାରଙ୍କ ଅଧିନରେ ଅଛି । ୧୨୦ ବର୍ଷ ହେଲା ମା' ସାତଭଉଣୀଙ୍କୁ ୧୦ ଏକାର ଜମି ଦାନ ଦେଇଛନ୍ତି । ଏହି ଦାନରେ ବର୍ଷସାରା ପୂଜାନିତୀକାନ୍ତି ସହିତ ମନ୍ଦିରକୁ କଲର କରିବା , ବ୍ରାହ୍ମଣକୁ ଟଙ୍କା ଦେବା, ମକର ମେଳାରେ ନାଚପାର୍ଟି ଇତ୍ୟାଦିରେ ସହଯୋଗ କରାଯାଏ ଏବଂ ମକର ମେଳରେ ଯେଉଁ ସଂସ୍କୃତିକ କାର୍ଯ୍ୟକ୍ରମ ହୁଏ ପ୍ରାୟ ୫ ଖଣ୍ଡର ଗ୍ରାମର ବ୍ୟକ୍ତିମାନେ ସହଯୋଗ କରିଥାନ୍ତି । କିନ୍ତୁ ୨୦୨୫ ମସିହାରେ ତା ୮.୧୨.୨୦୨୫ରିଖରେ C.D.O. cum E.O. Zilla Parishad Bhadrak ଙ୍କର ପ୍ରେଜେକ୍ଟ ଲିଷ୍ଟ - ୨୯ ଅଥଣ୍ଟିକେଟ୍ ଜି.ପି. ଫାଇଲରେ ଟ.୯,୬୭,୯୫୬ଙ୍କା ମା' ସାତଭଉଣୀଙ୍କ ଶକ୍ତିପୀଠକୁ ସର୍କିର୍ଣ୍ଣ କରି ଏକ କମ୍ୟୁନିଟ୍ ସେଣ୍ଟର ବେଆଇନ୍ ଭାବେ ନିର୍ମାଣ କରାଯାଉଥିଲା, ଏହାକୁ ଚେଲେଞ୍ଜକରି ମାର୍ଫତଦାର ତଥା ଆର.ଟି.ଆଇର ଭଦ୍ରକ ଜିଲ୍ଲା ସଭାପତି ଶ୍ରୀ ପ୍ରକାଶ କୁମାର ଜେନା ମାନ୍ୟବର ଉଚ୍ଚତମ ନ୍ୟାୟଳୟ କଟକରେ W.P.(C) No. - ୨୬୭୪୨/୨୦୨୬ ଆଶ୍ରୟ ନେଇଥିଲେ। CNR No. ODHC010643172026 ମାନ୍ୟବର ହାଇକୋର୍ଟ ଏହି କାର୍ଯ୍ୟ ଉପରେ ରୋକ୍ ଲଗାଇଛନ୍ତି । ମାନ୍ୟବର ହାଇକୋର୍ଟ ରେଭିନ୍ୟୁ ସେକ୍ରେଟାରୀ , ଜିଲ୍ଲାପାଳ, ଭଦ୍ରକ, ବି.ଡ଼ି.ଓ., ଭଦ୍ରକ, ସି.ଡ଼ି.ଓ ଜିଲ୍ଲାପରିଷଦ, ଭଦ୍ରକ, ପି.ଇ.ଓ. କୋରକୋରା ଗ୍ରାମ ପଞ୍ଚାୟତକୁ ସମନ ଜାରି କରିଛନ୍ତି ବର୍ତ୍ତମାନ ଉକ୍ତ 'ମା' ସାତଭଉଣୀ'ଙ୍କ ଶକ୍ତିପୀଠରେ କୌଣସି ବେଆଇନ୍ ନିର୍ମାଣ କାର୍ଯ୍ୟ କରାଯାଇ ପାରିବ ନାହିଁ ।

# ପ୍ରାଥମିକ ଶିକ୍ଷା ବିଭାଗର ପଦୋନ୍ନତିରେ ଅନିୟମିତତା ଅଭିଯୋଗ

ଭୁବନେଶ୍ୱର, ୨୭/୮ (ନି.ପ୍ର): ପ୍ରାଥମିକ ଶିକ୍ଷା ବିଭାଗରେ ଶିକ୍ଷକଙ୍କ ପଦୋନ୍ନତି ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ କରିଛି ବିଏଡ୍ ଶିକ୍ଷା ସହାୟକ ସଂଘ। ବିଶେଷକରି ଢେଙ୍କାନାଳ ଜିଲ୍ଲାରେ ୨୦୧୯ ସଂଶୋଧିତ କ୍ୟାଡର ନିୟମ ଓ ଓଟିଇଟି ଯୋଗ୍ୟତା ସମ୍ପର୍କିତ ନିୟମକୁ ଅଣଦେଖା କରାଯାଇ ପଦୋନ୍ନତି ଦିଆଯାଉଥିବା ସଂଘ ଅଭିଯୋଗ କରିଛି। ସଂଘର ଅଭିଯୋଗ ଅନୁଯାୟୀ, କ୍ୟାଟେଗୋରୀ-୧ରେ ନିଯୁକ୍ତ କେତେକ ଶିକ୍ଷକ ପରବର୍ତୀ ସମୟରେ ଉଚ୍ଚଶିକ୍ଷାଗତ ଯୋଗ୍ୟତା ଓ ଓଟିଇଟି ହାସଲ କରି କ୍ୟାଟେଗୋରୀ-୨ରେ ପଦୋନ୍ନତି ପାଇଛନ୍ତି। ଏହାଦ୍ୱାରା ପୂର୍ବରୁ ଯୋଗ୍ୟତା ହାସଲ କରିଥିବା ଶିକ୍ଷକମାନେ ନିଜ ହକ୍ ରୁ ବଂଚିତ ହେଉଛନ୍ତି। ଇଂଟର-ସେ-ସିନିୟରିଟି ନିର୍ଦ୍ଧାରଣରେ ଓଟିଇଟି ଫଳ ପ୍ରକାଶନ ତାରିଖକୁ ମଧ ଅଣଦେଖା କରାଯାଉଥିବା ଅଭିଯୋଗ ରହିଛି। ଏନେଇ ପୂର୍ବରୁ ବିଭାଗୀୟ ଅଧିକାରୀଙ୍କୁ ତଥ୍ୟ ଓ ପ୍ରମାଣ ସହ ଅବଗତ କରାଯାଇଥିଲେ ମଧ ପଦକ୍ଷେପ ନିଆଯାଇନଥିବା ସଂଘ କହିଛି। ଅଗଷ୍ଟ ୨୧ରେ ଢେଙ୍କାନାଳ ଜିଲ୍ଲା ଶିକ୍ଷାଧିକାରୀ ଇନ୍‌ସର୍ଭିସ୍ ଉଚ୍ଚଯୋଗ୍ୟତାଧାରୀ ଶିକ୍ଷକଙ୍କ ତଥ୍ୟ ଓ ଦଲିଲ ମାଗିଥିଲେ ବୋଲି ମଧ ସଂଘ ଦର୍ଶାଇଛି। ସଠିକ୍ ଯାଂଚ କରି ପଦୋନ୍ନତି ତାଲିକା ପୁନଃ ପ୍ରକାଶ, ନିୟମବିରୋଧୀ ନିଯୁକ୍ତି/ ପଦୋନ୍ନତିର ତଦନ୍ତ ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସଂଘ ଦାବି କରିଛି। ଦାବି ପୂରଣ ନହେଲେ ମାନବାଧିକାର ଆୟୋଗ, ଭିଜିଲାନ୍ସ ଓ ଉଚ୍ଚନ୍ୟାୟାଳୟଙ୍କ ଆଶ୍ରୟ ନେବା ସହ ଆନ୍ଦୋଳନ କରାଯିବ ବୋଲି କାର୍ଯ୍ୟକାରୀ ସଭାପତି ଦୁର୍ଯ୍ୟୋଧନ ଦାସ, ସଭାପତି ଅଜୟ କୁମାର ଧଳ ଓ ସାଧାରଣ ସମ୍ପାଦକ ଡ. ଦେବେନ୍ଦ୍ର କୁମାର ନାୟକ କହିଛନ୍ତି।

# ପାଣି ଘେରରେ ରହିଥିବା ଲୋକଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କଲେ ରେମୁଣା ବିଧାୟକ



ବାଲେଶ୍ୱର, ୨୭/୮ (ନି.ପ୍ର): ଲଗାତାର ବର୍ଷା କାରଣରୁ ସୃଷ୍ଟି ହୋଇଥିବା ବନ୍ୟା ପରିସ୍ଥିତି ଯୋଗୁଁ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଥିବାବେଳେ ଅନେକ ଗ୍ରାମ ଏବେ ମଧ ପାଣି ଘେରରେ ରହିଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ଗୁରୁବାର ରେମୁଣା ନିର୍ବାଚନ ମଣ୍ଡଳୀର ଶେରଗଡ, ବରୁଣସିଂ, ଶାସଙ୍ଗ ଆଦି ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ସକାଳ ପ୍ରାୟ ୧୧ ଘଟିକା ସମୟରେ ସରକାରୀ ଉପମୁଖ୍ୟ ସଚେତକ ତଥା ବିଧାୟକ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ ପହଞ୍ଚି ପାଣି ଘେରରେ ଥିବା ଲୋକମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ବନ୍ୟା ପାଣି ହ୍ରାସ ପାଇଥିଲେ ମଧ ଅନେକ ପରିବାର ଏବେ ମଧ ଜଳବନ୍ଦୀ ଅବସ୍ଥାରେ ରହିଥିବାରୁ ସେମାନଙ୍କ ଦୈନିକ ଜୀବନ ଦୁର୍ବିଷହ ହୋଇପଡ଼ିଛି। ଏହି ପରିସ୍ଥିତିରେ ପ୍ରଭାବିତ ପରିବାରମାନଙ୍କୁ ତୁରନ୍ତ ସହାୟତା ଯୋଗାଇବାକୁ ବିଧାୟକ ଶ୍ରୀ ଦାସଙ୍କ ପକ୍ଷରୁ ଏହି ପଦକ୍ଷେପ ଗ୍ରହଣ କରାଯାଇଥିଲା।

# ରାକ୍ଷୀରେ ଗଛକୁ ବାନ୍ଧିଲେ ସମ୍ପର୍କର ସୂତା: ରକ୍ଷା ବନ୍ଧନରେ ଗଛ ସୁରକ୍ଷାର ନିଆରା ବାର୍ତ୍ତା ଦେଲେ ଗଣେଶ ସାର୍



ବସ୍ତା , ୨୭/୮ (ନି.ପ୍ର): ପବିତ୍ର ରକ୍ଷା ବନ୍ଧନ ଅବସରରେ ଭାଇ-ଭଉଣୀଙ୍କ ସ୍ନେହ ଓ ସୁରକ୍ଷାର ପବିତ୍ର ସମ୍ପର୍କକୁ ଏକ ନୂଆ ଅର୍ଥ ଦେଇଛନ୍ତି ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକର ଆଦର୍ଶ ଶିକ୍ଷକ ଗଣେଶ ଚନ୍ଦ୍ର ଜେନା।ରକ୍ଷା ବନ୍ଧନର ଏହି ପବିତ୍ର ଦିନରେ ସେ ଅରଣ୍ୟ ଓ ପରିବେଶକୁ ଭୁଲି ନାହାନ୍ତି। ମଣିଷ ଓ ଗଛ ମଧ୍ୟରେ ଥିବା ନିବିଡ଼ ସମ୍ପର୍କକୁ ମନେ ପକାଇବା ସହ ଗଛଗୁଡ଼ିକରେ ରାକ୍ଷୀ ବାନ୍ଧି ଏକ ନିଆରା ସଚେତନତାର ବାର୍ତ୍ତା ଦେଇଛନ୍ତି। ତାଙ୍କ ଏହି ଅଭିନବ ପଦକ୍ଷେପ ମାଧ୍ୟମରେ ସେ ବୁଝାଇଛନ୍ତି ଯେ, ଗଛ କେବଳ ପ୍ରକୃତିର ଅଂଶ ନୁହେଁ; ଏହା ମଣିଷ ଜୀବନର ଏକ ଅବିଚ୍ଛେଦ୍ୟ ସାଥୀ। ଗଛ ଆମକୁ ଅମ୍ଳଜାନ, ଛାୟା, ଫଳ, ଔଷଧ ଓ ଜୀବନ ଧାରଣ ପାଇଁ ଆବଶ୍ୟକ ପରିବେଶ ଦେଇଥାଏ। ତେଣୁ ଯେପରି ଭାଇ-ଭଉଣୀ ପରସ୍ପରର ସୁରକ୍ଷାର ସଂକଳ୍ପ ନିଅନ୍ତି, ସେହିପରି ଗଛ ଓ ପରିବେଶର ସୁରକ୍ଷା କରିବା ମଧ ଆମ ସମସ୍ତଙ୍କ ଦାୟିତ୍ୱ। ଗଛରେ ରାକ୍ଷୀ ବାନ୍ଧି ଗଣେଶ ସାର ମଣିଷ ସମାଜକୁ ଯେଉଁ ବାର୍ତ୍ତା ଦେଇଛନ୍ତି, ତାହା ଆଜିର ସମୟରେ ଅତ୍ୟନ୍ତ ପ୍ରାସଙ୍ଗିକ। ତାଙ୍କର ଏହି ପରିବେଶପ୍ରେମୀ ପ୍ରୟାସ ସ୍ଥାନୀୟ ଅଞ୍ଚଳରେ ଏକ ସୁନ୍ଦର ଉଦାହରଣ ସୃଷ୍ଟି କରିଛି।"ଗଛକୁ ରକ୍ଷା କରିବା ଅର୍ଥ ନିଜ ଜୀବନ କୁ ରକ୍ଷା କରିବା"। ଏହି ସନ୍ଦେଶ ସହ ରକ୍ଷା ବନ୍ଧନକୁ ପରିବେଶ ସୁରକ୍ଷାର ଏକ ନୂଆ ଅଭିଯାନରେ ପରିଣତ କରିଛନ୍ତି ଗଣେଶ ସାର।ତାଙ୍କର ଏହି ନିଆରା ପ୍ରୟାସ ଆମ ସମସ୍ତଙ୍କୁ ଗୋଟିଏ କଥା ମନେ ପକାଇ ଦିଏ—"ଗଛ ସହ ସମ୍ପର୍କ ଯୋଡ଼ନ୍ତୁ, ପ୍ରକୃତିକୁ ରକ୍ଷା କରନ୍ତୁ। ପ୍ରକୃତି ବଞ୍ଚିଲେ ହିଁ ମଣିଷ ସମାଜ ବଞ୍ଚିବ।

# ନେପାଳରେ ବନ୍ୟା ପୀଡିତାଙ୍କ ପାଇଁ ପ୍ରାର୍ଥନା କଲେ ରାଜ୍ୟପାଳ

ଭୁବନେଶ୍ୱର, ୨୭/୮ (ନି.ପ୍ର): ନେପାଳରେ ବନ୍ୟା ପୀଡିତାଙ୍କ ପାଇଁ ପ୍ରାର୍ଥନା କରିଛନ୍ତି ରାଜ୍ୟପାଳ ଡ.ହରିବାବୁ କମ୍ଭମପତି । ଏନେଇ ସୋସିଆଲ ମିଡିଆ ଏକ୍ସରେ ରାଜ୍ୟପାଳ କହିଛନ୍ତି ଯେ, ନେପାଳରେ ଭୟାବହ ବନ୍ୟା ଯୋଗୁଁ ପ୍ରଭାବିତ ଲୋକମାନଙ୍କ ପାଇଁ ମୋର ଚିନ୍ତା ଓ ପ୍ରାର୍ଥନା ରହିଛି। ନିଜ ପ୍ରିୟଜନଙ୍କୁ ହରାଇଥିବା ପରିବାରଗୁଡ଼ିକ ପ୍ରତି ମୁଁ ହୃଦୟରୁ ସମବେଦନା ଜଣାଉଛି ଏବଂ ପ୍ରଭାବିତ ସମସ୍ତଙ୍କ ସୁରକ୍ଷା ପାଇଁ ପ୍ରାର୍ଥନା କରୁଛି। ଏହି କଠିନ ସମୟରେ ଓଡ଼ିଶା ନେପାଳବାସୀଙ୍କ ସହ ଦୃଢ଼ ଭାବେ ଠିଆ ହୋଇଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ପ୍ରଭାବିତ ସମସ୍ତଙ୍କୁ ଏହି ସଙ୍କଟର ସାମ୍ନା କରିବା ପାଇଁ ଶକ୍ତି ଓ ସାହସ ପ୍ରଦାନ କରନ୍ତୁ ଏବଂ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ନିୟୋଜିତ ସମସ୍ତ କର୍ମଚାରୀଙ୍କୁ ସୁରକ୍ଷା ପ୍ରଦାନ କରନ୍ତୁ।






# ରାକ୍ଷୀ ପୂର୍ଣ୍ଣିମାରେ ଗୋମାତା ପୂଜନ ସହ ସ୍ନେହ ସମ୍ପର୍କର ଡୋରି ବାନ୍ଧିଲେ ସିଗମା ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ



ଖୋର୍ଦ୍ଧା, ୨୭/୮ (ନି.ପ୍ର): ସ୍ନେହ ଓ ସମ୍ପର୍କର ପବିତ୍ର ବନ୍ଧନର ପର୍ବ ରକ୍ଷାବନ୍ଧନ ଅବସରରେ ସିଗମା ପବ୍ଲିକ ସ୍କୁଲର ଛାତ୍ରଛାତ୍ରୀ ଏକ ନିଆରା ପରମ୍ପରାର ପରିଚୟ ଦେଇଛନ୍ତି। ରାକ୍ଷୀ ପୂର୍ଣ୍ଣିମା ଅବସରରେ ଛାତ୍ରଛାତ୍ରୀମାନେ ରାମକୃଷ୍ଣ ଗୋଧାମକୁ ଯାଇ ଗୋମାତା ଓ ବଳଦଙ୍କୁ ପୂଜା କରିବା ସହ ରାକ୍ଷୀ ବାନ୍ଧିଥିଲେ। ରାକ୍ଷୀ ପୂର୍ଣ୍ଣିମାକୁ ଗହ୍ମା ପୂର୍ଣ୍ଣିମା ମଧ କୁହାଯାଏ। ଏହି ଦିନ ମହାପ୍ରଭୁ ବଳଭଦ୍ରଙ୍କ ଜନ୍ମଦିନ ଭାବେ ପାଳିତ ହୁଏ। ପୁରାତନ ପରମ୍ପରା ଅନୁଯାୟୀ ଏହି ଦିନ ଗୋମାତାଙ୍କ ପୂଜାର ବିଶେଷ ମହତ୍ତ୍ୱ ରହିଛି। ଏହି ପରମ୍ପରାକୁ ବଜାୟ ରଖିବା ଓ ଛାତ୍ରଛାତ୍ରୀଙ୍କ ମନରେ ଗୋ ସୁରକ୍ଷା ଓ ଜୀବଦୟାର ଭାବନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଗୋ ପୂଜନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଛାତ୍ରଛାତ୍ରୀମାନେ ଗୋମାତା ଓ ବଳଦଙ୍କୁ ହଳଦୀ ପାଣିରେ ଗାଧୋଇ ଚନ୍ଦନ, ସିନ୍ଦୂର ଓ ଫୁଲ ଲଗାଇଥିଲେ। ପରେ ବେଦମନ୍ତ୍ର ଉଚ୍ଚାରଣ ସହ ପୂଜାର୍ଚ୍ଚନା କରି ରାକ୍ଷୀ ବାନ୍ଧିବା ସହ ଫଳ ଅର୍ପଣ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଅନୁଷ୍ଠାନର ଅଧକ୍ଷା ମମତାଞ୍ଜଳି ପଟ୍ଟନାୟକଙ୍କ ନେତୃତ୍ୱରେ ଉପାଧ୍ୟକ୍ଷ ତୁଷାର ରଞ୍ଜନ ମହାନ୍ତି, ଶିକ୍ଷୟିତ୍ରୀ ଲିମନ୍ ବଡ଼ଜେନା, ଶୁଭଦର୍ଶିନୀ ଦାଶ, ଦୀପ୍ତି ରଞ୍ଜନ ରଣା, ମାନସ ରଞ୍ଜନ ମହାପାତ୍ର ଏବଂ ଗୋଧାମର ଆବାହକ ରାଧାମୋହନ ପ୍ରଧାନ, ଉଡ଼ିତ୍ୟ ନାରାୟଣ ପ୍ରହରାଜ, ସୌମ୍ୟ ରଞ୍ଜନ ସ୍ୱାଇଁ ପ୍ରମୁଖ ଛାତ୍ରଛାତ୍ରୀଙ୍କ ସହ ମିଶି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରକ୍ଷାବନ୍ଧନ ପୂର୍ବରୁ ଅନୁଷ୍ଠାନର ଛାତ୍ରୀ ଶ୍ରିର୍ତିକା ମହାନ୍ତି, ଶୁଭଲକ୍ଷ୍ମୀ ରଣା, ସଂପନ୍ନା ପ୍ରଧାନ, ଅଭିଲିପ୍ସା ଲେଙ୍କା, ପଦ୍ମିନୀ ଜେନା, ତୃପ୍ତିମୟୀ ସ୍ୱାଇଁ, ଅନନ୍ୟା ମଲ୍ଲିକ ପ୍ରମୁଖ ନିଜ ହାତରେ ବିଭିନ୍ନ ପ୍ରକାରର ରାକ୍ଷୀ ପ୍ରସ୍ତୁତ କରିଥିଲେ। ଶିକ୍ଷୟିତ୍ରୀ ସୁମିତା ତ୍ରିପାଠୀ ଓ ବର୍ଣ୍ଣାଳୀ ମାଜି ଛାତ୍ରୀମାନଙ୍କୁ ରାକ୍ଷୀ ପ୍ରସ୍ତୁତି ସମ୍ପର୍କରେ ଶିକ୍ଷା ପ୍ରଦାନ କରିଥିଲେ। ପରେ ଛାତ୍ରୀମାନେ ଭାଇମାନଙ୍କୁ ଚନ୍ଦନ ଓ ସିନ୍ଦୂର ଲଗାଇ ପୂଜା କରି ରାକ୍ଷୀ ବାନ୍ଧିବା ସହ ମିଠା ଖୁଆଇଥିଲେ। ଏହାଦ୍ୱାରା ଭାଇ-ଭଉଣୀଙ୍କ ମଧ୍ୟରେ ସ୍ନେହ ଓ ସମ୍ପର୍କର ବନ୍ଧନକୁ ଆହୁରି ସୁଦୃଢ଼ କରାଯାଇଥିଲା। ଅନୁଷ୍ଠାନର ଚେୟାରମ୍ୟାନ୍ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ପବିତ୍ର ରକ୍ଷାବନ୍ଧନ ଅବସରରେ ଭାଇ-ଭଉଣୀଙ୍କ ସ୍ନେହର ଡୋରି ସହ ଗୋ ପୂଜନର ମହତ୍ତ୍ୱ ଓ ଗୋ ସୁରକ୍ଷା ପରମ୍ପରା ସମ୍ପର୍କରେ ଛାତ୍ରଛାତ୍ରୀ ଓ ସମସ୍ତଙ୍କୁ ସଚେତନ କରିଥିଲେ। ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଭାରତୀୟ ପରମ୍ପରା, ଜୀବଦୟା ଓ ଗୋ ସୁରକ୍ଷାର ବାର୍ତ୍ତା ଛାତ୍ରଛାତ୍ରୀଙ୍କ ମଧ୍ୟରେ ପହଞ୍ଚିପାରିଛି।

# ବିଦ୍ୟାଳୟର ମାଟି ମାଡ଼ି ନାହାଁନ୍ତି 'ଚିଲଗି' ଓ 'ଅଜୟ'

ଉଦଳା , ୨୭/୮ (ନି.ପ୍ର): କପ୍ତିପଦା ବ୍ଲକର ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ ମାଙ୍କଡ଼ପଡ଼ା ଗ୍ରାମର ବାସିନ୍ଦା ଭୀମ ସିଂଙ୍କର ୮ବର୍ଷ ବୟସର କନ୍ୟା 'ଚିଲଗି' ଓ ୭ବର୍ଷ ବୟସର ପୁତ୍ର 'ଅଜୟ' ଏ ପର୍ଯ୍ୟନ୍ତ ବିଦ୍ୟାଳୟର ମାଟି ମାଡ଼ିନଥିବାର କଥା ପରିବାରର ଲୋକେ ଜଣାଇଛନ୍ତି । ଅନେକ ସମୟରେ ପିଲାଙ୍କ ନାମ ବିଦ୍ୟାଳୟ ଖାତାରେ ଗଡ଼ିଚାଲିଥିଲେ ମଧ ଏହା ଛାତ୍ର ଛାତ୍ରୀ ଓ ଅବିଭାବକ କାହାକୁ ଜଣାନଥାଏ । ଏପରି ଦୃଶ୍ୟ ସମଗ୍ର କପ୍ତିପଦା ଉପଖଣ୍ଡରେ ସରକାରୀ ବିଦ୍ୟାଳୟ ମାନଙ୍କରେ ବହୁଳ ଭାବରେ ଦେଖିବାକୁ ମିଳେ । ଏହା ଏକ ନିତି ଦିନିଆ ଘଟଣା ବୋଲି ଏବେ ସାଧାରଣରେ ଚର୍ଚ୍ଚା ହେଉଛି । ପିଲାଏ ବିଦ୍ୟାଳୟ ନଆସିଲେ ତାଙ୍କ ନାମରେ ପଡୁଥିବା ମଧାହ୍ନ ଭଜନ, ପୋଷାକ ଇତ୍ୟାଦି ଚଳୁ କରିବା ସରକାରୀ ବାବୁଙ୍କ ପକ୍ଷେ ସହଜ ହୋଇଥାଏ ବୋଲି ଅନେକ କହିଛନ୍ତି । ତେବେ 'ଚିଲଗି' ଓ 'ଅଜୟ'ଙ୍କ କ୍ଷେତ୍ରରେ ବାସ୍ତବ ଚିତ୍ର କଣ ତାହା ତଦନ୍ତ ପରେ ଜଣାପଡ଼ିବ ବୋଲି କୁହାଯାଉଛି । ଏଇ ଦୁଇ ପିଲାଙ୍କର ଆଧାର କାର୍ଡ଼ ନଥିବା ଯୋଗୁଁ ପରିବାରକୁ ମିଳିଥିବା ରାସନକାର୍ଡ଼ରେ ତାଙ୍କର ନାମ ଯୋଡ଼ାଯାଇ ପାରୁ ନାହିଁ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida